READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ | ସଂଖ୍ୟା-୧୮ | ୧୬ - ୨୨ ମଇ, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-18 | 16th - 22nd MAY, 2022 | BHUBANESWAR | ₹ 5/- (8 Pages)

### ଲେମ୍ବୁ ପରେ ଟମାଟୋ ଦର ଆକାଶଛୁଆଁ, ଚିକେନ୍ କେଜି ୩୦୦

## ବେପାରୀ ମାଲେମାଲ, ଖାଉଟି ବେହାଲ

**ଭୁବନେଶ୍ୱର :** ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ବୋଲି ସଭିଏଁ ଜାଣନ୍ତି। ହେଲେ ରାଜଧାନୀରେ ମିଳୁନି ଓଡ଼ିଶା ପରିବା। ବାହାର ରାଜ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଓଡ଼ିଶା ବଜାର। ପନିପରିବା ଠାରୁ ଆରମ୍ଭ କରି ଅଣ୍ଡା, ଚିକେନ ସବୁ ବାହାର ରାଜ୍ୟରୁ ଆସୁଛି। ଆଳୁ ଉତ୍ପାଦନ ନାଁରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ବି ବାସ୍ତବ ଚିତ୍ର ହେଉଛି ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରୁ ଓଡ଼ିଶାକୁ ଆଳୁ ଆସୁଛି। ସେହିଭଳି ଟମାଟୋ ଓ ପିଆଜ ନାସିକ ଓ ରାୟପୁରରୁ ଆସୁଛି ଏବଂ ଜହ୍ନି, ପୋଟଳ ଓ ବାଇଗଣ କୋଲକାତାରୁ ଏବଂ ତାମିଲନାଡୁରୁ



ଆସୁଛି କଖାରୁ। ବିନ୍‌ସ ସହ ଅନ୍ୟାନ୍ୟ ପନିପରିବା ରାଞ୍ଚିରୁ ଆସୁଛି। ଓଡ଼ିଶା ବଜାରରେ ଯେକୌଣସି ପରିବାକୁ ଉଠାଇ ଧରିଲେ ଏହା ବାହାର ରାଜ୍ୟରୁ ଆସୁଥିବା ସ୍ପଷ୍ଟ ଜଣାପଡେ। ପରିବା ଦର ବୃଦ୍ଧି ସମ୍ପର୍କରେ ବିକ୍ରେତାଙ୍କୁ ପଚାରିଲେ, ସେମାନେ କହୁଛନ୍ତି ଆମ ରାଜ୍ୟରେ ତ କିଛି ହେଉନାହିଁ ବାହାର ରାଜ୍ୟରୁ ଯେହେତୁ ଆସୁଛି ଦର ଅଧିକ ରହିବ। ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ହେତୁ ଗତ କିଛିଦିନ ତଳେ ଲେମ୍ବୁ ଗୋଟାକୁ ୧୫ ରୁ ୨୦ ଟଙ୍କା ହୋଇଥିଲା। ଏବେ ଟମାଟୋ କିଲୋ ୧୦୦ ପାର୍। ଅନ୍ୟ ପରିବା ଦର ମଧ ପୂର୍ବାପେକ୍ଷା ଢେର ବଢ଼ିଛି। ତୈଳ ଦର ବୃଦ୍ଧି ହେତୁ ଓଡ଼ିଶାକୁ ପନିପରିବା, ମାଛ, ବ୍ରଏଲର କୁକୁଡା ଓ କଦଳୀ ଆସୁଥିବାରୁ ପରିବହନ ଖର୍ଚ୍ଚ ଅଧିକ ରହୁଛି। ତେଣୁ ରାଜଧାନୀ ବଜାରରେ ପରିବା ଦର ଆକାଶଛୁଆଁ। ଅନ୍ୟପକ୍ଷରେ ଯୋଗାଣ ବିଭାଗ ପରିବା ଦର ନିର୍ଦ୍ଧାରଣ କରୁ ନଥିବାରୁ ଏହା ସମ୍ପୂର୍ଣ୍ଣ ବ୍ୟବସାୟୀଙ୍କ ହାତକୁ ଚାଲିଯାଉଛି। ଏମିତିକି ଦେଖାଯାଇଛି ବ୍ୟବସାୟୀମାନେ ଅନେକ ସମୟରେ ଜାଣିଶୁଣି ଆମଦାନୀ ହ୍ରାସ କରି ଗ୍ରାହକଙ୍କ ଠାରୁ ମାତ୍ରାଧିକ ଲାଭ ଉଠାଉଛନ୍ତି। ସୂଚନା ଅନୁସାରେ ଆମ ରାଜ୍ୟରେ ୨ଲକ୍ଷ ୯୬ ହଜାର ୮୪୮ ମେଟ୍ରିକ୍ ଟନ୍‌ର ଆଳୁ, ୩ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍‌ର ପିଆଜ, ୪ ଲକ୍ଷ ୬୫ ହଜାର ମେଟ୍ରିକ୍ ଟନ୍‌ର କଖାରୁ, ୧୪ ଲକ୍ଷ ୩୨ ହଜାର ମେଟ୍ରିକ୍ ଟନ୍‌ର ଟମାଟୋ, ୧ ଲକ୍ଷ ୨୭ ହଜାର ମେଟ୍ରିକ୍ ଟନ୍‌ର କଞ୍ଚା କଦଳୀ, ୫୭ ହଜାର ୫୪୨ ମେଟ୍ରିକ୍ ଟନ୍‌ର ବିନ୍‌ସ, ୧ଲକ୍ଷ ୧୬ ହଜାର ମେଟ୍ରିକ୍ ଟନ୍‌ର କଲରା, ୧ଲକ୍ଷ ୪୬ ହଜାର ➤ ପୃ-୬

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ନୂଆ ବିବାଦ

## ଦାନା ବାନ୍ଧିବ କି ଆନ୍ଦୋଳନ

**ଭୁବନେଶ୍ୱର :** ଦିନକୁ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ନୂଆ ନୂଆ ବିବାଦ ଦେଖାଦେଉଛି। ଶ୍ରୀମନ୍ଦିର ଠାରୁ ୭୫ ମିଟର ମଧ୍ୟରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ ତୁଟି ନଥିବା ବେଳେ ପୁଣି ଏକ ନୂଆ ବିବାଦ ଦେଖା ଦେଇଛି। ଏହି ବିବାଦ ଆରମ୍ଭ ହୋଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସାଂସ୍କୃତିକ ଉପଦେଷ୍ଟା କମିଟି (ସିଏସି) ବୈଠକ ପରେ। ଏହି ବୈଠକରେ ନିଷ୍ପତ୍ତି ହୋଇଛି ଯେ ଶ୍ରୀଜଗନ୍ନାଥ ରିସେପସନ୍ ସେଣ୍ଟର ସ୍ଥାନାନ୍ତର ହେବ। ଶହେ ମିଟରର ପ୍ରୋହିବିଟେଡ୍ ଏରିଆ ଭିତରେ ଚାଲିଥିବା ଏହି ଅଭ୍ୟର୍ଥନା କେନ୍ଦ୍ରକୁ ୨ଶହ ମିଟରର ରେଗୁଲେଟେଡ୍ ଏରିଆକୁ ଉଠାଇ ନିଆଯିବ। ଯେ କୌଣସି ଐତିହ୍ୟ ସ୍ଥଳର



ଶହେ ମିଟର ଭିତରେ କୌଣସି ପ୍ରକାର ଖନନ ବେଆଇନ୍ ବୋଲି ଏଏସ୍ଆଇ ଡିଜିଙ୍କ ପରାମର୍ଶକୁ ଦୃଷ୍ଟିରେ ରଖି ଖୋଦ୍ ଗଜପତି ମହାହାରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହୋଇଛି ଏହି ନିଷ୍ପତ୍ତି। ଆଉ ଏହି ନିଷ୍ପତ୍ତି ପୋତିଛି ବିବାଦର ନୂଆ ମଞ୍ଜି, ଯାହା ଆନ୍ଦୋଳନର ରୂପ ବି ନେଇପାରେ। ୧୦୦ ମିଟର ରେଗୁଲେଟେଡ୍ ଏରିଆକୁ ➤ ପୃ-୬

### ଆପାର୍ଟମେଣ୍ଟ ନିୟମାବଳୀର ବୈଧତାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

## ସମାଧାନ ନହେବା ଯାଏ ପଞ୍ଜୀକରଣ ବନ୍ଦ

**କଟକ :** ଫ୍ଲାଟ୍ ମାଲିକାନା (ଓନରସିପ୍)କୁ ନେଇ 'ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି(ରେରା)' ଗୋଟେ କଥା କହୁଥିଲାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ 'ଆପାର୍ଟମେଣ୍ଟ ଓନରସିପ୍ ଆଇନ' ଆଉ ଗୋଟେ କଥା କହୁଛି। ତେଣୁ ଫ୍ଲାଟ୍‌ର ଜାଗାକୁ ନେଇ ବିବାଦର ସମାଧାନ ହୋଇପାରୁନାହିଁ। ଏହି ସମାଧାନର ବାଟ ବାହାରିବା ପର୍ଯ୍ୟନ୍ତ ରେରା ଆଇନର ଉଲ୍ଲଂଘନ କରୁଥିବା ଫ୍ଲାଟ୍‌ର ପଞ୍ଜିକରଣ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ ବର୍ତ୍ତମାନ ପାଇଁ କୌଣସି ଫ୍ଲାଟ୍‌ର କିଣାବିକା ଉପରେ ଅଦାଲତ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ଅଦାଲତଙ୍କ ଏହି ଅନ୍ତରୀଣ ଆଦେଶକୁ ଇନ୍ସପେକ୍ଟର ଜେନେରାଲ୍ ଅଫ ରେଜିଷ୍ଟ୍ରେସନ୍ (ଆଇଜିଆର) ତୁରନ୍ତ କାର୍ଯ୍ୟକାରୀ କରିବେ। କୌଣସି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଫ୍ଲାଟ୍ କିଣାବିକା ଯେପରି ନହୁଏ ସେ ସଂକ୍ରାନ୍ତରେ ଆଇଜିଆର୍ ଏକ ନିର୍ଦ୍ଦେଶନାମା ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି



ସମସ୍ୟାର ସମାଧାନ ପାଇଁ ରେରା କର୍ତ୍ତୃପକ୍ଷ, ରାଜ୍ୟ ସରକାର ଏବଂ ଆଇଜିଆର ମଧ୍ୟରେ ଆସନ୍ତା ଏକ ସପ୍ତାହ ମଧ୍ୟରେ ଏକ ବୈଠକ ବସିବ। ଏହି ବୈଠକର ନିଷ୍କର୍ଷ ସଂକ୍ରାନ୍ତରେ ରାଜ୍ୟ ସରକାର ସତ୍ୟପାଠ ଜରିଆରେ ଅଦାଲତଙ୍କୁ ଅବଗତ କରାଇବେ। ବିମଳେନ୍ଦୁ ପ୍ରଧାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ଆସନ୍ତା ଜୁନ୍ ୨୨ ତାରିଖକୁ ଧାର୍ଯ୍ୟ ହୋଇଛି। ନିୟମ ଅନୁଯାୟୀ, କୌଣସି ➤ ପୃ-୬

## 'ମୋଦି ସରକାରରେ ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରାଧାନ୍ୟ'

**ନୂଆଦିଲ୍ଲୀ/ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ମେଡ଼ିକାଲ କଲେଜ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ସାକ୍ଷାତ୍ ଦେଇ କହିଛନ୍ତି ଯେ ନରେନ୍ଦ୍ର ମୋଦି ଦେଶରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଦେଶ ଏବଂ ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୂତ୍ ହେଉଛି। କେନ୍ଦ୍ର ଓ ରାଜ୍ୟର ମିଳିତ ଭାଗିଦାରୀରେ ଓଡ଼ିଶାରେ ବାଲେଶ୍ୱର, ମୟୂରଭଞ୍ଜ, ବଲାଙ୍ଗୀର, କୋରାପୁଟ, ପୁରୀ, ଯାଜପୁର ଓ କଳାହାଣ୍ଡିରେ ମେଡ଼ିକାଲ କଲେଜର କାମ କିଛି ଶେଷ ହୋଇଥିବା ବେଳେ କିଛି



କାମ ଜାରୀ ରହିଛି। ଏନଟିପିସି ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏବଂ ଏମସିଏଲ ଦ୍ୱାରା ତାଳଚେରରେ ମେଡ଼ିକାଲ କଲେଜ ସ୍ଥାପନା କରାଯାଇଛି। ସେହିପରି କଟକ, ସମ୍ବଲପୁର ଏବଂ ବ୍ରହ୍ମପୁରରେ ପିଜି ସିଟ୍ ସଂଖ୍ୟା ବୃଦ୍ଧି ସହ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ପାଇଁ ମୋଦି ସରକାର ମୁକ୍ତ ହସ୍ତରେ ରାଜ୍ୟକୁ ସହଯୋଗ କରୁଛନ୍ତି। ଏହି ସବୁ ପଦକ୍ଷେପ ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଧିକ ସୁଦୃଢ଼ ହେଉଛି। ମୋଦି ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନୀତି କାରଣରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପୁଳ ପୁଞ୍ଜି ନିବେଶ ହେଉଛି। ଜନଜାତି ଅଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରି ନାଗରିକ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୋଦି ସରକାର କଟିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି ବହୁ ପ୍ରତିକ୍ଷୀତ ଅନୁଗୋଳ ଜିଲ୍ଲା ତାଳଚେରରେ ମେଡ଼ିକାଲ କଲେଜ ଖୁବଶୀଘ୍ର ପୂର୍ଣ୍ଣାଙ୍ଗ ହେଉଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତାଳଚେରରେ ୪୯୨ କୋଟି ବ୍ୟୟରେ ମହାନଦୀ ➤ ପୃ-୬

### ବକ୍ରବାଣୀ



ବାଇଶ୍ ବରଷ ଶାସନ କରି
ବାପାଙ୍କ ସପନ ହଉନି ସାରି
ତାଙ୍କ ଦେଖା ଦେଖି ରହିଲେ ଯେତେ
ସପନ ଦେଖିଲେ କାହିଁରେ କେତେ
ଛାଡ଼ି ଚାଲିଯା'ନ୍ତି ଅଧୁରା ସ୍ୱପ୍ନ
ପୁଅ ମାଇପ କି କରିବେ ପୂର୍ଣ୍ଣ
ଗରିବ ପେଟକୁ ଗୋଇଁଠା ମାରି
ନିଜ ଅମାରକୁ ଦେବେକି ଭରି
ଧନ୍ୟ ପ୍ରଭୁ ତୁମ ଲୀଳା ଅପାର
ସ୍ୱପ୍ନ ଦେଇନାହଁ ବନ୍ଧୁ ସଂସାର।

——— ଟୁଟୁ

### ରାଜ୍ୟସଭା ପାଇଁ ସୁପ୍ରିମୋଙ୍କ ଫୋନ୍ କଲ ଅପେକ୍ଷାରେ ନେତା

## ଆସନ ୩, ଆଶାୟୀ ଅନେକ

**ଭୁବନେଶ୍ୱର :** ଜୁନ୍ ୧୦ରେ ଦେଶର ୧୫ଟି ରାଜ୍ୟର ୫୭ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ। ଏଥିରେ ଓଡ଼ିଶାର ୩ଟି ଆସନ ରହିଛି। ଜୁଲାଇ ୧ ତାରିଖରେ ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ଏନ୍. ଭାସ୍କର ରାଓ, ଡକ୍ଟର ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ସରୁଛି। ଏହି ୩ ଜଣଙ୍କ ସ୍ଥାନରେ ବିଜେଡି କାହାକୁ ରାଜ୍ୟସଭା ପଠାଇବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବିରୋଧୀ ଦଳ ପ୍ରାର୍ଥୀ ଦେଲେ ମଧ ବିଧାନସଭାରେ ବିଜେଡିର ଏବେ ଯେତିକି ବିଧାୟକ ଅଛନ୍ତି, ସେମାନଙ୍କ ପ୍ରଥମ ପସନ୍ଦ ଭୋଟ୍‌ରେ ୩ ଜଣ ରାଜ୍ୟସଭାକୁ ନିର୍ବାଚିତ ହେବେ। ବିରୋଧୀ ଦଳ ପ୍ରାର୍ଥୀ ନ ଦେଲେ ଜୁନ୍ ୧୦ ତାରିଖରେ ମତଦାନର ଆବଶ୍ୟକତା ପଡ଼ିବ ନାହିଁ। ତେବେ କେଉଁ ୩ ଜଣଙ୍କୁ ବିଜେଡି ମୁଖିଆ ରାଜ୍ୟସଭାକୁ ପଠାଇବେ ସେ ନେଇ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ରାଜ୍ୟସଭାକୁ ଯିବାକୁ ୨୦୧୯ରୁ ପ୍ରତିଶ୍ରୁତି ପାଇ ଅପେକ୍ଷା କରି ରହିଛନ୍ତି ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଓ ପୂର୍ବତନ ବିଧାୟକ ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ। ଏହି ଦୁଇ ଜଣଙ୍କ ବ୍ୟତୀତ ବିଜେଡିରେ ୩୦ରୁ ଅଧିକ ନେତା ଦୌଡ଼ରେ ଅଛନ୍ତି। କିଛି ଶିଳ୍ପପତିଙ୍କ ନାମ ମଧ ଚର୍ଚ୍ଚାକୁ ଆସିଲାଣି। ଓଡ଼ିଶାରୁ ସାଂସଦ ପ୍ରସନ୍ନ ଓ ଭାସ୍କରଙ୍କ ପୂରା ୬ ବର୍ଷିଆ କାର୍ଯ୍ୟକାଳ ସରିବ। ହେଲେ ସସ୍ମିତ ମାତ୍ର ୩ ବର୍ଷ ପାଇଁ ଯାଇଥିଲେ ରାଜ୍ୟସଭା। ପ୍ରତାପ ଦେବ ୨୦୧୯ରେ ଆଳିରୁ ବିଧାୟକ ହେବା ପରେ ତାଙ୍କ ସ୍ଥାନରେ ସସ୍ମିତଙ୍କୁ



ରାଜ୍ୟସଭା ପଠାଇଥିଲା ବିଜେଡି। ୨୦୧୯ରୁ ୨୯ ଜୁନ୍‌ରୁ ୩ ବର୍ଷ ପାଇଁ ରାଜ୍ୟସଭା ଯାଇଥିଲେ ସସ୍ମିତ। ରାଜ୍ୟସଭାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଭାବେ ଦଳର ଆଭିମୁଖ୍ୟ ଜାତୀୟ ସ୍ତରରେ ଠିକଣା ଢଙ୍ଗରେ ଉପସ୍ଥାପନ କରି ସସ୍ମିତ ନିଜ ଦକ୍ଷତା ପ୍ରମାଣିତ କରିଛନ୍ତି। ଏହାସହ ସଂଖ୍ୟାଲଘୁ ନେତା ଭାବେ ତାଙ୍କର ପ୍ରଭାବ ବି ରହିଛି। ତେଣୁ ସସ୍ମିତଙ୍କୁ ବିଜେଡି ପୁଣି ଥରେ ରାଜ୍ୟସଭା ପଠାଇବା ସମ୍ଭାବନା ଅଧିକ।

ଏଥର ପଞ୍ଚାୟତ ନିର୍ବାଚନରେ ପଶ୍ଚିମ ଓଡ଼ିଶାରେ ବିଜେପି ଗଡ଼ ଭାଙ୍ଗି ଦେଇଛି ବିଜେଡି। ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ସରିଲେ ବି ତାଙ୍କ ସ୍ଥାନରେ ସେଇ ପଶ୍ଚିମ ଓଡ଼ିଶାରୁ ହିଁ ଜଣଙ୍କୁ ରାଜ୍ୟସଭା ପଠାଇବା ସମ୍ଭାବନା ରହିଛି। ବଡ଼ ପ୍ରଶ୍ନ ହେଲା ଭେଟେରାନ ପ୍ରସନ୍ନଙ୍କୁ ଦଳ ପୁଣି ରାଜ୍ୟସଭା ପଠାଇବ ନା ନାହିଁ? ଯଦି ପ୍ରସନ୍ନ ହଟିବେ, ତେବେ ତାଙ୍କ ସ୍ଥାନରେ ପଶ୍ଚିମ ଓଡ଼ିଶାରୁ କିଏ ଆସିବେ? ଏ ତାଲିକାରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଫିସର ଅସିତ ତ୍ରିପାଠୀ, ଇଂ ନଳିନୀକାନ୍ତ ପ୍ରଧାନଙ୍କ ଭଳି ପ୍ରଭାବଶାଳୀ ନାଁ ବି ଚର୍ଚ୍ଚାରେ ଅଛି। ଭାସ୍କର ରାଓଙ୍କ ସ୍ଥାନରେ ଦକ୍ଷିଣ ଓଡ଼ିଶାରୁ କାହାରିକୁ ନବୀନ ରାଜ୍ୟସଭା ପଠାଇପାରନ୍ତି। କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିବା ନବରଙ୍ଗପୁରର ପୂର୍ବତନ ସାଂସଦ ପ୍ରଦୀପ ମାଝୀ ବି ରାଜ୍ୟସଭା ଆସନ ନେଇ ଆଶାୟୀ ଥିବା କୁହାଯାଉଛି। ପଞ୍ଚାୟତ ଭୋଟରେ ନବରଙ୍ଗପୁରରେ ବିଜେଡି ଏକତରଫା ପ୍ରଦର୍ଶନ କରିବା ପରେ ଏ ଚର୍ଚ୍ଚା ଆହୁରି ବଢ଼ିଛି। ସେପଟେ ୨୦୧୯ ନିର୍ବାଚନରେ ଟିକଟରୁ ବଞ୍ଚିତ ହେବା ପରେ ➤ ପୃ-୬




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India
THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

### ଋଣରୁ ମୁକ୍ତି ପାଇବା ପାଇଁ ଚୀନ୍-ପାକ୍ ଗୁପ୍ତ ବୁଝାମଣା

## 'ହୁଞ୍ଜା ଘାଟି'କୁ ଚୀନ୍ ହାତରେ ଟେକିଦେବ ପାକିସ୍ତାନ

**ନୂଆଦିଲ୍ଲୀ :** ସିପିଇସି (ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର)କୁ ନେଇ ଋଣରେ ବୁଡିଥିବା ପାକିସ୍ତାନ ଏଥରୁ ମୁକ୍ତି ପାଇବା ଲାଗି ଚୀନ୍ ସହିତ ଗୋପନ ବୁଝାମଣା କରିଛି। ବୁଝାମଣା ଅନୁସାରେ ଗିଲଗିଟ୍-ବାଲତିସ୍ତାନର ଖଣିଜ ସମ୍ପଦରେ ଭରପୁର 'ହୁଞ୍ଜା ଘାଟି'କୁ ପାକିସ୍ତାନ ଉପହାର ଭାବେ ଚୀନ୍ ହାତରେ ଟେକି ଦେବ। କୁହାଯାଉଛି କି ପଟ୍ଟା ଆକାରରେ ଚୀନ୍‌କୁ ଏହି ଅଞ୍ଚଳ ପ୍ରଦାନ କରାଯିବ। ଫଳରେ ଚୀନ୍ ସେଠାରେ ଖଣି ଖନନ କରି ମୂଲ୍ୟବାନ ସମ୍ପଦକୁ ଲୁଟିନେବ। ଚୀନ୍ କମ୍ପାନିମାନେ ଉକ୍ତ ଅଞ୍ଚଳକୁ କବ୍ଜା କରିବା ପରେ ସେଠାକାର ସ୍ଥିତି ସମ୍ପୂର୍ଣ୍ଣ ଭାବେ ବଦଳିଯିବ। ତେବେ ଏହି ଗୋପନ ରାଜିନାମାକୁ ଗିଲଗିଟ-ବାଲତିସ୍ତାନ ଲୋକେ ବିରୋଧ କରିଛନ୍ତି। ୧୯୬୩ରେ ପାକିସ୍ତାନ ପିଓକେ (ପାକ୍ ଅଧିକୃତ କାଶ୍ମୀର) ର ୫ ହଜାର ବର୍ଗ କି.ମି ଅଞ୍ଚଳରେ ପରିବ୍ୟାପ୍ତ ଶକ୍ସଗାମ ଘାଟି ଚୀନକୁ ଉପହାର ଦେଇଥିଲା। ଯାହାଫଳରେ ପାକିସ୍ତାନ ସବୁଦିନ ପାଇଁ ସେହି ଅଞ୍ଚଳକୁ ହରାଇଥିଲା। ସେହି ଘାଟି ଉପରେ ଏବେ ବି ଚୀନ୍ର କବ୍‌ଜା ବଳବତ୍ତର ରହିଛି। ତେଣୁ ଦୁଇଦେଶ ମଧ୍ୟରେ ଏହି ଗୋପନ ବୁଝାମଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ଲୋକମାନେ ଏହାକୁ ଦୃଢ଼ ବିରୋଧ କରିଛନ୍ତି। ସ୍କାର୍ଦୁ ଠାରେ ସ୍ଥାନୀୟ ଲୋକମାନେ ପାକିସ୍ତାନୀ ସେନା ଓ ପୁଲିସ ଉପରକୁ ଢ଼େଲା ମାଡ଼ କରିଛନ୍ତି। ଏପରିକି ପୁଲିସ ସହ ସେମାନଙ୍କର



ସଂଘର୍ଷ ମଧ ଘଟିଛି। ସେମାନେ ଅଭିଯୋଗ କରିଛନ୍ତି ଯେ ଚୀନ୍ କମ୍ପାନି ଏଠାକୁ ଆସିବା ପରେ ମୂଲ୍ୟବାନ ଖଣିଜ ପଦାର୍ଥ ନେଇଯିବେ। ଏହାଦ୍ୱାରା ସେମାନେ ରୋଜଗାର ହରାଇବେ। ଗିଲଗିଟ୍-ବାଲତିସ୍ତାନର ପର୍ଯ୍ୟଟନ ଓ ସ୍ୱାସ୍ଥ୍ୟମନ୍ତ୍ରୀ ରାଜା ନାସିର ଅଲି ଖାନ୍ ଏବଂ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଘରର ନିଜ ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଯୋଗୁ ମାନସିକ ଅଶାନ୍ତି ଦୂର ହେବ। ଆର୍ଥିକ ଉପାର୍ଜନ ପାଇଁ ଭଲ ନିଷ୍ପତ୍ତି ନେଇପାରନ୍ତି। ଧନପ୍ରାପ୍ତି ଯୋଗ ଅଛି। ଛାତ୍ରମାନେ ଆଶା ଠାରୁ ଅଧିକ ସଫଳ ହେବେ। ପ୍ରତିକାର : ହନୁମାନଙ୍କ ଲାଲ ଫୁଲରେ ପୂଜା କରନ୍ତୁ।

**ବୃଷ** ଆଣ୍ଠୁଗଣ୍ଠି ପୀଡାରେ କଷ୍ଟ ପାଇବେ। କୌଣସି ମୂଲ୍ୟବାନ ବସ୍ତୁ ଚୋରୀ ହୋଇପାରେ। ପରିବାର ଲୋକଙ୍କ ବ୍ୟବହାର ଯୋଗୁ ଦୁଃଖିତ ହେବେ। ଦୂରଯାତ୍ରା ଯୋଗ ଅଛି। ପ୍ରତିକାର : ପ୍ରତିଦିନ ଓଁ ରାହବେ ନମଃ ୨୧ଥର ଜପ କରନ୍ତୁ।

**ମିଥୁନ** ପେଟ ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳିବ। ଖର୍ଚ୍ଚରେ ଲଗାମ ଦିଅନ୍ତୁ। ପରିବାରରେ ସମୟ କଟାନ୍ତୁ। କାର୍ଯ୍ୟକ୍ଷେତ୍ରରେ ବିରୋଧର ସାମନା କରିବେ। ପ୍ରତିକାର : ଓଁ ନମ ଶିବାୟ ଜପ କରନ୍ତୁ।

**କର୍କଟ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ସବୁ କାମ ଦକ୍ଷତାର ସହ ସମାପ୍ତ କରିବେ। ନିଶା ସେବନରୁ ଦୂରରେ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ କଷ୍ଟ ଘରେ ଦେଖାଦେବ। ପ୍ରତିକାର : କେତୁଙ୍କୁ ଧ୍ୟାନ କରନ୍ତୁ।

**ସିଂହ** ମନ ବିଚଳିତ ରହିବ। ଧନ ସମ୍ବନ୍ଧୀୟ କଷ୍ଟ ହୋଇପାରେ। ଉଧାର ବା ଋଣ କରିପାରନ୍ତି। ପରିବାର ପାଇଁ ଶୁଭ ଖବର ପାଇବେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ପ୍ରତିକାର : ସବୁଦିନ ଆଦିତ୍ୟ ହୃଦୟ ପାଠ କରନ୍ତୁ।

**କନ୍ୟା** ପୁରୁଣା ରୋଗରୁ ମୁକ୍ତି ପାଇବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ଆୟରେ ବୃଦ୍ଧି ହେବ। ଶିକ୍ଷାରେ ନୂଆ ନୂଆ ସୁଯୋଗ ପାଇବେ। ଦମ୍ପତିମାନଙ୍କ ମଧ୍ୟରେ ବୁଝାମଣା ବଢ଼ିବ। ପ୍ରତିକାର : ୪୧ଥର ଓ ବୁଧାୟ ନମଃ ଜପ କରନ୍ତୁ।

**ତୁଳା** ଅନେକ ମାଧ୍ୟମରୁ ଅର୍ଥ ପ୍ରାପ୍ତି ଯୋଗ ଅଛି। ଛୋଟ ଭଉଣୀଙ୍କୁ ନୂଆ ଚାକିରୀ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ପାଇପାରନ୍ତି। ଛାତ୍ରମାନେ କମ କଷ୍ଟରେ ଅଧିକ ସଫଳତା ପାଇବେ। ପ୍ରତିକାର : ଓଁ ଭାର୍ଗବାୟ ନମଃ ଜପ କରନ୍ତୁ।

**ବିଛା** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ନିଜ ଲୋକ ବା ବନ୍ଧୁ ଆପଣଙ୍କ ଧାର ମାଗି ପାରନ୍ତି। ଭାଇଭଉଣୀଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ୨୭ଥର ଓଁ ଭୌମାୟ ନମଃ ଜପ କରନ୍ତୁ।

**ଧନୁ** ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆରାମ କରନ୍ତୁ। ଧନର ସଠିକ୍ ଖର୍ଚ୍ଚ କରନ୍ତୁ। ନିଜ ଲୋକଙ୍କ ସହଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ଅଧିକାରୀଙ୍କ ଆକ୍ରୋଶର ଶିକାର ହୋଇପାରନ୍ତି। ପ୍ରତିକାର : ଗୁରୁବାର ଦିନ ତୁଳସୀ ଗଛରେ ଜଳ ଅର୍ପଣ କରନ୍ତୁ।

**ମକର** ଅଧିକ ଭାବନ୍ତୁ ନାହିଁ। ଆୟ ଓ ବ୍ୟୟରେ ବୃଦ୍ଧି ହୋଇପାରେ। ଘରର କିଛି ନିର୍ମାଣ କରିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ର ନିଜେ କିଛି ନିଷ୍ପତ୍ତି ନିଅନ୍ତୁ। ପ୍ରତିକାର : ଶନିବାର ଗରିବ ଲୋକଙ୍କୁ ଦହିଭାତ ଦିଅନ୍ତୁ।

**କୁମ୍ଭ** ଆୟରେ ଅହେତୁକ ବୃଦ୍ଧି ହେବ। ଘର ବା ଗାଡି କିଣି ପାରନ୍ତି। ପରିବାରରେ ଖୁସି ମିଳିବ। ଦରମା ବୃଦ୍ଧି ବା ପ୍ରମୋସନ ମିଳିପାରେ। ଛାତ୍ରମାନଙ୍କ ପାଇଁ ପ୍ରତିକୁଳ ସମୟ। ପ୍ରତିକାର : ଶନିବାର ଶନି ମନ୍ଦିରରେ ତେଲ ଦୀପ ଜଳାନ୍ତୁ।

**ମୀନ** ସ୍ୱାସ୍ଥ୍ୟ ପ୍ରତି ସାବଧାନ ରହନ୍ତୁ। ଅର୍ଥର ସହଯୋଗ ମିଳିବ। ସାମାଜିକ କାର୍ଯ୍ୟରେ ସମୟ କଟାଇବେ। କାର୍ଯ୍ୟକ୍ଷେତ୍ରରେ ପୂର୍ବ ସମ୍ମାନ ଫେରିପାଇବେ। ଅନ୍ୟ ଯୋଗୁ ଦାମ୍ପତ୍ୟ ଜୀବନରେ ଝଗଡା ହେବ। ପ୍ରତିକାର : ଗୁରୁବାର ଦିନ ହଳଦିଆ ବସ୍ତ୍ର ଦାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଦେଶଦ୍ରୋହ ଆଇନ୍ ଉପରେ ପ୍ରତିବନ୍ଧକ ଲଗାଇଲେ ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ :** ଦେଶଦ୍ରେହ ଆଇନ୍ ଉପରେ ପ୍ରତିବନ୍ଧକ ଲଗାଇଲେ ସୁପ୍ରିମକୋର୍ଟ। ଆଉ ବ୍ୟବହାର ହୋଇପାରିବନି ଏହି ଆଇନ୍। ପୁନର୍ବିଚାର ଯାଏ ଦେଶଦ୍ରୋହ ଆଇନ୍ ତଥା ଆଇପିସିର ୧୨୪(କ) ଜରିଆରେ କୌଣସି ନୂଆ ମାମଲା ରୁଜୁ ମଧ୍ୟ କରାଯିବ ନାହିଁ ବୋଲି ଆଜି ଏହି ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି। ଏଥି ସହିତ ବିଚାରାଧୀନ ମାମଲାଗୁଡ଼ିକରେ ସ୍ଥିତାବସ୍ଥା ବଜାୟ ରଖାଯିବ ବୋଲି କୋର୍ଟ କହିଛନ୍ତି। କେବଳ ସେତିକି ନୁହେଁ ଯେଉଁମାନେ ଦେଶଦ୍ରୋହ ଅଭିଯୋଗରେ ବିଚାରର ସମ୍ମୁଖୀନ ହେଉଛନ୍ତି ଏବଂ ଏହି ଅଭିଯୋଗରେ ଜେଲରେ ଅଛନ୍ତି ସେମାନେ ଉପଯୁକ୍ତ କୋର୍ଟରେ ଜାମିନ ଆବେଦନ କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହି ଆଇନ ଉପରେ କେନ୍ଦ୍ର ସରକାର ପୁନର୍ବିଚାର କରିବେ ବୋଲି ଚିଫ ଜଷ୍ଟିସ୍ କହିଛନ୍ତି। ଆସନ୍ତା ଜୁଲାଇ ତୃତୀୟ ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ବୁଧବାର ସୁପ୍ରିମକୋର୍ଟରେ ଦେଶଦ୍ରୋହ ଆଇନ୍‌ର ସମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ ଦେବା ମାମଲାର ଶୁଣାଣି ହୋଇଥିଲା। ଏହି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷ ରଖି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ କହିଛନ୍ତି ଯେ, ଆମେ ରାଜ୍ୟ ସରକାରଙ୍କୁ ଦିଆଯିବାକୁ ଥିବା ନିର୍ଦ୍ଦେଶର ଏକ ଡ୍ରାଫ୍ଟ ପ୍ରସ୍ତୁତ କରିଛୁ। ତାଙ୍କ କହିବାନୁସାରେ, ରାଜ୍ୟ ସରକାରଙ୍କୁ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯିବ ଯେ ଜିଲ୍ଲା ପୁଲିସ୍ ଅର୍ଥାତ୍ ଏସପି କିମ୍ବା ଉଚ୍ଚସ୍ତରୀୟ ଅଧିକାରୀଙ୍କ ଅନୁମୋଦନ ବିନା ଦେଶଦ୍ରୋହ ଆଇନ ଅଧୀନରେ ଏଫ୍‌ଆଇଆର୍ ରୁଜୁ ହେବ ନାହିଁ। ଏହି ଯୁକ୍ତି ସହିତ ସଲିସିଟର ଜେନେରାଲ କୋର୍ଟଙ୍କୁ କହିଛନ୍ତି ଯେ ବର୍ତ୍ତମାନ ଏହି ଆଇନକୁ ସ୍ଥଗିତ କରିବା ଉଚିତ ନୁହେଁ। ସେପଟେ କିନ୍ତୁ ଆବେଦନକର୍ତ୍ତାଙ୍କ ପକ୍ଷରୁ ଯୁକ୍ତି ବାଢ଼ି ଆଡଭୋକେଟ କପିଲ ସିବଲ କୋର୍ଟଙ୍କୁ ଦେଶଦ୍ରୋହ ଆଇନ ଉପରେ ତୁରନ୍ତ ରୋକ୍ ଲଗାଇବା ଆବଶ୍ୟକ ବୋଲି ଦାବି କରିଛନ୍ତି। ଗତକାଲି ମଧ୍ୟ ଏହି ମାମଲାରେ ଶୁଣାଣି ହୋଇଥିଲା। ଦେଶରେ ଲାଗୁ ହେଉଥିବା ଦେଶଦ୍ରୋହ ଆଇନ ଉପରେ ନିଜର ମତ ସ୍ପଷ୍ଟ କରିବାକୁ ବୁଧବାର ଯାଏ କେନ୍ଦ୍ର ସରକାରଙ୍କୁ ସମୟ ଦେଇଥିଲେ ସୁପ୍ରିମକୋର୍ଟ। ଏହା ପୂର୍ବରୁ ଆଇନର ସମୀକ୍ଷା ପାଇଁ ଅଧିକ ସମୟ ଓ ଆଇନର ଅପବ୍ୟବହାର ବଢୁଥିବା ଘଟଣାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନବାଣ ମାରିଥିଲେ। ପ୍ରଧାନ ବିଚାରପତି ରମନ୍ନା କହିଥିଲେ, "ସରକାର କହୁଛନ୍ତି ସେମାନେ ସମୀକ୍ଷା କରୁଛନ୍ତି। କିନ୍ତୁ ଆମେ ଅଯଥା କାମ କରିପାରିବୁ ନାହିଁ। ଆମେ ଯେମିତି ହେଲେ ବି କେତେ ସମୟ ଦିଆଯିବ, ତା'ର ନିଷ୍ପତ୍ତି ନେବୁ। ସୂଚନା ମୁତାବକ, ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ଏହି ଦେଶଦ୍ରୋହ ଆଇନ ଉପରେ ଶୁଣାଣି କରୁଛନ୍ତି। ଏହି ଖଣ୍ଡପୀଠରେ ପ୍ରଧାନ ବିଚାରପତି ଏନ୍ଭି ରମନ୍ନା, ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ହିମା କୋହଲି ସାମିଲ ଅଛନ୍ତି।

## ମାସିକ ଋତୁସ୍ରାବ କାଳରେ ୧୫-୨୪ ବର୍ଷ ମଧ୍ୟରେ ୫୦% ମହିଳା ଏବେବି କପଡା ବ୍ୟବହାର କରନ୍ତି

**ନୂଆଦିଲ୍ଲୀ:** ସର୍ବଶେଷ ଜାତୀୟ ପାରିବାରିକ ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନଏଫଏଚଏସ) ରିପୋର୍ଟ ଅନୁଯାୟୀ ୧୫-୨୪ ବର୍ଷ ବୟସର ପ୍ରାୟ ୫୦ ପ୍ରତିଶତ ମହିଳା ଏପର୍ଯ୍ୟନ୍ତ ଋତୁସ୍ରାବ କାଳରେ ସୁରକ୍ଷା ପାଇଁ କପଡା ବ୍ୟବହାର କରନ୍ତି ବୋଲି ଜାଣିବାକୁ ମିଳିଛି। ବିଶେଷଜ୍ଞମାନେ ଏହାକୁ ସଚେତନତାର ଅଭାବ ଏବଂ ଋତୁସ୍ରାବକୁ ନେଇ ରହିଥିବା ବିଭିନ୍ନ ପ୍ରକାରର ଅଜ୍ଞତା ଓ ଅନ୍ଧବିଶ୍ୱାସ ଦାୟୀ ବୋଲି କହିଛନ୍ତି। ବିଶେଷଜ୍ଞମାନେ ଏହା ମଧ୍ୟ କହିଛନ୍ତି ଯେ ଏ କ୍ଷେତ୍ରରେ ଯଦି ଏକ ଅପରିଷ୍କାର କପଡା ପୁନଃ ବ୍ୟବହାର କରାଯାଏ, ତେବେ ଏହା ଏକାଧିକ ସ୍ଥାନୀୟ ସଂକ୍ରମଣର ସଂସ୍ପର୍ଶରେ ଆସି ଶରୀର ମଧ୍ୟରେ ଏକାଧିକ ରୋଗର କାରଣ ହୋଇଥାଏ। ନିକଟରେ ପ୍ରକାଶିତ ଏନଏଫଏଚଏସର ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ରିପୋର୍ଟ ପ୍ରସ୍ତୁତି କାଳରେ ୧୫-୨୪ ବର୍ଷ ବୟସର ମହିଳାମାନଙ୍କୁ ପଚରା ଯାଇଥିଲା ଯେ ସେମାନେ ଋତୁସ୍ରାବ ସୁରକ୍ଷା ପାଇଁ କେଉଁ ପଦ୍ଧତି ଏବଂ କ'ଣ ବ୍ୟବହାର କରନ୍ତି? ଭାରତରେ ୬୪ ପ୍ରତିଶତ ମହିଳା ବିଭିନ୍ନ କମ୍ପାନି ଦ୍ୱାରା ପ୍ରସ୍ତୁତ ସାନିଟାରି ନାପକିନ୍ ବ୍ୟବହାର କରୁଥିବା ବେଳେ, ୫୦ ପ୍ରତିଶତ କପଡା ବ୍ୟବହାର କରନ୍ତି ଏବଂ ୧୫ ପ୍ରତିଶତ ସ୍ଥାନୀୟ ଭାବରେ ପ୍ରସ୍ତୁତ ନାପକିନ୍ ବ୍ୟବହାର କରନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ମୋଟାମୋଟି ଭାବେ, ଏହି ବୟସ ଗୋଷ୍ଠୀର ୭୮ ପ୍ରତିଶତ ମହିଳା ଋତୁସ୍ରାବ ସୁରକ୍ଷାର ଏକ ସ୍ୱଚ୍ଛ ପଦ୍ଧତି ବ୍ୟବହାର କରନ୍ତି ସ୍ଥାନୀୟ ଭାବରେ ପ୍ରସ୍ତୁତ ନାପକିନ୍, ସାନିଟାରି ନାପକିନ୍, ଟାମ୍ପୋନ୍ ଏବଂ ଋତୁସ୍ରାବ କପ୍ ଋତୁସ୍ରାବ ସୁରକ୍ଷାର ସ୍ୱଚ୍ଛ ପଦ୍ଧତି ବୋଲି ବିବେଚନା କରାଯାଏ।

### ଆମେରିକା ଗୁଇନ୍ଦା ସଂସ୍ଥାର ଚେତାବନୀ

## ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି ଋଷ୍



**ମସ୍କୋ :** ପୂର୍ବ ୟୁକ୍ରେନ୍‌ର ଋଷ୍ ଏହାର ଆକ୍ରମଣକୁ ଜୋରଦାର କରୁଛି। ବନ୍ଦର ସହର ମାରିୟୁପୋଲ୍‌ର ୟୁକ୍ରେନ୍ ସେନାର ଉପସ୍ଥିତି କେବଳ ନାମକୁ ମାତ୍ର ରହିଯାଇଛି। ଇତି ମଧ୍ୟରେ ଆମେରିକା ଗୁଇନ୍ଦା ବିଭାଗ ଚେତାବନୀ ଦେଇ କହିଛି ଯେ, ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନ୍‌ର ଏକ ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛନ୍ତି। ଆମେରିକା ଜାତୀୟ ଗୁଇନ୍ଦା ସଂସ୍ଥାର ନିର୍ଦ୍ଦେଶକ ଆଭରିଲ୍ ହେନ୍ସ କହିଛନ୍ତି, ପୁଟିନ ବାସ୍ତବରେ ରଖିଥିବା ଲକ୍ଷ୍ୟ ଏବଂ ବର୍ତ୍ତମାନର ଅପରେସନ ମଧ୍ୟରେ ତାଳମେଳ ରହୁନାହିଁ। ପୁଟିନ ଏବେ ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛନ୍ତି। ଦରବୃଦ୍ଧି, ଖାଦ୍ୟ ସଙ୍କଟ ବଢୁଥିବାରୁ ପୁଟିନ୍ ୟୁକ୍ରେନ୍‌କୁ ଆମେରିକା ଏବଂ ଇୟୁର ସମର୍ଥନ ଦୁର୍ବଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଛନ୍ତି। ଯୁଦ୍ଧ ଜାରି ରହିଥିବାବେଳେ ଋଷ୍ ପ୍ରତି ଯଦି କୌଣସି ବିପଦ ଥିବା ପୁଟିନ ହୃଦ୍‌ବୋଧ କରନ୍ତି ତେବେ ଋଷ୍ ପରମାଣୁ ଅସ୍ତ୍ରର ବ୍ୟବହାର କରିବାକୁ ପଛାଇବ ନାହିଁ ବୋଲି ମଧ୍ୟ କୁହାଯାଇଛି। ଅନ୍ୟପକ୍ଷେ ଋଷ୍ ବିଦେଶ ମନ୍ତ୍ରୀ ସର୍ଗେୟି ଲାଭରୋଭ କହିଛନ୍ତି, ଋଷ୍ ୟୁରୋପରେ ଯୁଦ୍ଧ ଚାହେନାହିଁ। ରୁଷର ପରାଜୟ ଦେଖିବାପାଇଁ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଆଗ୍ରହର ସହ ଚାହି ବସିଛନ୍ତି, କିନ୍ତୁ ସେଠାରେ ଆମ ବିଜୟ ସୁନିଶ୍ଚିତ ବୋଲି ଲାଭରୋଭ କହିଛନ୍ତି।

### ତାପମାତ୍ରା ବୃଦ୍ଧିକୁ ନେଇ ବିଶେଷଜ୍ଞଙ୍କ ଚେତାବନୀ

## ୨୦୨୨-୨୬ରେ ହେବ ରେକର୍ଡ ଗରମ

**ନୂଆଦିଲ୍ଲୀ :** ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦିନକୁ ଦିନ ବଢିବାରେ ଲାଗିଛି। କେତେ ବେଳେ ପ୍ରଚଣ୍ଡ ଖରାରେ ଜନଜୀବନ ସିଝୁଥିବା ବେଳେ ଆଉ କେତେବେଳେ ବନ୍ୟା, ବାତ୍ୟାରେ ଉବୁଟୁବୁ ହୋଇ ଯାଉଛି ଦୁନିଆ। ସବୁଠୁ ବଡ ଚିନ୍ତାର ବିଷୟରେ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବା। ଅନେକ ବିଶେଷଜ୍ଞ ବିଶ୍ୱ ନେତାଙ୍କୁ ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ଅପିଲ୍ କରୁଛନ୍ତି। ବିଶେଷଜ୍ଞ ତାପମାତ୍ରାକୁ ୧.୫ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ କରିବା ପାଇଁ ତତ୍କାଳ ପଦକ୍ଷେପ ନେବାକୁ ବିଶ୍ୱ ନେତାଙ୍କୁ ଅନୁରୋଧ କରିଛନ୍ତି। ବ୍ରିଟେନର ଗବେଷକ କହିଛନ୍ତି, ଆଗାମୀ ପାଞ୍ଚ ବର୍ଷରେ ଦୁନିଆରେ ୧.୫ ଡିଗ୍ରୀ ସେଲସିୟସରୁ ଅଧିକ ଗରମ ହେବାର ୫୦ ପ୍ରତିଶତ ସମ୍ଭାବନା ରହିଛି। ଏହା କିଛି ଦିନ ପାଇଁ ହୋଇଥିଲେ ମଧ୍ୟ ବିଶ୍ୱ ଜଗତ ପାଇଁ ଭଲ ସଙ୍କେତ ନୁହେଁ। ବିଶେଷଜ୍ଞଙ୍କ ମୁତାବକ ୨୦୨୨ରୁ ୨୦୨୬ ମଧ୍ୟରେ ଗରମ ସବୁ ରେକର୍ଡ କାଟି ଦେବ। ଭୟଙ୍କର ଗରମ ହେବ। ଅଧ୍ୟୟନରେ କୁହାଯାଇଛି ଯେ, ୨୦୨୨ ରୁ ୨୬ ପର୍ଯ୍ୟନ୍ତ ବୈଶ୍ୱିକ ତାପମାତ୍ରା ପ୍ରି-ଇଣ୍ଡଷ୍ଟ୍ରିୟାଲ ସ୍ତର ତୁଳନାରେ ୧.୧ ଡିଗ୍ରୀ ସେଲସିୟସ ଏବଂ ୧.୭ ଡିଗ୍ରୀ ସେଲସିୟସ ମଧ୍ୟରେ ରହିପାରେ। ଗବେଷକ ଭବିଷ୍ୟତବାଣୀ କରିଛନ୍ତି ଯେ, ଗ୍ରୀଷ୍ମ ସମୟରେ ସମଗ୍ର ବିଶ୍ୱରେ ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସର ସ୍ତର ଅତିକ୍ରମ କରିବାର ୫୦ ପ୍ରତିଶତ ସମ୍ଭାବନା ରହିଛି। ସର୍ବ ପ୍ରଥମେ ପ୍ୟାରିସ ଜଳବାୟୁ ରାଜିନାମା ଉପରେ ବିଶ୍ୱ ନେତାଗଣ ବିଶ୍ୱ ତାପମାତ୍ରାରେ ୧.୫ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ କରିବାକୁ ଦସ୍ତଖତ କରିଥିଲେ। ପୁଣି ୨୦୨୧ ନଭେମ୍ବରରେ ଗ୍ଲାସଗୋରେ ବିଶ୍ୱ ନେତା ଦୁନିଆରେ ନିଜର ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରତିବଦ୍ଧତା ଜାହିର କରିଥିଲେ। ହେଲେ ଏଥିରେ ଏ ଯାଏଁ ଆଖି ଦୃଶିଆ ସଫଳତା ମିଳିନାହିଁ।

## ଖୋଲାରେ ମଳତ୍ୟାଗ କରୁଛନ୍ତି ୧୯% ଭାରତୀୟ : ସର୍ଭେ



**ନୂଆଦିଲ୍ଲୀ :** ଯଦିଓ ୨୦୧୯ରେ ନରେନ୍ଦ୍ର ମୋଦୀ ସରକାର ଭାରତକୁ 'ଖୋଲା ମଳତ୍ୟାଗ ମୁକ୍ତ' ଘୋଷଣା କରିଥିଲେ, ତଥାପି ୨୦୧୯-୨୧ରେ କରାଯାଇଥିବା ସର୍ବଶେଷ ଏନଏଫଏଚଏସ ସର୍ଭେରୁ ଜଣାପଡିଛି ଯେ ଏବେବି ୧୯ ପ୍ରତିଶତ ପରିବାର କୌଣସି ଶୌଚାଳୟ ସୁବିଧା ବ୍ୟବହାର କରନ୍ତି ନାହିଁ। ତେବେ ଖୋଲାରେ ମଳତ୍ୟାଗ କରୁଥିବା ପରିବାରର ପ୍ରତିଶତ ୨୦-୧୫-୧୬ରେ ୩୯ ପ୍ରତିଶତ ରହିଥିବା ବେଳେ ୨୦୧୯-୨୧ରେ ୧୯ ପ୍ରତିଶତକୁ ହ୍ରାସ ପାଇଛି ବୋଲି ରିପୋର୍ଟରେ କୁହାଯାଇଛି। ବିହାରରେ ଶୌଚାଳୟ ସୁବିଧା (୬୨ ପ୍ରତିଶତ) ସର୍ବନିମ୍ନ, ଏହା ପରେ ଝାଡ଼ଖଣ୍ଡ (୭୦ ପ୍ରତିଶତ) ଏବଂ ଓଡ଼ିଶା (୭୧ ପ୍ରତିଶତ) ପରିବାରଙ୍କ ନିକଟରେ ରହିଛି। ଏନଏଫଏଚଏସ ସର୍ଭେରେ ଜାଣିବାକୁ ମିଳିଛି ଯେ ୬୯ ପ୍ରତିଶତ ପରିବାର ଏକ ଉନ୍ନତ ପରିମଳ ସୁବିଧା ବ୍ୟବହାର କରନ୍ତି; ଯାହାକି ଅନ୍ୟ ପରିବାର ସହିତ ଅଂଶୀଦାର ହୋଇନାହିଁ ଏବଂ ଆଠ ପ୍ରତିଶତ ଏକ ସୁବିଧା ବ୍ୟବହାର କରନ୍ତି ଯାହା ଅନ୍ୟ ପରିବାର ସହ ଅଂଶୀଦାର ହେଲେବି ଉନ୍ନତ ବୋଲି ବିବେଚନା କରାଯିବ। ରିପୋର୍ଟରେ କୁହାଯାଇଛି, ୧୯ ପ୍ରତିଶତ ପରିବାରର କୌଣସି ପ୍ରକାରର ଶୌଚାଳୟ ସୁବିଧା ନାହିଁ, ଯାହାର ଅର୍ଥ ହେଉଛି ସଂପୃକ୍ତ ପରିବାରର ସଦସ୍ୟମାନେ ଖୋଲାରେ ମଳତ୍ୟାଗ କରନ୍ତି। ୮୩% ପରିବାର ଶୌଚାଳୟ ସୁବିଧା ପାଇଛନ୍ତି। ୬୯ ପ୍ରତିଶତ ଭାରତୀୟ ପରିବାର ଉନ୍ନତ ଶୌଚାଳୟ ସୁବିଧା ବ୍ୟବହାର କରନ୍ତି। ସର୍ଭେରୁ ଜଣାପଡିଛି ଯେ ୭ ପ୍ରତିଶତ ଗ୍ରାମୀଣ ପରିବାର ତୁଳନାରେ ୧୧ ପ୍ରତିଶତ ସହରୀ ପରିବାର ଏକ ଅଂଶୀଦାର ସୁବିଧା ଥିବା ଶୌଚାଳୟ ବ୍ୟବହାର କରନ୍ତି।

## 'ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସିବାର ଏକ ଘଣ୍ଟା ମଧ୍ୟରେ ହୋଇପାରେ ହୃଦ୍‌ଘାତ'



**ନୂଆଦିଲ୍ଲୀ:** ଦିନକୁ ଦିନ ଯାନବାହନ ଚଳାଚଳ ବୃଦ୍ଧି ସହ କଳକାରଖାନାର ସଂଖ୍ୟାରେ ବୃଦ୍ଧି ଘଟୁଥିବାରୁ ବାୟୁ ପ୍ରଦୂଷଣ ଉତ୍କଟ ହେବାରେ ଲାଗିଛି। ଶୀତ ଦିନ ଆସିଲେ ଭାରତର ଅନେକ ରାଜ୍ୟରେ ବାୟୁର ମାନ ତଳକୁ ଖସିଆସୁଥିବା ସହ ଲୋକଙ୍କୁ ନିଶ୍ୱାସ ନେବାରେ ଅସୁବିଧା ହେଉଥିବା ଦେଖାଯାଉଛି। ବିଶେଷ କରି ଦିଲ୍ଲୀରେ ବାୟୁ ଗୁଣବତ୍ତାମାନ ଖୁବ ତଳକୁ ଖସି ଆସୁଛି। ଅନେକ ଥର ଏନେଇ ଲୋକଙ୍କୁ ସତର୍କ କରାଯାଉଥିଲେ ବି ବାୟୁ ପ୍ରଦୂଷଣକୁ ରୋକିବାରେ ସରକାର ସଫଳ ହୋଇପାରିନାହାନ୍ତି। ଏଭଳି ସମୟରେ ବାୟୁ ପ୍ରଦୂଷଣକୁ ନେଇ ଏବେ ବଡ଼ ଖବର ସାମ୍ନାକୁ ଆସିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାୟୁ ଗୁଣବତ୍ତା ନିର୍ଦ୍ଦେଶାବଳୀ ଅନୁସାରେ ସ୍ଥିରୀକୃତ ପ୍ରଦୂଷଣସ୍ତର ଠାରୁ ନିମ୍ନମାନର ବାୟୁ ସଂସ୍ପର୍ଶରେ ଆସିବାର କିଛି ଘଣ୍ଟା ମଧ୍ୟରେ ହୃଦଘାତ ହୋଇପାରେ। ଚାଇନାରେ ଏ ବିଷୟକୁ ନେଇ ଏକ ନୂତନ ଅଧ୍ୟୟନ କରାଯାଇଥିଲା। ସେଠାରେ ପାଗ ଥଣ୍ଡା ଥିବା ବେଳେ ବାୟୁ ପ୍ରଦୂଷଣର ପ୍ରଭାବକୁ ନେଇ ମତାମତ ସଂଗ୍ରହ କରାଯାଇଥିଲା ଏବଂ ଦେଖାଗଲା ବୟସ୍କ ଲୋକ ଏହା ଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି। ବାୟୁ ଗୁଣବତ୍ତା ନିର୍ଦ୍ଦେଶାବଳୀ ତଳେ ଥିବା ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସି ଅନେକ ବୟସ୍କ ଲୋକଙ୍କ ହୃଦଘାତ ହୋଇଥିବା ଦେଖାଯାଇଛି। ଅଧ୍ୟୟନରୁ ଜଣାପଡିଛି ଯେ ଚାରୋଟି ସାଧାରଣ ବାୟୁ ପ୍ରଦୂଷକର ଯେକୌଣସି ସ୍ତରର ସଂସ୍ପର୍ଶରେ ଆସିବା ମାତ୍ରେ ଆକ୍ୟୁଟ କରୋନାରୀ ସିଣ୍ଡ୍ରୋମ (ଏସିଏସ) ହୋଇଥାଏ, ଯାହା ଦ୍ୱାରା ହୃତପିଣ୍ଡର ମାଂସପେଶୀକୁ ରକ୍ତ ଯୋଗାଣ ହୋଇପାରି ନଥାଏ। ଏଭଳି ହେବା ଦ୍ୱାରା ଜଣେ ଲୋକ ହୃଦଘାତର ଶିକାର ହୋଇଥାଏ। ଏହି ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ବିଶେଷ କରି ପାଗ ଥଣ୍ଡା ରହିଲେ ବୟସ୍କ ଲୋକମାନେ ଏହାର ଅଧିକ ଶିକାର ହୋଇଥାନ୍ତି। ଧୂମପାନ କରୁ ନଥିବା କିମ୍ବା ଅନ୍ୟାନ୍ୟ ଶ୍ୱାସକ୍ରିୟା ରୋଗରେ ପୀଡ଼ିତ ନଥାଇ ବି ୬୫ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ବାୟୁ ପ୍ରଦୂଷଣ ପାଇଁ ହୃଦଘାତର ଶିକାର ହେଉଥିବା ଦେଖାଯାଇଥିଲା।

# ଦେଶରେ ଆସିବ କରୋନାର ଚତୁର୍ଥ ଲହର ?



**ନୂଆଦିଲ୍ଲୀ :** ଗତକିଛି ଦିନ ହେବ ଦେଶରେ ପୁଣି ଥରେ କରୋନା ଆକ୍ରାନ୍ତ ସଂଖ୍ୟା ବଢ଼ିବାରେ ଲାଗିଛି। ଲଗାତର ଭାବରେ ଦେଶରେ ୩ ହଜାରରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। କରୋନା ଆକ୍ରାନ୍ତ ବଢ଼ିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ପ୍ରତ୍ୟେକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକ କରି କରୋନା ମାମଲା ରୋକିବାକୁ ଠିକ୍ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ତେବେ ଏସବୁ ମଧ୍ୟରେ ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ ଚତୁର୍ଥ ଲହର ଆସିବ କି ନାହିଁ। ତେବେ ଏବେ ଆଇଆଇଟି କାନପୁରର ପ୍ରଫେସର ମଣିନ୍ଦ୍ର ଅଗ୍ରୱାଲ ଏକ ନୂତନ ଅଧ୍ୟୟନ ପରେ ଦାବି କରିଛନ୍ତି ଯେ ଭାରତକୁ କରୋନାର ଚତୁର୍ଥ ଲହର ଆସିବ ନାହିଁ। ସେ ତାଙ୍କ ମତ ପଛରେ କାରଣ ଦର୍ଶାଇଛନ୍ତି ଯେ ଭାରତରେ ଅଧିକାଂଶ ଲୋକଙ୍କ ମଧ୍ୟରେ କରୋନାର ବିରୋଧରେ ପ୍ରାକୃତିକ ଇମ୍ୟୁନିଟି ଏବଂ ଭାଇରସରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ତେଣୁ ଭାରତରେ ଚତୁର୍ଥ ଲହର ଆସିବ ନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି ପ୍ରଫେସର ମଣିନ୍ଦ୍ର ଅଗ୍ରୱାଲ। ଆଇଆଇଟି କାନପୁରର କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ମଣିନ୍ଦ୍ର ଅଗ୍ରୱାଲ କରୋନାରେ ଅଧିକ ଅଧ୍ୟୟନ କରିବା ପାଇଁ ଏକ ଗାଣିତିକ ମଡେଲ ସୃଷ୍ଟି କରିଛନ୍ତି। ଏହାର ନାମ ସୁତ୍ର ରଖାଯାଇଛି। ପ୍ରଫେସର ଅଗ୍ରୱାଲ ଗତ ଦୁଇ ବର୍ଷ ମଧ୍ୟରେ ଅନେକ ଥର କରୋନା ପୂର୍ବାନୁମାନ କରିଛନ୍ତି ଏବଂ ଏହା ସମ୍ପୂର୍ଣ୍ଣ ସଠିକ୍ ବୋଲି ପ୍ରମାଣିତ ହୋଇଛି। ବର୍ତ୍ତମାନ ସେ କରୋନାର ଚତୁର୍ଥ ଲହର ଉପରେ ଆକଳନ କରିଛନ୍ତି। ପ୍ରଫେସର ଅଗ୍ରୱାଲ ତାଙ୍କ ଅନୁସନ୍ଧାନର ଉଦ୍ଦେଶ୍ୟରେ ଦାବି କରିଛନ୍ତି ଯେ ଭାରତର ୯୦%ରୁ ଅଧିକ ଲୋକ କରୋନା ବିରୋଧରେ ପ୍ରାକୃତିକ ପ୍ରତିରକ୍ଷା ବିକାଶ କରିଛନ୍ତି। ଭାରତରେ ଟୀକାକରଣର ସ୍ତର ମଧ୍ୟ ବହୁତ ଭଲ। ଅଧିକାଂଶ ଲୋକଙ୍କୁ ଟୀକାକରଣ କରାଯାଇଛି। ସେ କହିଛନ୍ତି ଯେ ଆଇସିଏମଆର ସର୍ବେକ୍ଷଣରୁ ଜଣାପଡିଛି ଯେ ସରକାରୀ ରେକର୍ଡରେ ଲିପିବଦ୍ଧ ହୋଇଥିବା ମାମଲା ଅପେକ୍ଷା ଅନେକ ଥର କରୋନାରେ ସଂକ୍ରମିତ ହୋଇଛନ୍ତି। ଏହି ସଂଖ୍ୟା ୩୦ ଗୁଣ ପର୍ଯ୍ୟନ୍ତ ହେବ ବୋଲି କୁହାଯାଉଛି। କରୋନାର ଚତୁର୍ଥ ଲହର ଆସିବାର କମ୍ ସମ୍ଭାବନା ପଛରେ ପ୍ରଫେସର ଅଗ୍ରୱାଲ ମଧ୍ୟ ଆଉ ଏକ କାରଣ ଦେଇଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଭାଇରସରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ତେବେ ଯେଉଁ ଭାଇରସ ଏବେ ସାମ୍ନାକୁ ଆସୁଛି ତାହା ଓମିକ୍ରନ ଭାଇରସର ଭାଇ ଭଉଣୀଙ୍କ ପରି। ଯେପରିକି ବିଏ.୨, ବିଏ.୨.୯, ବିଏ.୨.୧୦ ଏବଂ ବିଏ.୨.୧୨। ପ୍ରଫେସର ମଣିନ୍ଦ୍ର ଅଗ୍ରୱାଲଙ୍କ କହିବା ଅନୁସାରେ ଏହାର ଅର୍ଥ ହେଉଛି ଦେଶରେ ୯୦ ପ୍ରତିଶତ ଲୋକ ଓମିକ୍ରନ ଭାଇରସ ଦ୍ୱାରା ସଂକ୍ରମିତ ହୋଇ ସୁସ୍ଥ ହୋଇସାରିଛନ୍ତି। ଏପରି ପରିସ୍ଥିତିରେ, ଓମିକ୍ରନ୍ କାରଣରୁ କରୋନାର ଚତୁର୍ଥ ଲହର ଆସିବାର ସମ୍ଭାବନା ନାହିଁ ବୋଲି କହିଛନ୍ତି ପ୍ରଫେସର ମଣିନ୍ଦ୍ର ଅଗ୍ରୱାଲ।

## ଭାରତ ବିରୋଧରେ 'ହୁ'

**ନୂଆଦିଲ୍ଲୀ:** ଜାନୁଆରି ୨୦୨୦ରୁ ଡିସେମ୍ବର ୨୦୨୧ ଭିତରେ ଭାରତରେ ୪.୮ ଲକ୍ଷ ଲୋକ କୋଭିଡ୍‌ରେ ମରିଛନ୍ତି ବୋଲି ଭାରତ ସରକାର ରିପୋର୍ଟ ଦେଇଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଏକ ରିପୋର୍ଟରେ କହିଥିଲା ଯେ ବାସ୍ତବ ମୃତ୍ୟୁସଂଖ୍ୟା ଏହାର ୧୦ ଗୁଣ ଅର୍ଥାତ୍ ୪.୭ ନିୟୁତ। ହୁ ଭାରତର କୋଭିଡ୍ ମୃତ୍ୟୁ ସଂଖ୍ୟାକୁ ଏତେ ବଢ଼େଇ ରିପୋର୍ଟ ଦେବା ପଛରେ ବିଶ୍ୱର ବଡ଼ ବଡ଼ ଫାର୍ମା କମ୍ପାନିଙ୍କ ହାତ ଅଛି ବୋଲି ଭାରତ ସନ୍ଦେହ କରୁଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଯେଉଁସବୁ ବିଦେଶୀ ଫାର୍ମା କମ୍ପାନିଙ୍କୁ ଭାରତୀୟ କୋଭିଡ୍-ବିରୋଧୀ ଟିକା ବଜାରରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନ ଥିଲା, ସେମାନେ ହୁ ରିପୋର୍ଟକୁ ପ୍ରଭାବିତ କରିଥାଇ ପାରନ୍ତି: ଏଥିପାଇଁ ଭାରତରେ ସରକାରୀ ରିପୋର୍ଟଠାରୁ ୧୦ ଗୁଣା ଅଧିକ ଲୋକ ମରିଛନ୍ତି ବୋଲି ଦର୍ଶାଇବା ପାଇଁ ତ୍ରୁଟିପୂର୍ଣ୍ଣ ପଦ୍ଧତିର ଅନୁସରଣ କରାଯାଇଛି ବୋଲି କୁହାଯାଇଛି।



## ବାଚସ୍ପତିଙ୍କ ସହ ଅଷ୍ଟ୍ରେଲିଆ ଅଧିକାରୀଙ୍କ ସାକ୍ଷାତ



**ଭୁବନେଶ୍ୱର :** କୋଲକତାରେ ଅବସ୍ଥାପିତ ଅଷ୍ଟ୍ରେଲିଆର ଡେପୁଟି କନ୍ସଲ୍ ଜେନେରାଲ ଡାନିଏଲ୍ ସିମ୍ ଓ ବରିଷ୍ଠ ସମ୍ବଳ ଅଧିକାରୀ ଆଞ୍ଜେଲିନା ନାୟାର ଗୁରୁବାର ଦିନ ବିଧାନସଭାରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟ ରାଜନୀତିରେ ମହିଳାମାନଙ୍କର ସ୍ଥିତି, ଶାସନକୁ ବ୍ୟବସ୍ଥିତ କରିବାରେ ନାରୀମାନଙ୍କର ଭୂମିକା,ନାରୀ ସଶକ୍ତୀକରଣ, ଅଷ୍ଟ୍ରେଲିଆ ଓ ଓଡ଼ିଶାର ସଂସଦୀୟ ବିଧିବ୍ୟବସ୍ଥା ଉପରେ ଆଲୋଚନା କରିଛନ୍ତି। ଏହି ସୌଜନ୍ୟସାକ୍ଷାତ ସମୟରେ ବରିଷ୍ଠ ବିଧାୟିକା ଉଷା ଦେବୀ, ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ବାସନ୍ତି ହେମ୍ବ୍ରମ୍, କୁସୁମ ଟେଟେ, ବିଧାନସଭା ସଚିବ ଦାଶରଥୀ ଶତପଥୀ, ନିର୍ଦ୍ଦେଶକ (ଗବେଷଣା) କୃପାସିନ୍ଧୁ ମିଶ୍ର, ଗ୍ଲୋବାଲ ପଲିସି ରିସର୍ଚ୍ଚ ଫାଉଣ୍ଡେସନର ଟିମ୍ ଲିଡର ସିନି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ରାସନକାର୍ଡଧାରୀଙ୍କୁ ନଗଦ ହଜାରେ ଟଙ୍କା

# ଖର୍ଚ୍ଚର ହିସାବ ଦେଉନାହାନ୍ତି ଜଣେ ବି ଜିଲ୍ଲାପାଳ

**ଭୁବନେଶ୍ୱର :** ଦ୍ୱିତୀୟ ପର୍ଯ୍ୟାୟ କରୋନା ମହାମାରୀବେଳେ ସମସ୍ତ ରାସନକାର୍ଡଧାରୀଙ୍କୁ ନଗଦ ଏକ ହଜାର ଟଙ୍କାର ଜୀବିକା ସହାୟତା ପ୍ରଦାନ ନିମନ୍ତେ ଜିଲ୍ଲାଗୁଡ଼ିକ ଦିଆଯାଇଥିବା ୯୬୦କୋଟି ଟଙ୍କାର ହିସାବ ମିଳୁନି। ରାଜ୍ୟ ଯୋଗାଣ ନିଗମ ଏନେଇ ବାରମ୍ବାର ଚିଠି ଲେଖି ହିସାବ ମାଗୁଥିଲେ ମଧ୍ୟ ଜଣେବି ଜିଲ୍ଲାପାଳ ଏହି ଖର୍ଚ୍ଚର ହିସାବ ଦେଉନଥିବାରୁ ଏହି ଟଙ୍କା ବାସ୍ତବରେ ଗରିବ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି ନା ବାଟମାରଣା ହୋଇଛି, ତାହା ଏବେ ସନ୍ଦେହଘେରରେ। ମିଳିଥିବା ସୂଚନା ଅନୁସାରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସାକସେନା ସମସ୍ତ ଜିଲ୍ଲାକୁ ଚିଠି ଲେଖି ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ ରାସନକାର୍ଡଧାରୀଙ୍କୁ ବଣ୍ଟନ ପାଇଁ ଦିଆଯାଇଥିବା ନଗଦ ୧୦୦୦ଟଙ୍କାର ସହାୟତାର ହିସାବ ମାଗିଛନ୍ତି। ପୂର୍ବରୁ ଫେବୃୟାରୀ ୨୮ ଓ ମାର୍ଚ୍ଚ ୨୯ତାରିଖରେ ନିର୍ଦ୍ଧାରିତ ଫର୍ମାଟରେ ଏହି କୋଭିଡ୍ ସହାୟତାର ହିସାବ ମାଗିଥିଲେ ମଧ୍ୟ କୌଣସି ଗୋଟିଏ ବି ଜିଲ୍ଲା ଏହି ତଥ୍ୟ ଦେଇନଥିବା ଶ୍ରୀ ସାକସେନା କହିଛନ୍ତି। ତୃତୀୟଥର ଚିଠି ଲେଖି ତୁରନ୍ତ ଏହି ଅର୍ଥ ଖର୍ଚ୍ଚର ବିନିଯୋଗ ପ୍ରମାଣପତ୍ର ଦାଖଲ ସହ ବଳକା ଅର୍ଥକୁ ଫେରସ୍ତ ଓ କାହିଁକି ଏହି ଅର୍ଥ ଖର୍ଚ୍ଚ ହୋଇପାରିଲାନି ତା'ର କାରଣ ନିର୍ଦ୍ଧାରିତ ଫର୍ମାଟରେ ଜଣାଇବାକୁ କହିଛନ୍ତି। ରାଜ୍ୟ ସରକାରଙ୍କ କୋଭିଡ୍ ସହାୟତା ଘୋଷଣା ପରେ ନିଗମ ପକ୍ଷରୁ ୨୦୨୧ ଡିସେମ୍ବର ୨୦ରେ ୬୧୦କୋଟି ଓ ଡିସେମ୍ବର ୨୧ରେ ୩୫୦କୋଟି ଟଙ୍କା ସମସ୍ତ ଜିଲ୍ଲାକୁ ପ୍ରଦାନ କରାଯାଇଥିଲା। ଏହି ମୋଟ ୯୬୦କୋଟି ଟଙ୍କାକୁ ରାଜ୍ୟର ୯୬ଲକ୍ଷ ରାସନକାର୍ଡଧାରୀ (ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀ) ପରିବାରକୁ ହଜାରେ ଟଙ୍କା ଲେଖାଏଁ ନଗଦ ଆକାରରେ ବଣ୍ଟନ କରିବାକୁ କୁହାଯାଇଥିଲା। କିନ୍ତୁ ଏହି ଅର୍ଥକୁ କେଉଁ ଜିଲ୍ଲା କେତେ ବାଣ୍ଟିଛନ୍ତି ତା'ର ଟେର କେହି ପାଉନାହାନ୍ତି। ବିଶେଷକରି ଡିସେମ୍ବରରେ ଏହି ଅର୍ଥ ପ୍ରଦାନ ପରେ ଜାନୁୟାରୀ ମଧ୍ୟଭାଗରେ ପଞ୍ଚାୟତ ନିର୍ବାଚନ ଓ ପରେ ପରେ ପୌର ନିର୍ବାଚନ ଘୋଷଣା ହେବାରୁ ଏହି ଅର୍ଥ ନଗଦ ଆକାରରେ ପ୍ରକୃତ ହିତାଧିକାରୀଙ୍କୁ ଦିଆଯାଇଛି କି ତାହା ବାଟମାରଣା ହୋଇଛି ତାକୁ ନେଇ ଆଶଙ୍କା ଲାଗି ରହିଛି। କାରଣ ରାଜ୍ୟ ଯୋଗାଣ ନିଗମର ବାରମ୍ବାର ଚିଠି ପରେ ବି ଜିଲ୍ଲାପାଳମାନେ ଏଥିପ୍ରତି ଦୃଷ୍ଟି ଦେଉନଥିବା ଓ ୟୁସି ଦାଖଲ କରୁନଥିବାରୁ ୯୬୦କୋଟି ଟଙ୍କାର କୋଭିଡ୍ ସହାୟତା ବଣ୍ଟନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ରାଜ୍ୟ ଯୋଗାଣ ନିଗମ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ଏହି କୋଭିଡ୍ ସହାୟତା ଖର୍ଚ୍ଚର ହିସାବ ଦେବାକୁ କହିଛି। ଯେଉଁଥିରେ ମୋଟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ସଂଖ୍ୟା, ନଗଦ ସହାୟତା ପାଇଥିବା ହିତାଧିକାରୀଙ୍କ ସଂଖ୍ୟା, କେତେ ଅର୍ଥ ଦିଆଯାଇଛି ଓ କେତେ ବଳକା ଅଛି, ବଳକା ରହିବାର କାରଣ କ'ଣ ଆଦି ତଥ୍ୟ ଦେବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

## ୨୧ରୁ ମାଟ୍ରିକ୍ ଖାତା ମୂଲ୍ୟାୟନ



**କଟକ :** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମେ ୨୧ତାରିଖରୁ ମାଟ୍ରିକ୍(ଏଚ୍ଏସ୍ଇ), ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହେବ। ଏଥିପାଇଁ ରାଜ୍ୟରେ ୫୮ଟି ମୂଲ୍ୟାୟନ କେନ୍ଦ୍ର ଚୟନ କରାଯାଇଛି। ପରୀକ୍ଷକମାନେ ମେ ୨୦ତାରିଖରେ ମୂଲ୍ୟାୟନ କେନ୍ଦ୍ରରେ ଯୋଗଦେବେ ଓ ୨୧ରୁ ମୂଲ୍ୟାୟନ କରାଯିବ। ମୂଲ୍ୟାୟନ ପାଇଁ ୪୮୧ଜଣ ମୁଖ୍ୟ ପରୀକ୍ଷକ, ୯୦୦ ଡେପୁଟି ମୁଖ୍ୟ ପରୀକ୍ଷକ, ୮୯୧୯ଜଣ ସହକାରୀ ପରୀକ୍ଷକ ଓ ୯୩୦ଜଣ ସ୍କୃଟନାଇଜର୍ଙ୍କୁ ନିଯୁକ୍ତି କରାଯାଇଛି। ମୂଲ୍ୟାୟନ କାର୍ଯ୍ୟ ୧୦ରୁ ୧୨ଦିନ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ବୋର୍ଡ ଉପ-ସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

### ସ୍କୁଲରେ ଖୋଲିବ ଯୁବ ଟୁରିଜିମ୍ କ୍ଲବ

# ସିବିଏସ୍ଇ ପକ୍ଷରୁ ଦେଶର ସମସ୍ତ ବିଦ୍ୟାଳୟକୁ ଚିଠି

**ଭୁବନେଶ୍ୱର :** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ସହବନ୍ଧିତ ସ୍କୁଲରେ ଯୁବ ଟୁରିଜିମ୍ କ୍ଲବ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୋର୍ଡ ପକ୍ଷରୁ କୁହାଯାଇଛି ଯେ ଆଜାଦି କା ଅମୃତ ମହୋତ୍ସବ' ପାଳନ ଅଂଶସ୍ୱରୂପ ଦେଶରେ ଯୁବ ଟୁରିଜିମ(ପର୍ଯ୍ୟଟନ) କ୍ଲବ୍ ଖୋଲିବା ପାଇଁ ପର୍ଯ୍ୟଟନ ମନ୍ତ୍ରାଳୟ ପ୍ରୟାସ ଆରମ୍ଭ କରିଛି। ଯୁବବର୍ଗଙ୍କୁ ଦେଶର ଯଥାର୍ଥ ସଦିଚ୍ଛା ଦୂତ ଭାବେ ତିଆରି କରି ସମୃଦ୍ଧ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ପ୍ରାକୃତିକ ଐତିହ୍ୟର ପ୍ରଚାର ଓ ପ୍ରସାର ସମଗ୍ର ବିଶ୍ୱରେ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ଯୁବବର୍ଗ ଅଧିକରୁ ଅଧିକ ଦେଶର ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ ପ୍ରତି ଆକୃଷ୍ଟ ହେଲେ, ସେମାନଙ୍କର ସ୍ୱଦେଶପ୍ରୀତି ଓ ଭାବନା ବଢ଼ିବ। ଦେଶର ପର୍ଯ୍ୟଟନ ବିକାଶରେ ସେମାନେ ଯଥାର୍ଥ ଯୋଗଦାନ କରିପାରିବେ। ଟୁରିଜିମ୍ କ୍ଲବରେ ଅଂଶଗ୍ରହଣ ଦ୍ୱାରା ସେମାନଙ୍କର ଦଳଗତ



କାର୍ଯ୍ୟ, ପରିଚାଳନା, ନେତୃତ୍ୱ ଭଳି କୋମଳ ଦକ୍ଷତା(ସଫ୍ଟ ସ୍କିଲ) ବଢ଼ିବ। ଯୁବବର୍ଗ ପର୍ଯ୍ୟଟନ ବିକାଶରେ ଦାୟିତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ସୁଯୋଗ ପାଇବେ। ବିଭିନ୍ନ ସ୍କୁଲରେ ଯୁବ ଟୁରିଜିମ କ୍ଲବ୍ ଗଠିତ ହେବା ଦ୍ୱାରା ଜାତୀୟ ସଂହତିକୁ ସୁଦୃଢ଼ କରିବା ସହ ପ୍ରଧାନମନ୍ତ୍ରୀଙ୍କ 'ଏକ ଭାରତ ଶ୍ରେଷ୍ଠ ଭାରତ' ଲକ୍ଷ୍ୟ ପୂରଣ ସହାୟକ ହେବ। ଏହାଦ୍ୱାରା ଛାତ୍ରଛାତ୍ରୀ ଦେଶର ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ବିଷୟରେ ଅଧିକ ଅବଗତ ହେବେ ଏବଂ ପର୍ଯ୍ୟଟନର ବିକାଶରେ ସହାୟକ ହୋଇପାରିବ। ସେମାନେ ନିଜ ରାଜ୍ୟ ଓ ପଡ଼ୋଶୀ ରାଜ୍ୟଗୁଡିକର ସଂସ୍କୃତି, ପର୍ଯ୍ୟଟନ ଓ ଐତିହ୍ୟ ସମ୍ପର୍କ ଅଧିକ ଜାଣିବାକୁ ସୁଯୋଗ ପାଇବେ। ଏହା ଦେଶର ଏକତା ଓ ସଂହତିକୁ ସୁଦୃଢ଼ କରିବ। ଟୁରିଜିମ୍ କ୍ଲବ୍ ପରିଚାଳନା ପାଇଁ ପର୍ଯ୍ୟଟନ ମନ୍ତ୍ରାଳୟ ଏକ ହ୍ୟାଣ୍ଡବୁକ୍ ଯୋଗାଣ ବ୍ୟବସ୍ଥା କରିଛି। ଏହି ହ୍ୟାଣ୍ଡବୁକ୍ରେ କ୍ଲବ ଗଠନ ଓ ନିର୍ମାଣର ନୀତି ନିୟମ ତଥା ମାର୍ଗଦର୍ଶିକା ରହିଛି। କ୍ଲବରେ କିଭଳି କାର୍ଯ୍ୟ କରି ହେବ, ସେନେଇ ଏଥିରେ ଉଲ୍ଲେଖ ରହିଛି। ସ୍କୁଲଗୁଡ଼ିକ ଏଥିରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ, ଏକ୍ସକର୍ସନ, ଅନ୍ଲାଇନ୍ ବା ଇ-ଟୁରିଜିମ, ପେନ ପଲ(ପତ୍ରବନ୍ଧୁ) ଆଦିକୁ ସାମିଲ କରିପାରିବେ। ଗୋଟିଏ ରାଜ୍ୟର ପିଲା ଅନ୍ୟ ରାଜ୍ୟର ଭାଷା ଶିଖିବା ସହ ଭ୍ରମଣରେ ଯାଇ ଐତିହ୍ୟ, ସଂସ୍କୃତି, ବିବିଧତା ଓ ଐତିହ୍ୟ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଓ ଅନୁଭୂତି ଆହରଣ କରିପାରିବେ। ସେମାନେ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବେ।

## ଆସନ୍ତା ଶିକ୍ଷାବର୍ଷରୁ ସ୍କୁଲ ପାଠ୍ୟକ୍ରମରେ ସ୍ଥାନ ପାଇବ ବିପର୍ଯ୍ୟୟ ପରିଚାଳନା

**ଭୁବନେଶ୍ୱର :** ଆସନ୍ତା ଶିକ୍ଷାବର୍ଷରୁ ସ୍କୁଲ ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା କୋର୍ସ ସ୍ଥାନ ପାଇବ। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପାଠ୍ୟକ୍ରମ ପ୍ରସ୍ତୁତି କରାଯାଉଛି ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ତେବେ ସ୍କୁଲ ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନାକୁ ସାମିଲ ପାଇଁ ୨୦୨୦ ଡିସେମ୍ବର ୨୯ରେ ରାଜ୍ୟ କ୍ୟାବିନେଟରେ ଏକ ସଂକଳ୍ପ ଗୃହୀତ କରିଥିଲେ ମଧ୍ୟ 'ଫାଇଭ-ଟି' କାର୍ଯ୍ୟକାରୀ କରୁଥିବା ବିଭାଗ ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନନେବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସାମ୍ବାଦିକମାନଙ୍କୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ, ୨୦୨୩ ଶିକ୍ଷାବର୍ଷ ପାଇଁ ଯେଉଁ ବହି ଛପା ଯାଉଛି। ସେଥିରେ ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମକୁ ସାମିଲ କରାଯିବ। ତେବେ କେଉଁ ଶ୍ରେଣୀରେ ଏହି ପାଠ୍ୟକ୍ରମ ରହିବ ତାହା ଏସସିଇଆରଟି ବିଚାର ବିମର୍ଶ କରୁଛନ୍ତି। ନବମ-ଦଶମ ଶ୍ରେଣୀ ପିଲାଙ୍କ ପାଇଁ କ'ଣ ରହିବ, ତଳ କ୍ଲାସରେ କ'ଣ ରହିବ ସେ ଦିଗରେ କାମ ଚାଲିଛି। ବିପର୍ଯ୍ୟୟ ପରିଚାଳନାକୁ ସ୍କୁଲ



ପାଠ୍ୟକ୍ରମରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ସେ ଦିଗରେ କାର୍ଯ୍ୟ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ଡିସେମ୍ବର ୨୯ରେ ରାଜ୍ୟ କ୍ୟାବିନେଟରେ ସଂକଳ୍ପ ପ୍ରସ୍ତାବ ଗୃହୀତ ହେବା ଓ ଏହାର ସପ୍ତାହକ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଘୋଷଣା କରି କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ପାଇଁ ପ୍ରତ୍ୟେକ ଘରେ ଜଣେ ଯୋଦ୍ଧା ସୃଷ୍ଟି କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ସ୍କୁଲ ପାଠ୍ୟକ୍ରମ ଓ ନିଯୁକ୍ତି ସିଲାବସରେ ମଧ୍ୟ ବିପର୍ଯ୍ୟୟ ପରିଚାଳନାକୁ ସାମିଲ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ ବି ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନି।

## ତାଳଚେର ମେଡିକାଲ କଲେଜ ପରିଚାଳନା ଦାୟିତ୍ୱ ନେଲେ ରାଜ୍ୟ ସରକାର

**ଭୁବନେଶ୍ୱର :** ତାଳଚେର ମେଡିକାଲ କଲେଜର ପରିଚାଳନା ଦାୟିତ୍ୱ ନେଲେ ରାଜ୍ୟ ସରକାର। ରାଷ୍ଟ୍ରାୟତ୍ତ କମ୍ପାନୀ ଏମ୍ସିଏଲ୍ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ନାମରେ ନାମିତ ଏହି ମେଡିକାଲ କଲେଜ ପାଇଁ ୨୦୧୫ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୫୦୦କୋଟି ଟଙ୍କା ଖର୍ଚ୍ଚରେ ୧୦୦ ଏମବିବିଏସ୍ ସିଟ୍ ଏବଂ ୫୦୦ଶଯ୍ୟା ବିଶିଷ୍ଟ ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ଅନୁଗୋଳ ସମେତ ୬ଟି ଜିଲ୍ଲାର ପ୍ରାୟ ୭୦ଲକ୍ଷ ଲୋକେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ। ଏହି ମେଡିକାଲ କଲେଜ ପାଇଁ ୨୦ ଏକର ଜାଗା ଦେବା ସହ ସବୁ ପ୍ରକାର ସହଯୋଗ କରିଥିଲେ ରାଜ୍ୟ ସରକାର। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହି ମେଡିକାଲ କଲେଜକୁ ଚଳାଇବ। ଆଉ ଏଥି ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇଦେବ ମହାନଦୀ କୋଲ ଫିଲଡ୍ ବା ଏମ୍ସିଏଲ୍। ଅନୁଗୋଳ ଜିଲ୍ଲା ଓ ଏହାର ଆଖପାଖ ଅଞ୍ଚଳର



ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ଏହି ପଦକ୍ଷେପ ପ୍ରମୁଖ ଭୂମିକା ଗ୍ରହଣ କରିବ। ରାଜ୍ୟ ସରକାରଙ୍କ ସହାୟତାରେ ଏହି ମେଡିକାଲ କଲେଜକୁ ଆଗାମୀ ଦିନରେ ଆହୁରି ସମୃଦ୍ଧ କରାଯିବ। ସେପଟେ ତାଳଚେର ମେଡିକାଲ କଲେଜ ଚଳାଇବା ଦାୟିତ୍ୱ ରାଜ୍ୟସରକାର ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥି ସହ ରାଜ୍ୟ ସରକାର ଏମ୍ସିଏଲ୍ ସହ ସମନ୍ୱୟ ରକ୍ଷା କରି ଯଥା ଶୀଘ୍ର ଏହି ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ଧର୍ମେନ୍ଦ୍ର। ସେ ଆହୁରି ବି କହିଛନ୍ତି ଯେ, ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ ସ୍ଥାପନା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନା ରହିଛି। ତାଳଚେର ହସ୍ପିଟାଲକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ୟକ୍ତିଗତ ଭାବେ କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ଓଡ଼ିଶା ସରକାର ଏହି ହସ୍ପିଟାଲର ପରିଚାଳନା, ରକ୍ଷଣାବେକ୍ଷଣ, ପ୍ରଶାସନିକ ଦାୟିତ୍ୱ ନେବାକୁ ଚିଠି ଲେଖିବା ପାଇଁ ପରାମର୍ଶ ଦେଇଥିଲେ। ଏହା ପରେ ଗତ ଏପ୍ରିଲ ୨୧ ତାରିଖରେ ପତ୍ର ଲେଖି ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଥିଲା ଏମସିଏଲ୍। ଶେଷରେ ରାଜ୍ୟ ସରକାର ଏହି ମେଡିକାଲ କଲେଜର ପରିଚାଳନା ଦାୟିତ୍ୱ ନେଇଥିବାରୁ ଏହା ଅନୁଗୋଳ ସମେତ ୬ଟି ଜିଲ୍ଲାର ଲୋକଙ୍କ ଉତ୍ତମ ସ୍ୱାସ୍ଥ୍ୟସୁବିଧା ଯୋଗାଇଦେବାର ଆଶା ପୂରଣ ହୋଇଛି। ଏଥି ସହ ରାଜ୍ୟର ଛାତ୍ରଛାତ୍ରୀମାନେ ମଧ୍ୟ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚରେ ମେଡିକାଲ ପଢ଼ିବାର ସୁଯୋଗ ପାଇବେ।

### ୨ ବର୍ଷ ପରେ ମିଳିଲା ଅନୁମତି

# ଖୋଲିବ ଡ୍ୟାନ୍ସ ବାର୍, ଜମିବ ଆସର

**ଭୁବନେଶ୍ୱର :** ପୁଣି ଥରେ ଚଳଚଞ୍ଚଳ ହେବ ଡ୍ୟାନ୍ସ ବାର୍। ବାର୍ ଗାର୍ଲଙ୍କ ନାଚ ଗୀତରେ ରଙ୍ଗୀନ୍ ହେବ ରାଜଧାନୀର ରାତି। ନାଚଗୀତ ସହ ଜମିବ ମଦର ଆସର। ଦୀର୍ଘ ୨ ବର୍ଷ ହେଲା ଡ୍ୟାନସ ବାର୍ ଉପରେ ଲାଗୁ ହୋଇଥିବା କଟକଣାକୁ ଶେଷରେ ଉଠାଇ କୋହଳ କରାଯାଇଛି। ଅବକାରୀ ବିଭାଗ ଅନୁମତି ଦେଇଥିଲେ ବି କମିସନରେଟ୍ ପୁଲିସର ଗାଇଡଲାଇନ୍ ଅନୁସାରେ ଡ୍ୟାନ୍ସ ବାରଗୁଡ଼ିକ ଚାଲିବ ବୋଲି ସ୍ପଷ୍ଟ କରାଯାଇଛି। ମହାମାରୀ କରୋନା ପାଇଁ ଗତ ଦୁଇ ବର୍ଷ ହେଲା ଡ୍ୟାନସ ବାର୍ ଉପରେ କଟକଣା ଲାଗୁ ହୋଇଥିଲା। ଏବେ ସେହି କଟକଣାକୁ କୋହଳ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ୧୪ଟି ଡ୍ୟାନ୍ସ ବାରକୁ ଅନୁମତି ଦେଇଛି ଅବକାରୀ ବିଭାଗ। ଏଣିକି ରାତି ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ ଡ୍ୟାନ୍ସ ବାର୍। ଏଥିରେ ମଦ୍ୟପାନ ସହ ଡ୍ୟାନ୍ସ ଚାଲିପାରିବ। ସବୁ



ବାର୍ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କଡ଼ାକଡ଼ି ଭାବେ ପାଳନ କରାଯିବ। ଏଥିସହ ଓଡ଼ିଶା ଅର୍ବାନ ପୁଲିସ୍ ଆକ୍ଟ ଅନୁସାରେ ଡ୍ୟାନ୍ସ ବାର୍ ସବୁ ଚାଲିବ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି। ୨୧ ବର୍ଷରୁ କମ୍ ବୟସର ଯୁବତୀଙ୍କୁ ବାର୍ରେ ନିୟୋଜିତ କରାଯାଇପାରିବ ନାହିଁ। ନର୍ତ୍ତକୀମାନେ ଉତ୍ତେଜକ ପୋଷାକ ପିନ୍ଧିପାରିବେ ନାହିଁ ବୋଲି ନିୟମ ରହିଛି। ଡ୍ୟାନ୍ସ ବାର୍ରେ ସିସିଟିଭି ଲାଗିବ ଏବଂ ଫୁଟେଜରେ ତିନି ମାସର ବ୍ୟାକ୍ ଅପ୍ ରହିବା ବାଧ୍ୟତାମୂଳକ କରାଯାଇଛି।

## ନିଯୁକ୍ତି ପରେ ବି ବ୍ଲକ୍ ଯାଉ ନାହାନ୍ତି ଆକାଉଣ୍ଟସ୍ ଅଧିକାରୀ



**ଭୁବନେଶ୍ୱର :** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାରେ ବ୍ଲକ୍ କାର୍ଯ୍ୟାଳୟଗୁଡ଼ିକର ମୁଖ୍ୟ ଭୂମିକା ରହୁଛି। ଏଠାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାରୁ ଆକାଉଣ୍ଟସ ଅଧିକାରୀମାନଙ୍କର କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏବେ ରାଜ୍ୟରେ ୫୦ରୁ ଅଧିକ ବ୍ଲକ୍ରେ ଆକାଉଣ୍ଟସ ଅଧିକାରୀ ନାହାନ୍ତି। କିଛି ବ୍ଲକ୍ରେ ଆକାଉଣ୍ଟସ ଅଧିକାରୀଙ୍କୁ ନିଯୁକ୍ତି ଦିଆଗଲା ପରେ ବି ସେମାନେ ଯାଉ ନାହାନ୍ତି। ଫଳରେ ବ୍ଲକ୍ ଗୁଡ଼ିକରେ ଆକାଉଣ୍ଟସ ପରିଚାଳନାରେ ଅବ୍ୟବସ୍ଥା ଦେଖାଦେଉଛି। ଯେଉଁ ବ୍ଲକଗୁଡ଼ିକରେ ଆକାଉଣ୍ଟସ ଅଧିକାରୀ ନାହାନ୍ତି, ସେଠାରେ ଏବିଡିଓମାନେ ଦାୟିତ୍ୱରେ ରହୁଛନ୍ତି। କିନ୍ତୁ ସେମାନଙ୍କର ଆକାଉଣ୍ଟ୍/ଟିକସ ବ୍ୟବସ୍ଥା ଉପରେ ସେତେଟା ଦଖଲ ନ ଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି। ଭୁଲ୍ ହିସାବ ପାଇଁ ବିଭିନ୍ନ ବ୍ଲକ୍ରେ ଅଭିଯୋଗର ତାଲିକା ବି ଲମ୍ବୁଛି। ଗୋଟିଏ ଗୋଟିଏ ବ୍ଲକ୍ରେ ୮/୧୦ ବର୍ଷ ଧରି ଏବିଡିଓ ହିଁ ଆକାଉଣ୍ଟସ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏ ନେଇ ବିଭିନ୍ନ ଆଡୁ ଅଭିଯୋଗ ଆସିଲା ପରେ ଗତ ଏପ୍ରିଲ୍ ମାସ ୬ ତାରିଖରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୩୭ ଜଣ ଅଧିକାରୀଙ୍କୁ ବିଭିନ୍ନ ବ୍ଲକ୍ର ଆକାଉଣ୍ଟସ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହା ମଧ୍ୟରେ ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ବି ଏମାନଙ୍କ ମଧ୍ୟରୁ ଅଧିକାଂଶ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି। ପଞ୍ଚାୟତିରାଜ ବିଭାଗ ବି ନିଯୁକ୍ତି ନିର୍ଦ୍ଦେଶ ଜାରି କରିଦିଆଯାଇ ଚୁପ୍ ବସିଯାଇଛି। ବାସ୍ତବରେ ଏହି ଅଧିକାରୀମାନେ ବ୍ଲକ୍ ଯିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି ନା କୌଣସି ଚାପରେ ବ୍ଲକ୍କୁ ଜାଣିଶୁଣି ଆକାଉଣ୍ଟସ ଅଧିକାରୀଙ୍କୁ ପଠାଯାଉନି, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

# ଓୟୁଟିଆରର ହେବ ନବକଳେବର

**ଭୁବନେଶ୍ୱର :** ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରର ଅଗ୍ରଣୀ ଅନୁଷ୍ଠାନ ଓଡ଼ିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)ର ହେବ ନବକଳେବର। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ପୂର୍ବରୁ ଏହା କଲେଜ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଭାବେ ଏହା ପରିଚିତ ଥିଲା। ଭିତ୍ତିଭୂମିଠାରୁ ଆରମ୍ଭ କରି ମାନବ ସମ୍ବଳର ବିକାଶ ଜରିଆରେ ଏହି ଅନୁଷ୍ଠାନର ରୂପାନ୍ତର ହେବ। ତିନି ବର୍ଷରେ ତିନୋଟି ପର୍ଯ୍ୟାୟରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କେବଳ ପ୍ରଥମ ବର୍ଷରେ ୧୦୦୦ କୋଟି ଟଙ୍କା ବିନିଯୋଗ ହେବ। ଆଇଆଇ ଏମ୍, ଆଇଆଇଟି ଓ ଏନ୍ଆଇଟି ପରି ଖ୍ୟାତିସମ୍ପନ୍ନ ବୈଷୟିକ ଅନୁଷ୍ଠାନ ପରି ଏହାର ବିକାଶ କରାଯାଇପାରିବ। ଆଜି ଏହାର ବିକାଶ ସଂପର୍କିତ ମାଷ୍ଟରପ୍ଲାନକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ଓଡ଼ିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ୪୬୦୦ ଛାତ୍ରଛାତ୍ରୀ ପଢୁଥିବା ବେଳେ ଆଗାମୀ ୫ ବର୍ଷରେ ଯେପରି ୧୦ ହଜାର ଛାତ୍ରଛାତ୍ରୀ ପଢ଼ିବାର ସୁଯୋଗ ପାଇବେ, ତାକୁ ଦୃଷ୍ଟିରେ ରଖି ଏହାକୁ ଆଇଆଇଟି ଢାଞ୍ଚାରେ ବିକାଶ କରାଯିବ ।ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହାର ଭିତ୍ତିଭୂମି, ପରିଚାଳନା, ଶିକ୍ଷାଦାନ ଆଦି ସଂପର୍କରେ ସମୀକ୍ଷା କରିଥିଲେ। ଏହି ବିଶ୍ୱବିଦ୍ୟାଳୟକୁ ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଶିକ୍ଷା ଓ ଗବେଷଣାର ଗୁଣାତ୍ମକ ମାନ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।ଉଚ୍ଚମାନର ଶିକ୍ଷାଦାନ ଉପରେ ଗୁରୁତ୍ୱ ସହ ନିଉ ଏଜ୍ ଟେକ୍ନୋଲୋଜି ପାଇଁ ନୂଆ ନୂଆ ପାଠ୍ୟକ୍ରମ ଖୋଲାଯାଇ ମାନବ ସମ୍ବଳର ବିକାଶ ତଥା ଆନ୍ତ ବିଭାଗୀୟ ଗବେଷଣା କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ପାଇଁ ଅଧିକ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ମଧ୍ୟ ପ୍ରତିଷ୍ଠା କରାଯିବ। ଏହାସହିତ ଶିକ୍ଷାଦାନ ଓ ଗବେଷଣା ପାଇଁ ଦେଶ ବିଦେଶର



ବିଶ୍ୱବିଦ୍ୟାଳୟ ସହ ମଧ୍ୟ ସହଭାଗିତାରେ କାର୍ଯ୍ୟ କରାଯିବ। ପ୍ରଯୁକ୍ତି ବିଦ୍ୟା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଷ୍ଟାର୍ଟ ଅପକୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଉଦ୍ୟୋଗୀ ମନୋଭାବର ବିକାଶ ପାଇଁ ବିଭିନ୍ନ ଅଗ୍ରଣୀ ଶିଳ୍ପାନୁଷ୍ଠାନ ସହଯୋଗରେ ଇନକ୍ୟୁବେସନ୍ ସେଣ୍ଟରର ମଧ୍ୟ ବିକାଶ କରାଯିବ। ବିଶ୍ୱବିଦ୍ୟାଳୟରେ ନୂଆ ଗବେଷଣା ସହିତ ବୌଦ୍ଧିକ ସମ୍ପତ୍ତି ଅଧିକାର ହାସଲ କରାଯାଇପାରିବ ହୋଇପାରିବ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ସୂଚନାଯୋଗ୍ୟ ଯେ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ, ଓଡ଼ିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଅଧ୍ୟାପକ ତଥା ଛାତ୍ରଛାତ୍ରୀମାନଙ୍କ ସହିତ ଅନୁଷ୍ଠାନର ବିକାଶ ସଂପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ ଏହି ବିଶ୍ୱବିଦ୍ୟାଳୟ ୧୯୮୧ ମସିହାରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ସିଇଟି ନାମରେ ପ୍ରତିଷ୍ଠିତ ହୋଇଥିଲା। ୨୦୦୧ ମସିହାରେ ଏହା ଭୁବନେଶ୍ୱରର ଘାଟିକିଆଠାରେ ଥିବା ୧୦୦ ଏକର ବିଶିଷ୍ଟ ନିଜସ୍ୱ କ୍ୟାମ୍ପସକୁ ସ୍ଥାନାନ୍ତରିତ ହୋଇଥିଲା। ଏହା ହେଉଛି ଓଡ଼ିଶାର ଏକମାତ୍ର ଅନୁଷ୍ଠାନ ଯାହାକି ନାକ୍ ଦ୍ୱାରା ଏ ଗ୍ରେଡ୍ ମାନ୍ୟତା ହାସଲ କରିପାରିଛି। ୨୦୨୧ରେ ଏହା ଏକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିଲା ଏବଂ ଓଡ଼ିଶା ବୈଷୟିକ ଶିକ୍ଷା ତଥା ଗବେଷଣା ବିଶ୍ୱବିଦ୍ୟାଳୟ ଭାବରେ ନାମିତ ହୋଇଥିଲା । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଏହାର ରୂପାନ୍ତର ସଂପର୍କିତ ଏକ ଉପସ୍ଥାପନା ରଖିଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବୈଠକରେ ଏହାର ଓଏସଡି ଡକ୍ଟର ରମେଶ ପାତ୍ର ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ ନିଷ୍ଠାପର ଉଦ୍ୟମ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ସରକାରଙ୍କ ଏହି ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇବା ସହିତ ବିଶ୍ୱବିଦ୍ୟାଳୟର ଗୌରବ ବୃଦ୍ଧି ପାଇଁ ଯତ୍ନବାନ ହେବେ ବୋଲି କହିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିସନର ପି.କେ. ଜେନା, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୬ - ୨୨ ମଇ, ୨୦୨୨

# ପ୍ରସଙ୍ଗ ଓ ପ୍ରଶ୍ନବାଚୀ

ଯେତେବେଳେ ନିର୍ବାଚିତ ସରକାର ଜନତାଙ୍କ କଣ୍ଠରୋଧ କରି ମନଇଚ୍ଛା କୌଣସି ନିଷ୍ପତ୍ତି ନିଅନ୍ତି, ସେତେବେଳେ ବିଦ୍ରୋହ ଆରମ୍ଭ ହୋଇଥାଏ। କାରଣ ଜନତାଙ୍କ ଯୋଗୁ ଗଠିତ ସରକାର ପ୍ରଥମେ ଜନତାଙ୍କ ପରାମର୍ଶ ନେବା ଉଚିତ। ଜନତା ହିଁ ଜନମଙ୍ଗଳ ରାଷ୍ଟ୍ରର ମୁକୁଟ ଏବଂ ଗଣତନ୍ତ୍ରର ରକ୍ଷକ। ଶାସକ ଯେତେବେଳେ ଏକଛତ୍ରବାଦୀ ଓ ସ୍ୱେଚ୍ଛାଚାରୀ ହୁଅନ୍ତି ସେତେବେଳେ ଚାରିଆଡୁ ସରକାରଙ୍କୁ ସମାଲୋଚନାର ସ୍ୱର ତୀବ୍ର ହୋଇଉଠେ। ଭାରତର ପଡୋଶୀ ଦେଶ ଶ୍ରୀଲଙ୍କାର ପରିସ୍ଥିତି ଦେଖିଲେ ଏହା ବୁଝାପଡୁଛି। ସେଠାରେ ଏବେ ଗୃହଯୁଦ୍ଧ ପରିସ୍ଥିତି, ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ। ଶାସକ ଆତ୍ମଗୋପନ କରିଥିଲା ବେଳେ ଜନତା ରାଜରାସ୍ତାରେ ବୁଲୁଛନ୍ତି। ଦରଦାମ ନିୟନ୍ତ୍ରଣ ବାହାରେ ଥିଲାବେଳେ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁନାହିଁ। ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଶାସକ ନିଜକୁ ବଞ୍ଚାଇବାକୁ ଯାଇ ଜନତାଙ୍କ ଉପରେ ଗୁଳିମାଡ଼ ନିର୍ଦ୍ଦେଶ ଦେଇସାରିଛନ୍ତି। ତେବେ ଏଭଳି ଅବସ୍ଥା ପାଇଁ କିଏ ଦାୟୀ -ଜନତା ନା ସରକାର? ସରକାର ହିଁ ଦାୟୀ। ଏହାର କାରଣ ଏଇଆ ଯେ, ସରକାର ଋଣ କରି ଦେଶ ଚଳାଇ ଯେଉଁ ବାହାବା ନେବାକୁ ଚାହିଁଲେ ତାର ଫଳ ବିପରୀତ ଘଟିଲା। ଲୋକଙ୍କ ହାତକୁ କାମ ଦେବା ବଦଳରେ ଶ୍ରୀଲଙ୍କା ସରକାର କିଛି କିଛି ମାଗଣା ଦେଇ ଲୋକଙ୍କ ମୁହଁ ବନ୍ଦ କରିବାକୁ ଚାହିଁଲେ। ଏଥିରେ ଋଣ ସୁଝିବାର ସାମର୍ଥ୍ୟ ହ୍ରାସ ପାଇ ଚାଲିଲା। ଶେଷକୁ ଋଣ ଦାତା କରଜ ଟଙ୍କା ଆଦାୟ ପାଇଁ ଯେତେବେଳେ କଠୋର ହେଲେ ସେତେବେଳେ ସରକାରଙ୍କ ଅସଲ ମୁଖା ଖୋଲିଗଲା। ଆମର ଆଉ ଏକ ପଡୋଶୀ ଦେଶ ପାକିସ୍ତାନ କଥା ଦେଖନ୍ତୁ, ଋଣ ନେଇ ସରକାର ହରଡ଼ ଘଣାରେ। ଋଣ ଟଙ୍କା ସୁଝିବାକୁ ଦେଶର ଶକ୍ତି ନାହିଁ, ଯାହାଫଳରେ ଅନ୍ୟ ଦେଶରୁ ଋଣ ଆଣି ପୁରୁଣା ଋଣ ଚୁକ୍ତି କରିବାକୁ କସରତ ଆରମ୍ଭ ହୋଇଥିଲେ ବି ଗୋଟିଏ ଦେବାଳିଆ ରାଷ୍ଟ୍ରକୁ ଋଣ ଦେବା ପାଇଁ ସମସ୍ତେ ଅମଙ୍ଗ। ଯେଉଁଥିପାଇଁ ସେଠାରେ ମଧ୍ୟ ହାହାକାର ପରିସ୍ଥିତି। କିଛିଦିନ ତଳକୁ ଫେରିଗଲେ ତତ୍କାଳୀନ ଇମ୍ରାନ ସରକାରଙ୍କ ଜିଦ ଖୋର ମନୋବୃତ୍ତି ହିଁ ଏହା ପଛର କାରଣ ବୋଲି ଜଣାପଡେ। କାରଣ ନିଜର ଦୂରଦୃଷ୍ଟିହୀନତା ଯୋଗୁ ଏଭଳି ଘଟଣା ଘଟିଥିବା ଜଣାପଡେ। ଦେଶର ଆର୍ଥିକ ବିକାଶ କଥା ଭୁଲି ଯେତେବେଳେ ଶାସକ ଋଣ କରି ଘିଅ ଖାଆନ୍ତି ପରିସ୍ଥିତି ଏଭଳି ହେବା ସ୍ୱାଭାବିକ। ବିସ୍ତାରବାଦୀ ଚୀନ ସରକାର ଶ୍ରୀଲଙ୍କା ଓ ପାକିସ୍ତାନକୁ ଅସୀମିତ ଋଣ ଦେଇ ନିଜର ଚିନ୍ତାଧାରାକୁ ସାକାର କରିବା ଚକ୍ରବ୍ୟୁହ ରଚନା କରିଛି ବୋଲି ଉଭୟ ଦେଶ ବୁଝିପାରିନଥିଲେ। ସେତେବେଳେ ଦେଶ ଚଳାଇବା ବାହାନାରେ ଋଣ କରିଚାଲିଲେ। ଯାହାଫଳରେ ଏଭଳି ସଙ୍କଟ ଦେଖାଦେଲା। ଦେଶ ଚଳାଇବା ଏକ କଠୋର କାର୍ଯ୍ୟ ନିଶ୍ଚୟ। ଏହାକୁ ସଠିକ ଭାବେ ଚଳାଇବାକୁ ହେଲେ ପ୍ରଥମେ ଦେଶର ଜନତାଙ୍କୁ ସଶକ୍ତ କରିବାକୁ ପଡେ। ଫଳରେ ଲୋକ ଭଲରେ ରହିଲେ ସରକାର ସୁରକ୍ଷିତ ହୁଏ। ଲୋକଙ୍କ କଥା ଭୁଲି ଶାସକ ନିଜ ଇଚ୍ଛାରେ କାର୍ଯ୍ୟ କରିଚାଲିଲେ ଲୋକଙ୍କ ଆକ୍ରୋଶ ସରକାରଙ୍କ ଉପରେ ବଢେ, ଏହା ପରବର୍ତ୍ତୀ ସମୟରେ ବିଦ୍ରୋହକୁ ଜନ୍ମଦିଏ। ଲୋକଙ୍କ ହାତକୁ କାମ ଦେବା ବଦଳରେ ଋଣ କରି ମାଗଣା ବଣ୍ଟନ ଯୋଜନା ଜରିଆରେ ଲୋକଙ୍କୁ ସନ୍ତୁଷ୍ଟ କରିବା ଭଳି ଚକ୍ରାନ୍ତ ସବୁଦିନ ଗୋପନ ରହିପାରେନି, ଏହାର ସୂତ୍ର ଖୋଲିଯାଏ। ଯେତେବେଳେ ଲୋକେ ଘଟଣା ପଛର ଘଟଣା ବୁଝିପାରନ୍ତି ସେତେବେଳକୁ ସବୁ ଓଲଟା ହୋଇଯାଏ। ଏଭଳି ମାରାତ୍ମକ ମାନସିକତା ରଖୁଥିବା ସରକାର ବିପର୍ଯ୍ୟୟ ପାଇଁ ବାଟ ଖୋଲିସାରିଥାନ୍ତି। କେବଳ ଏହାର ପରିଣାମ ବାକି ଥାଏ। ଶ୍ରୀଲଙ୍କାର ବର୍ତ୍ତମାନ ପରିସ୍ଥିତି ଯାହା, ସେଠାରେ ସେନା ହାତକୁ ଶାସନ କ୍ଷମତା ଯାଇପାରେ। ଏଠାରେ ସଙ୍କଟ ଉଗ୍ର ରୂପ ଧାରଣ କରିଛି। ଦେଶବ୍ୟାପୀ ଆନ୍ଦୋଳନ ଜାରି ଥିବା ବେଳେ ସରକାରୀ ସମ୍ପତ୍ତି ମଧ୍ୟ ଲୁଟ ହେଉଛି। ଶ୍ରୀଲଙ୍କାରେ ଆନ୍ଦୋଳନକାରୀ ଓ ଏକ ପ୍ରମୁଖ ବାଣିଜ୍ୟିକ ଗୋଷ୍ଠୀ ମିଶି ସରକାର ଗଢିବାକୁ ଦାବି କରିଛନ୍ତି। ସେଠାରେ ଲୋକମାନେ ସାମାନ୍ୟ ଔଷଧ ମଧ୍ୟ ପାଉନାହାନ୍ତି। ଅତି ସାଙ୍ଘାତିକ ସ୍ଥିତି ଥିବାରୁ ସେନା ହାତକୁ କ୍ଷମତା ଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଶ୍ରୀଲଙ୍କାର ଦୟନୀୟ ସ୍ଥିତି ଭଳି ପାକିସ୍ତାନର ଅବସ୍ଥା ମଧ୍ୟ ଖରାପ ହେବାରେ ଲାଗିଛି। ଏଠାରେ ମଧ୍ୟ ଦରଦାମ ବୃଦ୍ଧି ସେଠାକାର ଲୋକଙ୍କୁ ଅସ୍ତବ୍ୟସ୍ତ କରିଛି। ଦେଶ ଚଳାଇବାକୁ ଯଥେଷ୍ଟ ଅର୍ଥ ନଥିଲା ବେଳେ ଚୀନ ପାକିସ୍ତାନକୁ ଦେଇଥିବା ଋଣ ଟଙ୍କା ମାଗିବା ଆରମ୍ଭ କରିଛି।

ସମ୍ପାଦକୀୟ



ତାରକ ମହାନ୍ତି

ଏବେ ଓଡିଶା ପ୍ରସଙ୍ଗକୁ ଆସିବା। ଶ୍ରୀମନ୍ଦିରର ୧୦୦ ମିଟର ନିଷିଦ୍ଧାଞ୍ଚଳରେ ବେଆଇନ ଖନନ ଓ ନିର୍ମାଣ ଚାଲିଥିବା ନେଇ ପୁରୀ ଓକିଲ ସଂଘ ପକ୍ଷରୁ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା। ହେଲେ ସିଂହଦ୍ୱାର ଥାନା କୌଣସି ମାମଲା ରୁଜୁ କରିନଥିଲେ କି କିଛି କାର୍ଯ୍ୟାନୁଷ୍ଠାନ ନେଇନଥିଲେ।ଏ ନେଇ ପୁରୀ ଓକିଲ ସଂଘ ଏସଡ଼ିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ଏସଡ଼ିଜେଏମ୍ ପୁରୀ ଜିଲ୍ଲାପାଳ, ଓବିସିସି ଓ ଟାଟା ପ୍ରୋଜେକ୍ଟ ନାଁରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପୁରୀର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସମାନ ଅଭିଯୋଗ ଥାଇ ସିଂହଦ୍ୱାର ଥାନାରେ ଜିଲ୍ଲାପାଳ ଏବଂ ଠିକା ସଂସ୍ଥା ନାଁରେ ଏତଲା ଦିଆଯାଇଛି। ଅନ୍ୟପକ୍ଷରେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ପୁରୀ ଆସି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୧୦୦ ମିଟର ନିଷିଦ୍ଧାଞ୍ଚଳରେ ଖନନ ଓ ନିର୍ମାଣସ୍ଥଳ ପରିଦର୍ଶନ କରି ଉଦବେଗ ପ୍ରକାଶ କରିଛନ୍ତି। ଏହି ଅବସରରେ ପୁରୀର ସାଂସଦ ପିନାକୀ ମିଶ୍ରଙ୍କୁ ଶ୍ରୀ ପାତ୍ର ଖୋଲା ଆହ୍ୱାନ ଦେଇ କହିଛନ୍ତି-ଦିଲ୍ଲୀରେ ବସି ସଂସଦ ଭଳି ପବିତ୍ର ସ୍ଥାନରେ ମିଛ କହିବା ଅପେକ୍ଷା ଖନନ ସ୍ଥଳକୁ ଆସି ସତ କ'ଣ ପରଖନ୍ତୁ। ତେବେ ଏହାରି ମଧ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ନୂଆ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ ନିଷିଦ୍ଧାଞ୍ଚଳ ବାହାରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର ହେବ ବୋଲି ଜଣାପଡିଛି। ସେହିଭଳି ବାହାର ରାସ୍ତା ପାଇଁ ଆବଶ୍ୟକ ପଡ଼ିଲେ ଜମି ଅଧିଗ୍ରହଣ କରାଯିବ। ପୂର୍ବରୁ ଶ୍ରୀମନ୍ଦିର ୧୦୦ ମିଟର ନିଷିଦ୍ଧାଞ୍ଚଳରେ ଶ୍ରୀଜଗନ୍ନାଥ ରିସେପସନ ସେଣ୍ଟର କରାଯିବାକୁ ଯେଉଁ ପ୍ରସ୍ତାବ ରହିଥିଲେ ଏଥିରେ ପରିବର୍ତ୍ତନ କରାଯାଇଛି। ନିର୍ମାଣ ବେଳେ ଶ୍ରୀମନ୍ଦିର ଯେଭଳି ଲୁଚିବନି, ସ୍ପଷ୍ଟ ଦୃଶ୍ୟମାନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ। ପ୍ରତ୍ନତତ୍ତ୍ୱ ଡିଜିଙ୍କ ପରାମର୍ଶ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବାଦବିବାଦ ଭିତରେ ପ୍ରତ୍ନତତ୍ତ୍ୱ ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଯାଇଛି। ବୈଠକରେ ପରିକ୍ରମା ପ୍ରକଳ୍ପ ସହ ରଥଯାତ୍ରାର ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲେ ବି କେହି କିନ୍ତୁ ପ୍ରକଳ୍ପ ସମ୍ପର୍କିତ ବିଷୟ ଉପରେ ମୁହଁ ଖୋଲିନାହାନ୍ତି। ତେବେ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସାଧାରଣ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ଭଙ୍ଗ କରାଯିବା ଦ୍ୱାରା ଗୋଟେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ପ୍ରଧାନମନ୍ତ୍ରୀଙ୍କ ୟୁରୋପ ଗସ୍ତ



ସୌମେନ୍ଦ୍ର ଜେନା

ମଇ ମାସର ପ୍ରଥମ ସପ୍ତାହରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁରୋପର ତିନୋଟି ରାଷ୍ଟ୍ର ଜର୍ମାନୀ, ଡେନମାର୍କ ଏବଂ ଫ୍ରାନ୍ସ ଗସ୍ତରେ ଯାଇଥିଲେ । କୋରୋନା ପରବର୍ତ୍ତୀ ସକ୍ରୀୟ ସହଯୋଗ, ସୁଦୃଢ ସଂପର୍କ ଏବଂ ଗତିଶୀଳ ବାଣିଜ୍ୟିକ କାରବାରକୁ ଆଗେଇ ନେବା ପାଇଁ ମୋଦିଙ୍କ ଏହି ଗସ୍ତ ବେଶ୍ ଫଳପ୍ରଦ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଏହି ୬୫ ଘଣ୍ଟାର ଗସ୍ତକାଳରେ ୭ଟି ଦେଶର ମୁଖ୍ୟଙ୍କ ସହ ସାକ୍ଷାତ, ୨୫ଟି ଆଲୋଚନା, ୫୦ ବ୍ୟବସାୟୀଙ୍କ ସହ ଆଲୋଚନା, ଭିନ୍ନ ଭିନ୍ନ ରାଷ୍ଟ୍ରରେ ପ୍ରବାସୀ ଭାରତୀୟଙ୍କ ସମ୍ମେଳନ ପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୩ରୁ ୫ ମଇ ୨୦୨୨ ଯାଏଁ ରହିଥିବା ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ୟୁରୋପର ପ୍ରମୁଖ ରାଷ୍ଟ୍ରମୁଖ୍ୟଙ୍କୁ ଭେଟି ଆଗାମୀ ଦିନପାଇଁ ବାଣିଜ୍ୟିକ ସହଯୋଗ, ଉତ୍ପାଦନ ଓ ବିତରଣର ବ୍ୟବସ୍ଥା ଉପରେ ଅଧିକ ଦୃଷ୍ଟିଦେବାକୁ କିପରି କାର୍ଯ୍ୟ ହୋଇପାରିବ ତା ଉପରେ ଅଧିକ ଜୋର ଦେଇଥିଲେ । ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ସହ ସାଂପ୍ରତିକ ବିଶ୍ୱସଙ୍କଟ, ଆଗାମୀ ଦିନରେ ଶକ୍ତି ସମସ୍ୟାର ସମାଧାନ ପାଇଁ କିପରି କାର୍ଯ୍ୟ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ । ରୁଷ-ୟୁକ୍ରେନ ଯୁଦ୍ଧ ଜାରି ଥିଲାବେଳେ ଭାରତ ପ୍ରତି ୟୁରୋପର ରାଷ୍ଟ୍ରଗୁଡିକର ଦୃଷ୍ଟିକୋଣ ଭିନ୍ନ ରହିଛି । କାରଣ ଭାରତ ଆମେରିକା-ୟୁରୋପକୁ ସନ୍ତୁଷ୍ଟ କରିବା ସହ ରୁଷିଆ ସହ ପୁରୁଣା ସଂପର୍କକୁ ବଳବତ୍ତର କରି ରଖିବା ଉପରେ ଜୋର ଦେଉଛି । ଜାତିସଂଘଠାରୁ ଭିନ୍ନ ଭିନ୍ନ ମଞ୍ଚ ପର୍ଯ୍ୟନ୍ତ ସବୁଠି ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିଆସିଛି । ରୁଷ ବିରୋଧରେ କହିବା ପାଇଁ ୟୁରୋପ ରାଷ୍ଟ୍ରଗୋଷ୍ଠୀ ଭାରତ ଉପରେ ଚାପ ପକାଇବାକୁ ଚେଷ୍ଟା କରି ମଧ୍ୟ ସଫଳ ହୋଇପାରିନାହାନ୍ତି । ପ୍ରଧାନମନ୍ତ୍ରୀ ଗସ୍ତର ପ୍ରଥମ ଚରଣରେ ବର୍ଲିନ ଗସ୍ତ କରିଥିଲେ । ଜର୍ମାନୀରେ ପହଞ୍ଚିବା ପରେ ମୋଦିଙ୍କୁ ଲାଲ କାର୍ପେଟର ସ୍ୱାଗତ କରାଯାଇଥିଲା । ଜର୍ମାନୀ ଚାନସେଲର ଓଲାଫ୍ ସ୍କଲଜଙ୍କ ସହ ମୋଦିଙ୍କ ସାକ୍ଷାତ ପ୍ରଥମ ଥିଲା । ଗତ ଡିସେମ୍ବର ୨୦୨୧ରେ ଓଲାଫ ଜର୍ମାନୀର ଚାନସେଲର ଦାୟିତ୍ୱ ନେଇଥିଲେ । ବର୍ଲିନର ଫେଡେରାଲ ଚାନସେଲାରୀଠାରେ ମୋଦିଙ୍କୁ ସ୍ୱାଗତ କରାଯାଇ ଗାର୍ଡ ଅଫ ଅନର ଦିଆଯାଇଥିଲା । ଦ୍ୱିପାକ୍ଷିକ ଆଲୋଚନା ପୂର୍ବରୁ ଦୁଇ ରାଷ୍ଟ୍ରର ନେତା ମୁହାଁମୁହିଁ ଆଲୋଚନା କରିଥିଲେ । ଏହାପରେ ଦ୍ୱିପାକ୍ଷିକ ଆଲୋଚନାରେ ପରିବେଶ,ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରଦୂଷଣ ମୁକ୍ତ ସହଯୋଗ ଆଦି ବିଷୟ ଆସିଥିଲା । ୟୁକ୍ରେନ ଯୁଦ୍ଧ ଯୋଗୁ ଖାଦ୍ୟ, ଶକ୍ତି, ସାର, ଖାଇବାତେଲ ଆଦି କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅଭାବକୁ ନେଇ ଆଲୋଚନା ହୋଇଥିଲା । ଦୁଇ ରାଷ୍ଟ୍ର ମଧ୍ୟରେ ନିରନ୍ତର ବିକାଶ ସଂକ୍ରାନ୍ତରେ ଯେଉଁ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା ତଦନୁସାରେ ୨୦୩୦ ମଧ୍ୟରେ ଜର୍ମାନୀ ଭାରତକୁ ୧୦ବିଲିଅନ ୟୁରୋ ସହାୟତା ଗ୍ରୀନ ଡେଭେଲପମେଣ୍ଟ ପାଇଁ ଦେବାଲାଗି ଘୋଷଣା କରିଥିଲା । ରୁଷ-ୟୁକ୍ରେନ ଯୁଦ୍ଧ ସଂପର୍କରେ ମୋଦି କହିଥିଲେ ଯେ ଏଥିରେ କେହି ବିଜୟୀ ହେବେ ନାହିଁ, ସମସ୍ତେ କ୍ଷତି ସହିବେ । ତେଣୁ ଯୁଦ୍ଧ ବନ୍ଦ ହୋଇ ଶାନ୍ତି ପାଇଁ ଆଲୋଚନା ହେବା ଆବଶ୍ୟକ । ୟୁରୋପରେ ଜର୍ମାନୀ ଭାରତର ସବୁଠୁ ବଡ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର । ଜର୍ମାନୀ ଭାରତରେ ୭ମ ବଡ ନିବେଶକାରୀ ରାଷ୍ଟ୍ର । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୨୦୧୯ରେ ୧୯.୩୫ ବିଲିଅନ ୟୁରୋ ରହିଥିଲା । ସଂପ୍ରତି ପ୍ରାୟ ଦୁଇଲକ୍ଷ ଭାରତୀୟ ଜର୍ମାନୀରେ କାର୍ଯ୍ୟରତ ଥିଲାବେଳେ ୧୭୫୦୦ ଛାତ୍ରଛାତ୍ରୀ ଭିନ୍ନ ଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ଶିକ୍ଷାଲାଭ କରୁଛନ୍ତି । ମୋଦିଙ୍କ ସମ୍ମାନରେ ୧୮ଶ ଶତାବ୍ଦୀର ପ୍ରସିଦ୍ଧ ବ୍ରାଣ୍ଡେନବର୍ଗ ଗେଟକୁ ବର୍ଲିନରେ ସଜ୍ଜା ଯାଇଥିଲା । ପ୍ରୁସିଆର ରାଜା ଫ୍ରେଡେରିକ୍ ୱିଲିୟମ ଦ୍ୱିତୀୟଙ୍କ ଆଦେଶକ୍ରମେ ଏହି ଗେଟର ନିର୍ମାଣ ଖ୍ରୀ ୧୭୮୮ରେ ଆରମ୍ଭ ହୋଇ ଖ୍ରୀ ୧୭୯୧ରେ ଶେଷ ହୋଇଥିଲା । ଜର୍ମାନୀରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କୁ ମୋଦି ଏକ କାର୍ଯ୍ୟକ୍ରମରେ ସମ୍ବୋଧନ କରିଥିଲେ । ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ତାଙ୍କ ଭାଷଣରେ ପ୍ରଧାନମନ୍ତ୍ରୀ ମୋଦି ବର୍ତ୍ତମାନର ଶାସନ କାଳରେ ଭାରତର ସଫଳତା, ରାଜନୀତିକ ସ୍ଥିରତା, ବିକାଶର ଗତିଶୀଳତା ବିଷୟ ଉଲ୍ଲେଖକରି ଦେଶରେ ରିଫର୍ମ, ପରଫର୍ମ ଏବଂ ଟ୍ରାନ୍ସଫର୍ମ କିପରି ହୋଇପାରିବ ସେ ସଂପର୍କରେ କହିଥିଲେ । ଭାରତର ଲୋକାଲକୁ ଗ୍ଲୋବାଲ ସ୍ତରକୁ ନେବାଲାଗି ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଯୋଗ, ଆୟୁର୍ବେଦ ପାରମ୍ପାରିକ ଔଷଧର ଚାହିଦା ସାରା ବିଶ୍ୱରେ ବଢିବାରେ ଲାଗିଛି । ତେଣୁ ଭାରତୀୟମାନେ ଏସବୁର ଲୋକପ୍ରିୟତା ବୃଦ୍ଧିରେ ସହାୟକ ହେବା ପାଇଁ କହିଥିଲେ । ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣମୁକ୍ତ ଶକ୍ତି ଉତ୍ପାଦନ ଏସବୁ କ୍ଷେତ୍ରରେ କିପରି ରୋଜଗାର ସୁଯୋଗର ସୃଷ୍ଟି ହୋଇଛି ତାହା ଉଲ୍ଲେଖ କରିଥିଲେ ।

ଆଜି ଚୀନ ସହ ଜର୍ମାନୀର ବାଣିଜ୍ୟ ଢେର ଅଧିକ ବଢିଥିଲେ ହେଁ ଜର୍ମାନୀର ମାତ୍ର ୬ପ୍ରତିଶତ ଜନତା ଚୀନକୁ ପସନ୍ଦ କରିଥାନ୍ତି । ଆଗାମୀ ଦିନରେ ରୁଷ ଓ ଚୀନର ବାଣିଜ୍ୟ ଉପରେ କଟକଣା ଲାଗିବାର ସମ୍ଭାବନା ଥିବା ଯୋଗୁ ୟୁରୋପରେ ଭାରତ ପାଇଁ ବାଣିଜ୍ୟ ସୁଯୋଗ ବଢିଛି । ୟୁରୋପୀୟ ୟୁନିଅନକୁ ଚୀନ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବା ନେଇ ଅଭିଯୋଗ କରିଛନ୍ତି ଲିଥୁଆନିଆର ସାଂସଦ ମେଟାସ ମାଲଦେଇକିସ୍ । ଚୀନର ଧମକ ସତ୍ତ୍ୱେ ଲିଥୁଆନିଆର ଭିଲନିୟସଠାରେ ତାଇୱାନର କୂଟନୈତିକ କାର୍ଯ୍ୟାଳୟ ଖୋଲିଛି । ଚୀନ ଏବଂ ରୁଷିଆର ବିରୋଧ ସତ୍ତ୍ୱେ ଭାରତ ମଧ୍ୟ ଲିଥୁଆନିଆରେ ନିଜର କୂଟନୈତିକ କାର୍ଯ୍ୟାଳୟ ଖୋଲିବାକୁ ଘୋଷଣା କରିଛି । ୟୁରୋପରେ ଖାଦ୍ୟାନ୍ନଠାରୁ ତୈଳ ପର୍ଯ୍ୟନ୍ତ ବହୁ କ୍ଷେତ୍ରରେ ଅଭାବ ସୃଷ୍ଟି ହୋଇଛି । ଭାରତ ୟୁରୋପର ଶୂନ୍ୟସ୍ଥାନକୁ ପୂରଣ କରିବାଲାଗି ଏବେଠାରୁ ସକ୍ରୀୟ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ଚରଣ ଗସ୍ତ ଥିଲା ଡେନମାର୍କ । ରାଜଧାନୀ କୋପେନ ହେଗେନଠାରେ ମୋଦିଙ୍କୁ ସ୍ୱାଗତ କରିବା ପାଇଁ ଡେନମାର୍କର ପ୍ରଧାନମନ୍ତ୍ରୀ ପ୍ରୋଟୋକଲ୍ ଭାଙ୍ଗି ଲାଲ କାର୍ପେଟ ବିଛାଇ ଅପେକ୍ଷାରେ ରହିଥିଲେ । ଗତବର୍ଷ ଅକ୍ଟୋବର ମାସରେ ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନ ଭାରତ ଗସ୍ତରେ ଆସି ବେଶ୍ ପ୍ରଭାବିତ ହୋଇଥିଲେ । ସେପ୍ଟେମ୍ବର ୨୦୨୦ରେ କୋରୋନା କାଳରେ ଦ୍ୱିପାକ୍ଷିକ ଆଲୋଚନା ଆଭାସୀ ବ୍ୟବସ୍ଥାରେ ହୋଇଥିଲା । ସେତେବେଳେ ରଣନୀତିକ ସହଯୋଗୀ ହେବାପାଇଁ ଆଲୋଚନା ହୋଇଥିଲା । ଡେନମାର୍କ ଭାରତର ପ୍ରସ୍ତାବରେ ରାଜି ହେବା ସହ ସୌର ସାମ୍ମୁଖ୍ୟରେ ଯୋଗଦେବାକୁ ଇଚ୍ଛାପ୍ରକାଶ କରିଥିଲା । ଦ୍ୱିପାକ୍ଷିକ ବାଣିଜ୍ୟ ୨୦୧୬ରେ ୨.୮ ବିଲିଅନ ଡଲାରରୁ ବଢି ୨୦୨୧ରେ ୫ ବିଲିଅନ ଡଲାରରେ ପହଞ୍ଚିଛି । ପବନଶକ୍ତି, ଜଳପରିଚାଳନା, ଜାହାଜ ଚଳାଚଳ, ସ୍ମାର୍ଟସିଟି ଆଦି କ୍ଷେତ୍ରରେ ଡେନମାର୍କ କାର୍ଯ୍ୟକରିବାକୁ ଆଗ୍ରହୀ ରହିଛି । ଭାରତରେ ଡେନମାର୍କର ୨୦୦ରୁ ଅଧିକ ସଂଖ୍ୟକ କମ୍ପାନୀ ଭିନ୍ନ ଭିନ୍ନ ପ୍ରକଳ୍ପରେ କାର୍ଯ୍ୟରତ ରହିଛନ୍ତି । କୋପେନ ହେଗେନଠାରେ ରାଣୀ ମାରଗ୍ରେଥେ-୨ ପ୍ରଧାନମନ୍ତ୍ରୀଙ୍କୁ ଏମାଲିଏନ ବର୍ଗ ପ୍ରାସାଦରେ ସ୍ୱାଗତ କରିଥିଲେ । ୮୨ବର୍ଷ ବୟସ୍କା ରାଣୀଙ୍କୁ ମୋଦି ଗୁଜରାଟର ରୋଗାନ ପେଣ୍ଟିଂ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ମୋଦି ଡେନମାର୍କରେ ଚାଲିଥିବା ମେରୁରାଷ୍ଟ୍ରୀୟ ଆଲୋଚନା ପାଇଁ ଉପସ୍ଥିତ ଥିବା ଫିନଲାଣ୍ଡର ପ୍ରଧାନମନ୍ତ୍ରୀ ସାନ୍ନା ମାରିନଙ୍କୁ ରାଜସ୍ଥାନୀ ପିତଳର ଚିତ୍ରକଳା ଜୀବନବୃକ୍ଷ,ଡେନମାର୍କର ଯୁବରାଣୀ ମାରୀଙ୍କୁ ବାରାଣସୀର ରୁପାର ପକ୍ଷୀ, ଡେନମାର୍କ ଯୁବରାଜ ଫ୍ରେଡେରିକଙ୍କୁ ଛତିଶଗଡର ଡୋକ୍ରା ଢଙ୍ଗା, ଡେନମାର୍କର ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନଙ୍କୁ କୁଚରଏମ୍ବ୍ରୋଡୋରୀ ପ୍ରସ୍ତୁତ ଚିତ୍ର, ସ୍ୱିଡେନର ପ୍ରଧାନମନ୍ତ୍ରୀ ମାଗଡେଲେନା ଅଣ୍ଡରସନଙ୍କୁ କାଶ୍ମିରୀ ଶା. ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଗହରଷ୍ଟୋରଙ୍କୁ ରାଜସ୍ଥାନୀ ଢାଲ ଉପହାର ଦେଇଥିଲେ । ରାଜପ୍ରସାଦରେ ମୋଦି ଏବଂ ଅନ୍ୟ ଅତିଥିଗଣଙ୍କୁ ମହାରାଣୀଙ୍କ ପକ୍ଷରୁ ଭୋଜିରେ ଆପ୍ୟାୟିତ କରାଯାଇଥିଲା । ଡେନମାର୍କ ପ୍ରଧାନମନ୍ତ୍ରୀ ନିଜ ବାସଭବନ ମୋଦିଙ୍କୁ ବୁଲାଇ ଦେଖାଇଥିଲେ । ପୁରୀର ରଘୁରାଜପୁରରେ ପ୍ରସ୍ତୁତ ଅଯୋଧ୍ୟା ସଂପର୍କିତ ପଟ୍ଟଚିତ୍ର ତାଙ୍କ କାନ୍ଥରେ ଝୁଲୁଥିବା ଦେଖାଯାଇଥିଲା । ଦୁଇନେତା ପ୍ରଧାନମନ୍ତ୍ରୀ ବାସଭବନର ବଗିଚାରେ ଅନେକ ସମୟ ଧରି ବୁଲି ବୁଲି କଥାବାର୍ତ୍ତା ହୋଇଥିଲେ । ଦ୍ୱିପାକ୍ଷିକ ଘୋଷଣାରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜଳଯୋଗାଣ, ଭୂତଳ ଜଳର ଆକଳନ, ଜଳପରିଚାଳନା, ନଦୀର ପୁନରୁଦ୍ଧାର ଏବଂ କମ୍ପ୍ୟୁଟରୀକରଣ ସଂକ୍ରାନ୍ତରେ ଅନେକ ପ୍ରଗତି ହୋଇଥିବା କୁହାଯାଇଥିଲା । ବାରାଣାସୀଠାରେ ଏକ ଅତ୍ୟାଧୁନିକ ସ୍ମାର୍ଟ ଗବେଷଣାଗାର ସ୍ୱଚ୍ଛ ନଦୀଜଳ ପାଇଁ ସ୍ଥାପନ, ସ୍ମାର୍ଟ ଜଳସମ୍ବଳ ପରିଚାଳନା କେନ୍ଦ୍ର ସ୍ଥାପନା ପାଇଁ ସ୍ଥିର ହୋଇଥିଲା । ଗୋପାଳନ ଏବଂ ଜାହାଜ ଚଳାଚଳ ପାଇଁ ଦକ୍ଷତା କେନ୍ଦ୍ର ସ୍ଥାପନ ସଂକ୍ରାନ୍ତରେ ଘୋଷଣା ହୋଇଥିଲା । ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଗହରଷ୍ଟୋରଙ୍କ ସହ କୋପେନ ହେଗେନଠାରେ ମୋଦିଙ୍କ ସାକ୍ଷାତ ହୋଇଥିଲା । ଅକ୍ଟୋବର ୨୦୨୧ରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ଜୋନାସଙ୍କର ମୋଦିଙ୍କ ସହ ଏହି ସାକ୍ଷାତ ଥିଲା ପ୍ରଥମ । ନରୱେର ଦକ୍ଷତା ସହ ଭାରତରେ ସୁଯୋଗ ଦୁଇଦେଶ ପାଇଁ ସହାୟକ ହେବ ବୋଲି ମୋଦି କହିଥିଲେ । ଦୁଇନେତା ଗ୍ରୀନ ହାଇଡ୍ରୋଜେନ, ମତ୍ସ୍ୟପାଳନ, ବର୍ଷାଜଳ ଅମଳ, ମହାକାଶ ସହଯୋଗ, ସ୍ୱାସ୍ଥ୍ୟ ଓ ସଂସ୍କୃତି, ଦୀର୍ଘକାଳୀନ ଢାଞ୍ଚାଗତ ନିର୍ମାଣରେ ପୁଞ୍ଜିନିବେଶ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଦ୍ୱିତୀୟ ଭାରତ ନର୍ଡିକ ରାଷ୍ଟ୍ର ଆଲୋଚନାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଡେନମାର୍କ, ଫିନଲ୍ୟାଣ୍ଡ, ଆଇସଲାଣ୍ଡ, ସ୍ୱିଡେନ ଏବଂ ନରୱେର ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ । ବହୁପକ୍ଷୀୟ ସହଯୋଗ, ଜଳବାୟୁ ପରିବର୍ତ୍ତନ, ନବ ସର୍ଜନ, କମ୍ପ୍ୟୁଟରୀକରଣ ଆଦି ବିବିଧ କ୍ଷେତ୍ରରେ ମିଳିତ କାର୍ଯ୍ୟପାଇଁ ଆଲୋଚନା ହୋଇଥିଲା । ଭାରତର ବିଦେଶ ସଚିବ ଭିଏମ କ୍ୱାତ୍ରାଙ୍କ କହିବା ଅନୁସାରେ ମେରୁ ଅଞ୍ଚଳରେ ସହଯୋଗ ଏବଂ ବିକାଶ ପାଇଁ ଚାରିରୁ ପାଞ୍ଚଗୋଟି କ୍ଷେତ୍ରକୁ କେନ୍ଦ୍ରକରି କାର୍ଯ୍ୟ କରିବାକୁ ସ୍ଥିର ହୋଇଛି । ମୋଦି ନର୍ଡିକ ଦେଶଗୁଡିକରେ କାର୍ଯ୍ୟରତ ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମରେ ଯୋଗଦେଇ ଭାଷଣ ଦେଇଥିଲେ । ଜର୍ମାନୀ ପରି ୫୦ମିନିଟରୁ ଅଧିକ ସମୟ ଧରି ମୋଦି ନିଜସ୍ୱ ଶୈଳୀରେ ଭାରତର ବର୍ତ୍ତମାନ, ଆଗାମୀ କାଲିର ଆହ୍ୱାନ, ଭାରତୀୟଙ୍କ ଭୂମିକା ଆଦି ଅନେକ ବିଷୟକୁ ସରଳ ଭାଷାରେ ବୁଝାଇଥିଲେ । ପ୍ରତ୍ୟେକ ପ୍ରବାସୀ ଭାରତୀୟ ପ୍ରତିବର୍ଷ ପାଞ୍ଚଜଣ ଅଣଭାରତୀୟ ଲୋକଙ୍କୁ ଭାରତଦର୍ଶନରେ ପଠାଇବାକୁ ଚେଷ୍ଟା କରିବାକୁ ସେ ଉପସ୍ଥିତ ଲୋକମାନଙ୍କୁ କହିଥିଲେ । ପ୍ରଧାନମନ୍ତ୍ରୀ ୟୁରୋପ ଗସ୍ତର ଶେଷ ଚରଣରେ ପ୍ୟାରିସରେ ପହଞ୍ଚିବାପରେ ମୋଦିଙ୍କୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ପାଛୋଟି ନେଇଥିଲେ । ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ମୁହାଁମୁହିଁ ୯୦ମିନିଟ୍ ଧରି ୟୁକ୍ରେନଠାରୁ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପର୍ଯ୍ୟନ୍ତ ଅନେକ ବିଷୟରେ ଆଲୋଚନା କରିଥିଲେ । ଇଲିସି ପ୍ୟାଲେସଠାରେ ଦୁଇନେତାଙ୍କ ମଧ୍ୟରେ ବେଶ୍ ବନ୍ଧୁତ୍ୱପୂର୍ଣ୍ଣ କଥାବାର୍ତ୍ତା ହୋଇଥିଲା । ମୋଦିଙ୍କ ସହ ବିଦେଶମନ୍ତ୍ରୀ ଏସ.ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଥିବାରୁ ଗୋଟିଏ ସମୟରେ ଭିନ୍ନ ଭିନ୍ନ ମନ୍ତ୍ରିସ୍ତରୀୟ ଆଲୋଚନା ହୋଇପାରିଥିଲା । ୟୁରୋପରେ ବଢୁଥିବା ଇସଲାମିକ ସନ୍ତ୍ରାସ ବିରୋଧୀ ଲଢେଇରେ ଭାରତ ଫ୍ରାନ୍ସର ସବୁଠୁ ନିକଟତର ଦେଶ ଯିଏ କି ଏହି ବିଷୟକୁ ନେଇ ସବୁ ମଞ୍ଚରେ ତିରିଶ ବର୍ଷ ଧରି ବାରମ୍ବାର କହିଆସିଛି । ରାଷ୍ଟ୍ରପତି ମାକ୍ରୋନ୍ ନିର୍ବାଚନରେ ବିଜୟୀ ହେବାପରେ ମୋଦି ହିଁ ପ୍ରଥମ ବିଦେଶୀ ରାଷ୍ଟ୍ରମୁଖ୍ୟ ଯିଏକି ତାଙ୍କୁ ସାକ୍ଷାତ କରିଛନ୍ତି । ଦୁଇନେତାଙ୍କ ମଧ୍ୟରେ ପ୍ରତିରକ୍ଷା, ମହାକାଶ, ବେସାମରିକ ଆଣବିକ ସହଯୋଗ ଆଦି ଆଲୋଚନା ହୋଇଥିଲା । ବିଶ୍ୱ ଖାଦ୍ୟ ସମସ୍ୟା,ଯୋଗାଣରେ ଅସୁବିଧା ସାରର ଅଭାବକୁ କେନ୍ଦ୍ରକରି ଦୁଇନେତା ଉଦ୍‌ବେଗ ପ୍ରକାଶ କରିଥିଲେ ।

କହିବାକୁ ଗଲେ ପ୍ରଧାନମନ୍ତ୍ରୀଙ୍କ ଏହି ତ୍ରିରାଷ୍ଟ୍ରୀୟ ୟୁରୋପଗସ୍ତ ବେଶ୍ ସଫଳ ଥିଲା । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତର ଚର୍ଚ୍ଚା ଭାରତଠାରୁ ଅଧିକ ପାକିସ୍ତାନରେ ହେଉଛି । ଗସ୍ତକାଳରେ କୌଣସି ଖବର ସେଠାକାର ଗଣମାଧ୍ୟମରେ ସ୍ଥାନ ପାଇନଥିଲେ ମଧ୍ୟ ଗସ୍ତପର ଚର୍ଚ୍ଚାରେ ପାକ୍ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଏଥିରୁ ବିଦେଶନୀତି ସଂପର୍କରେ ଶିକ୍ଷା କରିବାକୁ ସମୀକ୍ଷକମାନେ କହୁଛନ୍ତି । ସରିଫ ସହାୟତା ମାଗିବା ପାଇଁ ବିଦେଶଗସ୍ତ କରୁଥିବା ସମୟରେ ମୋଦି ବାଣିଜ୍ୟର ବୃଦ୍ଧି ପାଇଁ ଯେପରି ଗସ୍ତ କରୁଛନ୍ତି ତାର ଉଚ୍ଚ ପ୍ରଶଂସା କରାଯାଇଛି । ଏପରି ଗସ୍ତପରେ ଜାତିସଂଘଠାରୁ ଆରମ୍ଭକରି ଭିନ୍ନ ଭିନ୍ନ ମଞ୍ଚରେ ରୁଷିଆ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ କେନ୍ଦ୍ର କରି ଭାରତ ସ୍ଥିତି ସଂପର୍କରେ ଦେଶମାନଙ୍କର ଧାରଣା ନିଶ୍ଚୟ ବଦଳିବ ବୋଲି ଆଶା କରାଯାଇପାରେ ।

*ଭାରତୀୟ ସମ୍ବାଦ ସେବା (ଭାସ)*
*ଭୁବନେଶ୍ୱର -୭୫୧୦୦୩*

# ମହଙ୍ଗା ମାଡ଼, ଜନଜୀବନ ବେହାଲ



ଶ୍ରୀକାନ୍ତ କୁମାର ସାହୁ

ବାତ୍ୟା, ମହାବାତ୍ୟାକୁ ନେଇ ଓଡ଼ିଶା ଉଠୁଥିବା ପଡୁଥିବାବେଳେ ଲୋକମାନଙ୍କ ଭିତରେ ୧୯୯୯ର ମହାବାତ୍ୟାର ଭୟ ଏକ ପ୍ରକାର କଳା ବାଦଲ ପରି ଢ଼ାଙ୍କି ରଖିଛି। ପେଟ୍ରୋଲ, ଗ୍ୟାସ, ଚଡ଼କ ପରି ବଢୁଥିବାବେଳେ ଇତିମଧ୍ୟରେ ସାଧାରଣରେ ଖାଉଟିଙ୍କ ମୁଖ୍ୟ କୁହାଯାଉଥିବା ଆଳୁ ଠାରୁ ପରିବା, ବିସ୍କୁଟ ଠାରୁ ତେଲ, ସାବୁନ ଠାରୁ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ରୋଷେଇ ଘରେ ମହଙ୍ଗା ମାଡ଼ ଖାଉଟିଙ୍କ ପକେଟକୁ କଣା କରୁଛି। ସାଧାରଣରେ ଅସନ୍ତୋଷ ବଢୁଛି ହେଲେ ଶୁଣୁଛି କିଏ। ଯଦି ଆପଣ ଘରର ସଉଦା ପତ୍ର କିଣୁଥାନ୍ତି ତେବେ ଭଲ ଭାବେ ଜାଣିଥିବେ। ବିସ୍କୁଟ ପ୍ୟାକେଟ ପାଞ୍ଚଟଙ୍କା ବଢ଼ି କୋଡିଏରୁ ପଚିଶ। ଛୋଟ ପିଲାଙ୍କ ଲକ୍ଟୋଜେନ ଠାରୁ ବିଭିନ୍ନ ପ୍ରକାର ପାଉଡର ମାସକରେ ତିରିଶ ଟଙ୍କା ବଢ଼ିଲାଣି। ଅମୁଲ ପନ୍ଦର ଟଙ୍କା ବଢ଼ି ୩୯୦ ଛୁଇଁଲାଣି। ରିଫାଇନ ତେଲ ୧୫ଟଙ୍କା ବଢ଼ି ୨୦୦ କଣ୍ଟା ପାଖରେ ଥିଲାବେଳେ ସର୍ଫ କେଜି ପିଛା ୫ଟଙ୍କା ଆଉ ଦାନ୍ତଘଷା ପେଷ୍ଟ ୫ରୁ ୧୦ଟଙ୍କା ବଢ଼ିଗଲାଣି। ପରିବାର ଦର ବି ସେହିପରି। ୨୦ଟଙ୍କା ଥିବା କେଜି ଏବେ ପାଖାପାଖି ୩୦ରେ ପହଞ୍ଚିଲାଣି। ଟମାଟୋ ତ ୮୦ ଆଉ କିଲୋ ପିଛା ୩୦ରୁ ୪୦ ଟଙ୍କା ରହୁଥିବା ସାରୁ ଏବେ ୬୦ରେ ପହଞ୍ଚିଲାଣି। ପ୍ରଶ୍ନ ଉଠୁଛି ଲୋକ ତାହାଲେ ଖାଇବେ କ'ଣ? ଦରଦାମ ଯେଉଁପରି ବଢୁଛି ଲୋକଙ୍କ ରୋଜଗାର ବା ଆୟ ବା ମାସିକ ଦରମା ସେହିପରି ବଢୁନାହିଁ। ବର୍ତ୍ତମାନ ବଜାରରେ ଡାଲି ୧୧୦, ସୋରିଷ ତେଲ ଓ ରିଫାଇନ ତେଲ ୨୦୦, ପେଟ୍ରୋଲ ଡିଜେଲ ଦରତ ଲଗାମ ହୀନ ଭାବେ ବଢ଼ିଚାଲିଛି ତା ସହିତ ରନ୍ଧନ ଗ୍ୟାସ କିଛି ଦିନ ତଳେ ୫୦ଟଙ୍କା ବଢ଼ିବା ପରେ ରୋଷେଇଘରେ ଚଡ଼କ ପଡ଼ିଯାଇଛି। କରୋନା ମାଡ଼ରେ ରୋଜଗାର କମିଥିବାବେଳେ ଲୋକମାନେ ଅସ୍ତବ୍ୟସ୍ତ ହୋଇଯାଇଥିଲେ। ଦରଦାମ ଲୋକମାନଙ୍କୁ କନ୍ଦାଇ ଦେଇଥିଲା। ଏବେ ପିଲାମାନଙ୍କ ବିଦ୍ୟାଳୟ ସବୁ ଖୋଲି ଯାଇଛି, ସେହିପରି କରୋନା ମୁକ୍ତ ହେବାପରେ ଘର ପରିବାରରେ କିଣାକିଣିର ଧାରା ପୂର୍ବ ପରି ଆରମ୍ଭ ହୋଇଯାଇଛି। ହେଲେ ପକେଟରେ ଧନ ଥିଲେ ତ? ସରକାରୀ ଚାକିରିଆଙ୍କର ସେପରି ଦରମା ବା ଭତ୍ତା ବଢ଼ିନି। ଇଆଡ଼େ ଘର ସଂସାର ଭିତରେ ବନ୍ଧୁବାନ୍ଧବ, ଖୋଜାଲୋଡ଼ା, ଭାର ବ୍ୟବହାର ଅଛି। ଦେହପାଆ କଥା ଦେଖିଲେ ଡାକ୍ତରୀ ଫିସ୍ ଓ ଔଷଧପତ୍ର, ପରୀକ୍ଷା ନିରୀକ୍ଷା ତା ପଇସା ବି ଅଛି। ବାର ଦେଖି ଆଇଁଶ ଟିକେ ପାଟିରେ ମାରିବା ପୂର୍ବରୁ ରେଟ କଥା ଶୁଣି କିଲେ ଜାଗାରେ ତିନିଶହ କାଟି ସାତଶହ ଗ୍ରାମ କିଣିବାକୁ ପଡୁଛି। ୫୦୦ ଗ୍ରାମ ଜାଗାରେ ୩୦୦ ଗ୍ରାମର ଆଇଁଶ କିଣି ପରିବା ପକେଇ ଚଳେଇଦେବାକୁ ପଡୁଛି। ତାହାହେଲେ ଆମେ ବଞ୍ଚିବା କିପରି? କିପରି ଚଳିବା?

ସାଧାରଣରେ ବଜାରରେ ଦରଦାମ ନିୟନ୍ତ୍ରଣ କରିବା ଦାୟିତ୍ୱ କାହାର? ଏକ ଗଣତନ୍ତ୍ର ରାଷ୍ଟ୍ରରେ ଜଣେ ସାଧାରଣ ଲୋକ କିପରି ନିୟନ୍ତ୍ରିତ ଭାବେ ଜୀବନ ବଞ୍ଚାଇବ ଏବଂ ଘର ସଂସାର ଚଳାଇବ ଏ ଦାୟିତ୍ୱ ସମ୍ବିଧାନ ପ୍ରଦତ୍ତ ସରକାରଙ୍କର। ହେଲେ ପ୍ରୋତ୍ସାହନ, ଭତ୍ତା, ସହାୟତା ଏସବୁ ସମସ୍ତଙ୍କୁ ମିଳୁନାହିଁ। ବଡ଼ବଡ଼ିଆମାନେ ତ ଚଳିଯିବେ, ମଧ୍ୟବିତ୍ତମାନେ ଦୋହଲି ଦାହାଲି ଠିକି ଯିବେ ହେଲେ ନିମ୍ନ ମଧ୍ୟବିତ୍ତଙ୍କ ଅଣ୍ଟା ଭାଙ୍ଗିଯିବ ଆଉ ଗରିବ ଟିଏ ତ ମରିଯିବ ନିଶ୍ଚୟ!! ତାହାହେଲେ ଏ ସଂସାର କ'ଣ ଆଉ ରହିବନି? କଥାରେ ଅଛି 'ସଂସାର କରିଥିଲେ ପଥର ପଡ଼ିଲେ ସହି'। ହେଲେ ଏ ପଥର ଯଦି ଇଚ୍ଛାକୃତ ହୁଏ ତାକୁ କ'ଣ ସହିହେବ? ଜୀବନ ଅଛି ମାନେ ଦେହପାଆ, ରୋଗ ବୈରାଗ୍ୟ, ଅଘଟଣ ଦୁର୍ଘଟଣ ତ ରହିବ ଏହାକୁ କିଏ ଅତ୍ୟୁକ୍ତି କରୁନାହିଁ। କିନ୍ତୁ ଯେଉଁଠି ନିୟନ୍ତ୍ରଣ ହୀନ ପ୍ରଶାସନର ବେଲଗାମ ବଜାରର ଉଚ୍ଚାଚଢ଼ା ଦର ଓ ଠେଲାପେଲା ସେଠି ସାଧାରଣରେ ଖାଉଟି ଟିଏ କ'ଣ କରିବ ବା କିପରି ବା ଚଳିବ? ପେଟ୍ରୋଲ ମୂଲ୍ୟ ଯାହା ଗାଡ଼ି ଟିଏ ଧରି ବାହାରିବା ପାଇଁ ଶହେ ଥର ଚିନ୍ତା କରିବାକୁ ପଡୁଛି। ଗ୍ୟାସ ୧୦୩୦ ଟଙ୍କା ପାଖରେ ପହଞ୍ଚିଥିବାବେଳେ ରାନ୍ଧିବା ପୂର୍ବରୁ ଘରଣୀ ଶହେ ଥର ଚିନ୍ତା କରୁଛନ୍ତି। ସହରରେ ତ ଲୋକ ଘର ବାହାରେ ଚୁଲି ଖୋଳି ପକାଇଲେଣି। କେହି କେହି ଯଦି ଗାଁ ଗଣ୍ଡାରୁ କମ ମୂଲ୍ୟରେ କିରୋସିନ ପାଉଛନ୍ତି ତାହେଲେ କିଛି ରୋଷେଇ ଷ୍ଟୋଭରେ କରିବା ପାଇଁ ଭାବୁଛନ୍ତି। ହେଲେ ଏ କ'ଣ ସରଳ ଆଉ ସମାଧାନର କଥା। ବଜାର ଦର ଉପରେ ନିୟନ୍ତ୍ରଣ ରହିବା ଦାୟିତ୍ୱ କ'ଣ ଖାଉଟିଙ୍କର ନାଁ ପ୍ରଶାସନ ନା ସରକାରଙ୍କର? ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ପାମୋଲିନ ତେଲ ବଢ଼ିଗଲା, ଏକାବେଳକେ ୩୦ଟଙ୍କାର ଲଙ୍ଗଜମ୍ପ ମାରିଲା ହେଲେ ଆପଣ ଜାଣିଛନ୍ତି ଭାରତ ସରକାର ଏବେ ଶସ୍ତା ମୂଲ୍ୟରେ ରୁଷରୁ ପ୍ରଚୁର ମାତ୍ରାରେ ପେଟ୍ରୋଲ ଓ ଡିଜେଲ କିଣୁଛନ୍ତି କିନ୍ତୁ ବଜାରରେ ପେଟ୍ରୋଲ ଡିଜେଲର ରେଟ କ'ଣ ପାଇଁ ଚଡ଼କ ପରି ଉଠିଯାଇଛି? ପାଠକେ ଜାଣି ଆଶ୍ଚର୍ଯ୍ୟ ହେବେ ଆମେ ପେଟ୍ରୋଲ ଓ ଡିଜେଲରେ ଲିଟର ପିଛା କେବଳ ଟିକସ ଦେଉଛୁ ପାଖାପାଖି ୬୦ଟଙ୍କା। ଦେଶର ଉନ୍ନତି ପାଇଁ କେନ୍ଦ୍ର ସରକାର ଖର୍ଚ୍ଚ କରୁଛନ୍ତି କେହି ମନା କରୁନାହିଁ କିନ୍ତୁ ଯେତେବେଳେ ଶସ୍ତା ରହୁଛି ଲୋକଙ୍କୁ ତାହା ସୁଫଳ ଦିଅନ୍ତୁ କିମ୍ବା ଅନ୍ୟ ଖାଉଟି ସାମଗ୍ରୀରେ ରିହାତି ଦିଅନ୍ତୁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତାଙ୍କୁ ସର୍ବନିମ୍ନ ବଜାର ଦରରେ ଏବଂ ସାମଗ୍ରିକ ସୁବିଧାରେ ରଖିବାର ଦାୟିତ୍ୱ ହେଉଛି ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଏକ ସାମ୍ବିଧାନିକ ସରକାରର। ଓଡ଼ିଶା ସରକାର ଅନେକ ସୁଫଳ ଦେଉଛନ୍ତି କିନ୍ତୁ ବଜାର ଦର ପାଇଁ ନିୟନ୍ତ୍ରଣ ଯେଉଁ ବ୍ୟବସ୍ଥାରେ ଉଲ୍ଲେଖ ରହିଛି ତାହାର ନିୟନ୍ତ୍ରଣ କ'ଣ ଖାଉଟିମାନେ କରିବେ? ତେଣୁ ତୁରନ୍ତ ବଢ଼ି ପାଣି ବେକେ ହେବା ପୂର୍ବରୁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ନଚେତ ଜନ ଅସନ୍ତୋଷର ନିଆଁ ସାମଗ୍ରିକ ଭାବେ ସମାଜକୁ ଯେଉଁ ବାର୍ତ୍ତା ଦେବ ତାହାକୁ ସହ୍ୟ କରିବାର ଶକ୍ତି ଆଉ କାହାପାଖରେ ନଥିବ। କୁହାଯାଏ ଭୋକିଲା ପେଟ କିଛି ଆଇନ ଜାଣେନା। ଯେତେବେଳେ ଜଣଙ୍କ ଘରେ ଖାଇବାକୁ ନଥିବ, ଲୋକଟିର କାମଦାମ ନଥିବ ତା ସଂସାର ଓ ଜୀବନ ଜୀବିକାକୁ ଦେଖି ସେ ଅବାଟରେ ଯିବ। ସେ ଅବାଟ ଚୋରି ନାରୀ ହେଉ ବା ଯାହାକିଛି ବି ହେଉ ତେଣୁ ସାମଗ୍ରିକ ଭାବେ ଏହାର ସମାଧାନ କରାଯାଉ ଏବଂ ଆଉ ଗୋଟିଏ କଥା ଦୈବ ଦୁର୍ବିପାକ ବା ବାତ୍ୟା ନାମରେ କଳାବଜାରୀ ନ ହେଉ। ଏ ଦାୟିତ୍ୱ କିନ୍ତୁ ଆମ ମାନଙ୍କର।

*ବିଡ଼ାନାସୀ, ନୂଆସାହି, କଟକ*
*ଦୂରଭାଷ : ୭୦୦୮୩୨୫୭୩୧*

# ଅଭୁଲା ସ୍ମୃତିର ଉନ୍ମୁକ୍ତ ଚେତନା

ପଙ୍କଜ କୁମାର ପାଣିଗ୍ରାହୀ

ଆଜି ମୁଁ କହୁଛି, କାଲି ହୁଏତ ନଥିବି। ତୁମେ ସବୁ ମୋ ସମସାମୟୀକ ଭାବେ ମୋ କଥାକୁ ଶୁଣୁନାହିଁ କିମ୍ବା ହତାଦର କରୁଅଛ । ସେଇଥିରେ ମୋର ତିଳେ ହେଲେ ଦୁଃଖ ନାହିଁ, କି କ୍ଷୋଭ । କାରଣ ମୁଁ ନିଜର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ କାର୍ଯ୍ୟ କରୁନାହିଁ କିମ୍ବା ମୋ ପଛରେ ମୋର ପୂଜା ଅର୍ଚ୍ଚନା କରାଯିବା ଲକ୍ଷ ନାହିଁ । ଅଜ୍ଞାନ ଦୁଃସ୍କୃତଙ୍କ ଛନ୍ଦରେ ବନ୍ଧା ଜୀବନ ତୁମର ଯେ କେବଳ ପୋକ ମାଛି ପରି ଜନ୍ମ ହୋଇ ନିର୍ବୋଧ ଜୀବନ ଯାପନ କରି ମାରିବା ଛଡା ମନୁଷ୍ୟ ଜୀବନର ପ୍ରକୃତ ଆନନ୍ଦ ପାଇବା ସାତ ସ୍ୱପ୍ନ। ତୁମେ ଆଜି ଯେଉଁ ବାଟର ବାଟୋଇ ହୋଇ ପଥ ଅତିକ୍ରମ କରୁଛ ସେହି ବାଟ କେବଳ କଣ୍ଟକିତ, ଅବାଟ । ଜୀବନର କରାଳତାରେ ଯନ୍ତ୍ରଣାରୁ ନିସ୍ତାର ନାହିଁ । ଭାବୁଛ ସେମାନେ ତୁମକୁ ପରିରାଇଜରେ ବୁଲାଇ ଆଣିବେ? ନର୍କ ଠାରୁ ଘୃଣ୍ୟ କର୍ମ କରି ଜୀବନ ଦରିଆର ପରାକ୍ରମ ନାଉରୀ ଭଳି ଅଭିନୟ କରି ସେମାନଙ୍କ ଝୋଲିରେ ଭରିଦେଉଅଛ ଅପାସୋରା କଷ୍ଟର ଅମୃତ ଆସର! ଲୁଣ୍ଠିତ ଜୀବନ ଯେ କେଉଁ ମାର୍ଗରେ ପରିଚାଳିତ ନିଘା ନାହିଁ ତୁମର ଜାଣିବା ପାଇଁ। ଭାବୁଛ ସେମାନେ ପ୍ରକୃତରେ ସୁଖଦାୟୀ, କାର୍ଯ୍ୟରତ ଦିବା ନିଶି ତୁମ ପାଇଁ। ସେ ଛଳନାର ଅନ୍ତ ନାହିଁ କି ତୁମ ପ୍ରତାରଣାର ମାପ ନାହିଁ! ଅପାସୋରା ସେହି କାହାଣୀ ଯେ ଯୁଗ ଯୁଗର ଅଦ୍ୟାବଧି କେବଳ ଛଳନା, ପ୍ରତାରଣା ଛଡା ବାସ୍ତବତା ଦର୍ଶାଇବା ମଣିଷ ଜଣେ ହେଲେ ନାହିଁ ଯାହାଙ୍କୁ ତୁମେ ଶୀର୍ଷାଶୀତ କରି ରଖି ଆସୁଅଛ କାଳ କାଳ ଧରି। ସେମାନଙ୍କ ଦ୍ୱାରା ଦର୍ଶାଯାଉଥିବା ସମୟସାପେକ୍ଷ ଚତୁର ଛନ୍ଦର ବୋଧତା ନାହିଁ କି ବିଚାର। ଅନ୍ଧ ଭଳି ବିଶ୍ୱାସ କରି କରି ଚାଲିଥିବ ଆଉ କେତେଦିନ......? କ'ଣ ମଣିଷ ସମାଜ ବିଲୁପ୍ତ ହେବା ଯାଏଁ।

ବିକାଶର ସଜ୍ଞା କାହାକୁ ଜଣାନାହିଁ। ଯାହା ଦେଖା ଯାଉଅଛି ତା'କୁ ହିଁ ବିକାଶ ବୋଲି ଭାବିବା ଏକ ନିର୍ବୋଧତା ଛଡା ଆଉ କିଛି ନାହିଁ। ସାମାଜିକ ପରିବେଶରେ ପରିବର୍ତ୍ତନ କୁ ବିକାଶ ବୋଲି କୁହାଯାଇ ପାରିବ ନାହିଁ। କାରଣ ତାହା ଏକ ସମୟୋପୋଯୋଗୀ ପରିବର୍ତ୍ତନ ମାତ୍ର। ପ୍ରକୃତ ବିକାଶ କହିଲେ କ'ଣ କେହି ବୁଝନ୍ତି ନାହିଁ, ଏଇଥି ପାଇଁ ଯେ ବିକାଶର ନାରା ଦେଉଥିବା ମଣିଷ ମାନେ ହିଁ ବିକଶିତ ନୁହନ୍ତି କି ବିକାଶର ସଜ୍ଞା ସେମାନଙ୍କୁ ମଧ୍ୟ ଜଣା ନାହିଁ। ସାଧାରଣ ମଣିଷ ଗୁଡିକୁ କେମିତି ପରିଚାଳିତ କଲେ ସ୍ୱାର୍ଥ ହାସଲ କରିହେବ କେବଳ ସେଇଥିରେ ଅହରହ ନିମଗ୍ନ କ୍ରୁର ଚତୁରଙ୍କ ମାୟାରେ ବାୟା ସମସ୍ତେ ଯେ ସେମାନଙ୍କ ଜୀବନର ମୂଲ୍ୟ କିଛି ନାହିଁ। କୃତ୍ରିମ ସୁଖକୁ ବାସ୍ତବତାର ଚିତ୍ର କାଟି ନିତ୍ୟ ପ୍ରଚାରରେ ବିମୁଗ୍ଧ ପ୍ରତାରିତ ଜୀବନ ପାଇଁ କାହାରି ଚିନ୍ତା ନାହିଁ। ଯେତେବେଳେ ନିଜେ ନିଜର ମୂଲ୍ୟବୋଧ ନକରି କାହାରି ଉପରେ ନିର୍ଭର ଜୀବନ ତୁମର ତାହାର କୌଣସି ଉପଯୁକ୍ତ ମୂଲ୍ୟାୟନ ନାହିଁ। ଯେଉଁ ସୁଖକୁ ତୁମେ ସୁଖ ବୋଲି ଭାବୁଛ ସେମାନଙ୍କ ପ୍ରେରଣାରେ ସମଭୂଷିତ ହୋଇ, ସେସବୁ ବାସ୍ତବିକ ଯମ ଯନ୍ତ୍ରଣା ଠାରୁ ମଧ୍ୟ କଷ୍ଟକର ହୋଇଥିଲେ ମଧ୍ୟ ଶୀତଳତାର ସହିତ ଗ୍ରହଣ କରିବାରେ ତୁମର ନିର୍ବୋଧତା ପ୍ରତି କାହାର କୌଣସି ବିଚାର ନାହିଁ।

କଥାରେ କହନ୍ତି ନିଜେ ମଲେ ସ୍ୱର୍ଗ ଦେଖିବ। କିନ୍ତୁ ଏହା କହିବା ଲୋକଟି ମଧ୍ୟ ଜାଣି ନାହିଁ କି ମାରିବା ଲୋକଟି ସ୍ୱର୍ଗ ଦେଖିଲା କି ନାହିଁ। ତେଣୁ ସ୍ୱର୍ଗ ଦେଖିବା ଆଶାରେ ନିଜକୁ ମୃତ୍ୟୁ ମୁଖକୁ ଠେଲିଦେବା କ'ଣ ଯୌକ୍ତିକ ବିଚାର? ଠିକ୍ ସେହି ଭଳି ଭବିଷ୍ୟତ ଉଜ୍ଜ୍ୱଳର ନାରା ଦେଇ ବର୍ତ୍ତମାନକୁ ଜଟିଳତା ମଧ୍ୟରେ ପରିଚାଳିତ କରିବା କେତେ ଯୌକ୍ତିକ, ବିଚାର କରି ଦେଖନ୍ତୁ ପ୍ରତ୍ୟେକେ । ହୁଏତ ଏମିତି ମଧ୍ୟ ଦେଖିବାକୁ ପଡିପାରେ କି ବର୍ତ୍ତମାନର ଜଟିଳତା ଆଗକୁ ଆହୁରି ବ୍ୟାପକ ପରାକ୍ରମ ସୃଷ୍ଟି କରିବ ନାହିଁ ବୋଲି କୌଣସି ନିଦର୍ଶନ ଅଛିକି କାହା ପାଖରେ? ଏହା ଏକ ଭାବନା ମାତ୍ର। ସମୟ ସହିତ ତାଳଦେଇ ଚାଲିବା କଥା ଯେତେବେଳ ପର୍ଯ୍ୟନ୍ତ ସମୟ ଅନୁକୂଳରେ ଚାଲିଛି । କି'ନ୍ତୁ ସମୟ ପ୍ରତିକୂଳରେ ଚାଲିଲେ ନିଜକୁ ସନ୍ତର୍ପଣର ସହିତ କୂଳକୁ ଲାଗିବା ବ୍ୟବସ୍ଥା କରିବା କେବଳ ନିଜର ଦାୟୀତ୍ୱ। କାହା ଉପରେ ନିର୍ଭର କରି ଚାଲିବା ବାଚାଳାମି କେବଳ। କାରଣ ବୁଡି ଯାଉଥିବା ନା'ର ସମସ୍ତ ଯାତ୍ରୀ କେବଳ ନିଜସ୍ୱ ଜୀବନ ରକ୍ଷା କରିବାରେ ବ୍ୟସ୍ତ ରହିବା ସ୍ୱାଭାବିକ। ଆଉ କେହି ଜଣେ ମୋତେ ଉଦ୍ଧାର କରିବ ବୋଲି ଭାବିବା ଏକ ଅଲୌକିକ ବିଚାର ମାତ୍ର।

ଦୁନିଆରେ କେହି କାହାର କିଛି ନୁହନ୍ତି। ଏକ ସମାଜ ଗଠନ କରି ସୁରକ୍ଷିତ ରହିବା ଉଦେଶ୍ୟରେ ଗଠିତ ମଣିଷ ସମାଜରେ ସମସ୍ତେ ସମସ୍ତଙ୍କ ପ୍ରତି କିଛି କର୍ତ୍ତବ୍ୟବୋଧତା ରଖିଥଲେ ମଧ୍ୟ ନିଜ ପ୍ରତି କେବଳ ନିଜେ ହିଁ ସତର୍କିତ ରହିବା ଏକାନ୍ତ ଆବଶ୍ୟକ। ଗୋଟିଏ ପରିବାର ମଧ୍ୟରେ କୌଣସି ସାଙ୍ଘାତିକ ବିପତ୍ତି ସମୟରେ ମଧ୍ୟ କେହି କାହାକୁ ରକ୍ଷା କରିବାରେ ସମର୍ଥ ହୋଇ ପାରିବେ ନାହିଁ। ତେଣୁ ସାମାଜିକ କ୍ଷେତ୍ରରେ କାହା ଉପରେ ବିଶ୍ୱାସ ରଖି ଭବିଷ୍ୟତ ବିଚାର କରି ବର୍ତ୍ତମାନକୁ ଜଳାଞ୍ଜଳି ଦେଉଥିବା ମଣିଷଙ୍କୁ ନିର୍ବୋଧ କହିବା ବ୍ୟତୀତ ଆଉ କ'ଣ କୁହା ଯାଇ ପାରେ। ଷଡ଼ଯନ୍ତ୍ରୀ ସମାଜକୁ ଏମିତି ଗିଳି ସାରିଲେଣି ଯେ ବର୍ତ୍ତମାନ ସମସ୍ତଙ୍କ ଆଖିରେ କେବଳ ଅନ୍ଧ ପୁଟୁଳି ବାନ୍ଧି, ସ୍ୱାର୍ଥାନ୍ଧ ହାସଲ କରି ଚାଲିଛନ୍ତି ନିଜସ୍ୱ ସ୍ୱାର୍ଥ। ଶିକ୍ଷିତ ଅଜ୍ଞାନ ସେମାନଙ୍କ ପ୍ରରୋଚନାରେ ପଡି ନିଜକୁ ସେମାନଙ୍କ ସହିତ ସାମିଲ କରି ନିର୍ବୋଧଙ୍କୁ ଆଖିଠାର ଦେଉଛନ୍ତି। ସମୟ ଅତ୍ୟନ୍ତ ଜଟିଳ ସ୍ତରକୁ ଆସି ବସିଲାଣି। ତଥାପି ଚେତା ପଶୁନାହିଁ କାହାରି। ଓଲଟା ଅବାସ୍ତବ ଆନନ୍ଦରେ ବିଭୋର ନିର୍ବୋଧଙ୍କୁ ବାଟ ମିଳୁନାହିଁ ବିବେଚନା କରିବା ପାଇଁ। କି ଦୂର୍‌ଦିନ ଅନ୍ଧକାର ମାଡି ଆସିଲାଣି ଯାହା ଆଗକୁ କ'ଣ କରିବ ତାହାର ସୀମା ନାହିଁ। ତଥାପି ସମସ୍ତେ ଆଜି ନିଶାରେ ନିଶାଗ୍ରସ୍ଥ କେବଳ ସେହି ଷଡ଼ଯନ୍ତ୍ରୀଙ୍କ ଅଲୌକିକ ପ୍ରସ୍ତାବରେ। ଥରେ ହାତ ଗୁଡ଼ କହୁଣିକୁ ଚାଲିଗଲା ପରେ ଆଉ ଚାଟିବା କଷ୍ଟ ହୋଇ ପଡିବ ପରବର୍ତ୍ତୀ ସମୟରେ, ବର୍ତ୍ତମାନ ଏକଥା କାହାର ଚେତନା ଜ୍ଞାନରେ ପଶୁନହିଁ! ନିରୁପାୟ ସୀମିତ ସଦ୍‌ବୁଦ୍ଧ ଯାହାଙ୍କ ମାନ୍ୟତା ଅଗ୍ରହଣୀୟ ଆଜିର ଏହି ନିର୍ବୋଧ ସମାଜର ଗତି ଯାହା ହେବ ସମସ୍ତେ ସେହି ରାସ୍ତାରେ ଚାଲିବା ପାଇଁ ବାଧ୍ୟ ହେବେ ଏକ କଳୁଷିତ ଜୀବନ ଧାରଣ କରି ବଂଚିବା ପାଇଁ, ସେଇଥିରେ ତିଳେ ହେଲେ ସନ୍ଦେହ ନାହିଁ। କି'ନ୍ତୁ କରିବା କଣ? ସମୟ ଅଛି ବର୍ତ୍ତମାନ ମଧ୍ୟ ସୁଧୁରି ଯିବାକୁ। ଉପଯୁକ୍ତ ପଦକ୍ଷେପ ନେବାକୁ। ବିଚାର ଆପଣ ମାନଙ୍କର। ଭାଗ୍ୟ ଆମ ସମସ୍ତଙ୍କର....।

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ.*
*ଦୂରଭାଷ.: ୯୪୩୭୩୨୪୯୧୭*

## ଧାରାବାହିକ ଉପନ୍ୟାସ

# ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୭




*(ପୂର୍ବପ୍ରକାଶ ଉତ୍ତାରୁ)*

ଯିବାପୂର୍ବରୁ ପୁଣିଥରେ କଡାସ୍ୱରରେ ତାଗିଦ୍ କରେ।

ବେପରୁଆ ଭାବରେ 'ହୁଁ''ଟିଏ କହି ଲୀନା ବୁଡିଯାଏ ଜେଜେମା'ର ସେଇ ପରୀରାଇଜର ଗପଭିତରେ। ତାକୁ ଲାଗେ ସେ ପୁନଶ୍ଚ ପରୀଟିଏ ପାଲଟିଯାଉଛି। ଆଉ ପରୀ ରାଜ୍ୟର ରାଜକୁମାର ହୋଇ ସାନବାବୁ ତା ଆଖିଆଗରେ..। ସେ ଆନନ୍ଦରେ ଅଧୀରା ହୋଇପଡୁଛି। ତା ପାଟିରୁ ସେଇ ଚିରାଚରିତ ପଦୁଟିଏ ବାହାରି ପଡୁଛି-ସାନବାବୁ..। ସାନବାବୁ ତାକୁ ଚାହିଁ ହସୁଛନ୍ତି। ଆଉ ସେ ଦୁହେଁ ମନପବନ ଘୋଡାରେ ଚଢି ଚାଲିଛନ୍ତି ଆଗକୁ। ବାଦଲମାନଙ୍କୁ ଭେଦି ଆକାଶକୁ ଛୁଇଁବାକୁ। ସେମାନେ ତାରାମାନଙ୍କ ମେଳରେ ଘର କରୁଛନ୍ତି, ଜହ୍ନସାଥୀରେ ଖେଳୁଛନ୍ତି। ବାଦଲମାନଙ୍କ ଛାତତଳେ ସ୍ୱପ୍ନ ମାନଙ୍କର ମୁରୂଜ ବୁଣୁଛନ୍ତି।

ସେଠି ଚିର ଆଲୋକର ବର୍ଣ୍ଣାଳୀ..ଅନ୍ଧକାର ଲେଶ ମାତ୍ର ନାହିଁ। ସଂସାରର ନିତିଦିନିଆଁ ଜଂଜାଳଶୂନ୍ୟ ଇଲାକା। ନାହିଁ କର୍ତ୍ତବ୍ୟ ଓ ଦାୟିତ୍ୱର ବେଡି..ନାହିଁ ରୁକ୍ଷଜୀବନର ଅପଳାପ କିମ୍ବା ନାହିଁ ସମାଜର ନାଲିଆଖିର ଭୟ। ଖାଲି ସୁଖ ଓ ସ୍ୱପ୍ନଭରା ସାମ୍ରାଜ୍ୟ ଭିତରେ ସେ ଓ ତାର ଖୁବ୍ ନିଜର ସାନବାବୁ। ଆଉକେହି ବି ନାହାନ୍ତି ଆଖପାଖରେ ସେମାନଙ୍କ ଚିନ୍ତାଧାରାରେ ବ୍ୟାଘାତ ଆଣିବାକୁ। ସୁଖକର ସମୟରୁ ସେମାନଙ୍କୁ ବଂଚିତ କରିବାକୁ।

ଲୀନା ଏମିତି ଏକ ମନଲୋଭା ଓ ଆଚ୍ଛନ୍ନ ମୁଦ୍ରାରେ ଥିଲାବେଳେ ତାକୁ ଛୁଇଁ ପ୍ରଜାପତିଟିଏ ଉଡିଯିବ ଅବା ଗେଟ୍ ପାଖ ଦେଇ ଡାକବାଲା ଘର ଭିତରକୁ ଆସି ଚିଠି ଦେଇଯିବ। ନହେଲେ କାଉଟାଏ ବଗିଚାର ସେ ବଡଗଛଟା ଉପରେ ବସି କା' କା' ଡାକିବ ତା ଭାବନାକୁ ବେଖାତିର୍ କରି। ଆଉ ସେ ସ୍ୱପ୍ନରାଜ୍ୟରୁ ବିଚ୍ୟୁତ ହୋଇ ଏକବାରେ ଛିଟିକିପଡିବ ତଳକୁ। ପୁରା ଆକାଶରୁ ପୃଥିବୀକୁ। ଏସବୁ ନିତିଦିନିଆ ଘଟଣା ପାଲଟି ଯାଇଥିବ।

ତଥାପି ସେ ଥକୁନଥିବ! ସେ ଏମିତି ବାରବାର ପରୀରାଜ୍ୟକୁ କାହିଁକି ଯାଏ? ସ୍ୱପ୍ନ ହେଉ କି ବାସ୍ତବତା ହେଉ ସେ ପରୀ ରାଇଜକୁ କାହିଁକି ଦେଖେ? ଜେଜେମା' କହେ ତାଠାରୁ ସେଇ କାହାଣୀ ଶୁଣିଶୁଣି ତାରି ଭିତରେ ନିଜକୁ କାଳେ ହଜେଇ ଦେଇଛି! ସେ ଗପ ଭିତରେ ନିଜକୁ ପ୍ରତିଫଳିତ କରାଇ ସୁଖୀ ହେବାର ଅଭିନୟ ଜାରିରଖିଛି। ଆଉ ସେ ତାକୁ ରାଜକୁମାର କି ପରୀରାଇଜର କାହାଣୀ କହିବନି। ଏଇ ସବୁ ଗପ ଶୁଣି ତା ମନ କୁଆଡେ ଦିନକୁ ଦିନ ବିଗିଡି ଯାଉଛି। ହୁଗୁଳା ହୋଇ ଏଣେତେଣେ ଧାଉଁଛି। ଲୀନା କିନ୍ତୁ ସେସବୁ ବୁଝେ ନାହିଁ। ସେ କଣ କରିବ? ତାକୁ ଭଲଲାଗେ ସେଇ ଗପସବୁ।

ଜେଜେମା'ର ହଜାରେ ଆକଟ ପରେ ବି ଆଚ୍ଛନ୍ନ ନିଶାରେ ସେ ମତୁଆଲା ଥିବ ଅର୍ହନିଶ। ତଥାପି ସେ ତାର ନିତିଦିନିଆଁ କାମରେ ଅବହେଳା କରୁନଥିବ। ପରିବା କାଟି ଦେଉଥିବ। ରୋଷେଇଘରକୁ ତାର କୁନିକୁନି ହାତରେ ପାଣି ଯୋଗାଇ ଦେଉଥିବ। ଟ୍ରେ'ରେ ଚା'କପ୍ ନେଇ ବଡମାଲିକଙ୍କୁ ଧାରାଇଦେଉଥିବ ସବୁଦିନ ପରି! ତାରରୁ ଶୁଖିଲା ଲୁଗାପଟା ଘରକୁ ଆଣି ଚଉତି ରଖୁଥିବ ଆଲଣାରେ। ଡାଇନିଂ ଟେବୁଲ୍‌ରେ ମାଲିକଙ୍କୁ ଖାଇବା ବାଢି ଦେଉଥିବ। ବେଳ ହେଲେ ମାଲିକଙ୍କ ସହିତ କଟା ହୋଇଥିବା ଡାଳପତ୍ରମାନଙ୍କୁ ଏକଜୁଟ କରି ନିଆଁ ଲଗେଇ ବଗିଚା ସଫା କରୁଥିବ।

ହେତୁ ହେବା ଦିନଠାରୁ ଲୀନା ସାନବାବୁଙ୍କର ଖୁବ୍ ଯତ୍ନ ନିଏ, ତାଙ୍କର ଆବଶ୍ୟକୀୟ ସାମଗ୍ରୀ ସେ ନକହିଲେ ବି ତାଙ୍କ ପାଖରେ ରଖିଦିଏ। ସେ ତାଙ୍କ ମନକୁ ପଢି ଜାଣେ ନିର୍ବିଘ୍ନରେ। ପସନ୍ଦ, ନାପସନ୍ଦ ସବୁ..ତା ଜିଭ ଅଗରେ। ତାଙ୍କ ପ୍ରତି ଲୀନାର ଅହେତୁକ ମାୟା, ଅଭୂତ ଆକର୍ଷଣୀ, ଯାହା ବେଳକୁ ବେଳ ବୃଦ୍ଧି ପାଇଚାଲିଛି। ପ୍ରତିବଦଳରେ ସେ ଚାହେଁ ଖାଲି ହସ କେରାଏ। ଯେବେ ସେ ହସ ଟିକକ ହଜିଯାଇଥାଏ, ଲୀନା ଅଦ୍‌ଭୂତ ଆବେଗରେ ଛଟପଟ ହୋଇ କାରଣ ଖୋଜିବସେ। ନିଜ ତ୍ରୁଟି ବିଚ୍ୟୁତି ବିଶ୍ଳେଷଣ କରେ। ପୁଣି ଅସ୍ଥିର ଆବେଗରେ ଚାତକ ପରି ଚାହିଁରହେ ତାଙ୍କ ଆଗମନକୁ। ସେ ଫେରିବା ପରେ ତାଙ୍କ କ୍ଳାନ୍ତ ମୁହଁରୁ ସେ ପୁଣି ଖେଜେ ଅମୃତଝରା ମିଠା ହସ ଚେନାଏ।

*(କ୍ରମଶଃ)*

## ବିଶେଷ କବିତା



# ମା ଏକ ସମ୍ବୋଧନ



ମନୁଆ ଦାସ

ବେଳାରେ ଘୂର୍ଣ୍ଣି ଉଠିଛି ମା
ଘୂର୍ଣ୍ଣି ଭିତରୁ ଫେରୁଛି ମୁଁ
କଟି ଯାଉଛି ଖଣ୍ଡ ଖଣ୍ଡ
ତୁଂଗ ଢେଉର ଅନନ୍ତ ଡେଣା
ପ୍ରିୟ ସାଗରର ପ୍ରତାରଣା
ବିଳାପ କରୁଛି ଲୁଣ୍ଠିତ ଉପକୂଳ
ଶୂନ୍ୟରେ ଉଡୁଛି କଣାଛିଡା ଜାଲ
ବଣା ସମୟର ବାଲିରେ ପଡୁଛି
ତୋପ ପରେ ତୋପ ନିଁଆର ଅଝାଲ
ଉଡୁଛି ଅସଂଖ୍ୟ ଶାମୁକା ଓ ଶିପ
ରୋଧି ଦେଉଛି ମୋ କଣ୍ଠ
ବିଦୀର୍ଣ୍ଣ ଇତିହାସର ରଡି
କି ବିସ୍ମୃତି, କି ଜାତୀୟତା
କି ପରିଚୟ,କି ସୀମାନ୍ତରେ
ମେଦିନୀ ଫଟା ଜବାବ ସୁଆଲ
ଉଝଲା ହେଉଛି ନିରୁଦ୍ଦିଷ୍ଟ ସ୍ୱପ୍ନର
ଫରୁଆ ଭିତରୁ ଅଚିହ୍ନା ଠାକୁରାଣୀର
ସୁନା ଆଖି ପଥର, ବୃନ୍ଦବନ୍ଦାଣର ସ୍ୱର
ମୋ କଳ୍ପନାର କେତେ ଭଗ୍ନାଂଶ
ଭାଷାର ଗୋଳରୁ ଚେଇଁ ଉଠୁଛି
ତୀକ୍ଷ୍ଣ ଚୋଟରୁ ଚହଟିଲା ବିଷ
ବେଳାରେ ଘୂର୍ଣ୍ଣି ଉଠିଛି ମା
ଅଥୟ ବେଲୁଡେ ଧ୍ୱଂସର ସନ୍ତାପରେ
ଘୁରୁଛି ଗଳି ଉପଗଳି ଝାଉଁବଣ ବାଲିବନ୍ତ
ଜାଁଇଲା ହିଂସାରେ ଛିଡିପଡୁଛି କୂଳରେ
ଛାଲି ଛାଲି ରକ୍ତ ଝରା ଆକାଶ
ଘୂର୍ଣ୍ଣିର ଅଝଟ ଝାସ
କାହା ଅଚାନକ ଚିତ୍ରପଟ କାନ୍ଦୁଛି
ଆହା କାନ୍ଦୁଛି ବାହୁନି ବାହୁନି
ଘୂର୍ଣ୍ଣି ଭିତରୁ ଫେରୁଛି ମୁଁ
ଘୂର୍ଣ୍ଣି, କେଉଁ ନିସ୍ୱତାର ଝଡ
ଅଜସ୍ର ପ୍ରାଣ ସେଠି
ଡହକବିକଳ

*ରଶ୍ମୀ ହୋମ୍‌ସ, ନାଗେଶ୍ୱରଟାଙ୍ଗୀ,*
*ଓଲ୍‌ଡ ଟାଉନ, ଭୁବନେଶ୍ୱର*
*ଦୂରଭାଷ : ୯୭୭୭୯୬୫୩୨୦*

# ନିରନ୍ତରା



କମଳିନୀ ମଲ୍ଲିକ

ଫୁଲ ପରି ଫୁଟିଲେ
ଭଅଁର କି କୋମଳତା ବୁଝିବ
ଦୀପ ପରି ଜଳିଲେ
ନିଜ ଚାରିପଟ ଅନ୍ଧାର ଘୋଟିବ
ନଦୀ ପରି ବହିଲେ
ସାଗର ହିଁ ଶୋଷି ନେଉଥିବ
କାହିଁକି କାଳେ କାଳେ
ଦୟା,କ୍ଷମା, ସେବା, ସମର୍ପଣର ଦ୍ୱାହିରେ
ନିଜକୁ ଖାଲି ବାଂଟୁଥିବ
ଏକ ବିଭାଜିତ ଆୟୁଷକୁ ଜାବୁଡି
ନିଜ ପାଇଁ ଭାଗଫଳ କେତେ ବା ପଡିବ।
କେଉଁ ଅଦୃଶ୍ୟ ପୁରୁଷ ପାଇଁ
ଅଷ୍ଟମ ଗର୍ଭ ଯାଏ
ବନ୍ଦୀଗୃହର ବେଦନା
ପତିର ଓରିମାନା ମେଣ୍ଟାଇବ ବୋଲି
ପଥର ତଳେ ପତିତାର ଲାଞ୍ଛନା
ସୁଖଦୁଃଖର ସାଥୀ ହୋଇ
ଚଲାପଥରେ ଚାଲୁଥିଲା ବେଳେ
ସେଠି ବି ଦେବାକୁ ପଡିଲା ଅଗ୍ନିପରୀକ୍ଷା
ଓ ନିର୍ବାସନର ଯନ୍ତ୍ରଣା
କିଏ ପୁଣି ଦ୍ୟୁତିକ୍ରିଡାରେ ବାଜି ଲଗେଇ
ପରାଜୟରେ ମୁହଁ ପୋତି ଦେବେ
ଅଥଚ ସ୍ତ୍ରୀଟିଏ ହେଉଥିବ
ଏକ ସଭ୍ୟ ସମ୍ଭ୍ରାନ୍ତୀୟ ସଭାରେ ବିବସନା
ମିଳନର କୁଞ୍ଜବନକୁ
ଅହରହ ଉଚ୍ଚାଟ କରୁଥିବ ବଂଶୀ
ହେଲେ ସିଏ ବି କଣ ରୋକି ପାରିଲା
ଗୋପଦାଣ୍ଡରେ ରାଧାର ଗଞ୍ଜଣା।
ଦୂବଘାସରେ ପାଦ ଥୋଇ
ଆଗକୁ ମାଡି ଯାଉଥିଲା ବେଳେ
କିଏ ଥରେ ପଛକୁ ଫେରି ଚାହିଁଛି
କେମିତି ପୁଣି ଉଠିବାକୁ
କରୁଥାଏ ବିକଳ ପ୍ରୟାସ
କଂଟାବୁଦାରେ ଲାଖି ଉଡୁଥିବା
ଖଣ୍ଡେ ଚିରା ଓଢଣୀ ବା କାନିକୁ
କିଏ ସାଉଁଟି ଆଣି ପୋଛି ଦେଇଛି
ଯେତେ ଲୁହଲହୁ ଓ କଳଙ୍କର ଦାଗ
ପଞ୍ଜୁରୀ ଭିତରେ କେଉଁକାଳୁ
ପୋଷା ମାନିଥିବା ଶାରୀଟିକୁ
କିଏ ଦେଖେଇଛି କୁହ
ତା ନିଜ ଅରଣ୍ୟର ସବୁଜ ବିଭବ
ନା ଝଡ ବର୍ଷା ବତାସ ଆସିଲେ
କିଏ ଦେଇଛି ଭଲା
ଫୁଲକୁ.ପକ୍ଷୀକୁ,ମାଟିକୁ, ଛାତିକୁ
ଗୋଟେ ନିରାପଦ ଆଶ୍ରୟ,
ଗୋଟେ ହୃଦୟଭର୍ତ୍ତି ଅସରା ସମ୍ପଦ।
ସବୁ ପ୍ରତିଜ୍ଞା, ପ୍ରତିଶ୍ରୁତି
ପ୍ରଥା ଓ ପରମ୍ପରାର ବୋଝ ବୁହାଇ
ସଶକ୍ତିକରଣର କଥା କୁହ
ଏରୁଣ୍ଡି ବନ୍ଧ ଟିକେ ଡେଇଁଗଲେ
ସବୁ ବାରଣ,କାରଣ
ବେଡି ଓ ବନ୍ଧନ ଭିତରେ
ସୁରକ୍ଷା, ସମ୍ମାନର ସ୍ଲୋଗାନ ଦିଅ
ହେଲେ କିଏ ଭେଦି ପାରିଛି ଯେ
ତାର ଯେତେ ଉପସଂହାର ଘଟାଇଲେ ବି
ସେ ଉପକ୍ରମଟିଏ ଆରମ୍ଭ କରୁଥିବ
ଯେତେ ପୋଡୁଥିବ, ପୋତୁଥିବ
ତଥାପି ନାରୀଟିଏ, ନଦୀଟିଏ
ପୁଣି ଏକ ସୃଷ୍ଟି ଓ ସମ୍ଭାବନାର ପୃଥିବୀଟେ ପାଇଁ
ଏମିତି ବହୁଛି ଓ ନିରନ୍ତର ବହୁଥିବ
ଏମିତି ବାରମ୍ବାର ମରୁଥିଲେ ବି
ବାରମ୍ବାର ଜନ୍ମ ନେଉଥିବ।

*ଆଇ.ଡି. ୪୫/୧, ୟୁନିଟ-୧,ଭୁବନେଶ୍ୱର*
*ଦୂରଭାଷ : ୯୮୫୩୫୨୩୮୮୩*

# ନିଶା

ଅନିତା ମିଶ୍ର ଦାଶ୍





ଗୋଟିଏ ବିବାହ ଭୋଜିରେ ଯୋଗ ଦେବା ପାଇଁ ଆସିକା ଯିବାକୁ ପଡିଲା। ଖାଇବା କାମଟା ସରିଲା ବେଳକୁ ଦେଢଟା, ଭାବିଲି ନିକଟସ୍ଥ ଗାଁରେ ଜଣେ ଭାଉଜଙ୍କ ଘରକୁ ଯିବି ଆଉ ସନ୍ଧ୍ୟାରେ ଫେରିବି। ମିଷ୍ଟର ଭୋଜିରେ କାହା ସହ ଗପୁଥିଲେ। ମୁଁ ଗାଡି ନେଇ ଭାଉଜଙ୍କ ଗାଁକୁ ବାହାରିଲି।

ଗାଁ ରେ ପହଞ୍ଚିବାକୁ ମାତ୍ର ପନ୍ଦର ମିନିଟ୍ ଲାଗିଲା। ଭାଉଜ ଘର ଆଗରେ ଗାଡିଟା ରଖିଦେଇ ଡ୍ରାଇଭର୍ ପଛ ସିଟରେ ଶୋଇ ପଡିଲା। ମୁଁ ଭାଉଜଙ୍କ ଗେଟ୍ ଖୋଲି ଦାଣ୍ଡ ଘରେ ପଶିଲି। ଦେଖିଲି, ଅଳ୍ପ ବୟସ୍କା ସ୍ତ୍ରୀ ଲୋକଟିଏ ଖଟ ଉପରେ ବସି ମୋବାଇଲ୍‌ରେ କ'ଣ କରୁଛନ୍ତି। ଅଚିହ୍ନା ସ୍ତ୍ରୀ ଲୋକଟିକୁ ଦେଖି ପଚାରିଲି....

-ଭାଉଜ ନାହାଁନ୍ତି କି...?

ସ୍ତ୍ରୀ ଲୋକଟି ନିଜର ଧ୍ୟାନ ଭଙ୍ଗ କରି ମୋ'ର ଆଡକୁ ଚାହିଁଲେ ଆଉ କହିଲେ...

- ଆପଣ ବୋଉଙ୍କୁ ଭାଉଜ କହୁଛନ୍ତି କି...?

-ବୋଉ...?ଦିବାର ବୋଉ କୁ ମୁଁ ଖୋଜୁଛି...! ତୁମେ...?

-ମୁଁ ତାଙ୍କର ସ୍ତ୍ରୀ..! ଆସନ୍ତୁ...ଆସନ୍ତୁ...ଭିତରକୁ ଆସନ୍ତୁ ....!

ପାଦ ସ୍ପର୍ଶ କରି ପ୍ରଣାମ କଲେ ଆଉ ଭିତରକୁ ଡାକିଲେ। ଘର ଭିତରେ ବି ତାଙ୍କର ଶାଶୁ ନଥିଲେ। ସେ ମୋ'ତେ କହିଲେ...

-ବୋଉ ଗାଁ ବାଡିରେ ମିଟିଂ କରୁଛନ୍ତି। ଆପଣ ଯାଆନ୍ତୁ, ଦେଖିବେ କେତେ ବୁଢୀ ସେଠି ଏକାଠି ହୋଇ ଆର ଘର ତା'ର ଘର ଚୁଗୁଲି ହୋଉଥିବେ, ଯାଆନ୍ତୁ ଶୁଣିବେ।

ଭାଉଜ ଙ୍କର ବୋହୂର କଥା ଶୁଣି ମୁଁ ବାଡିପଟକୁ ଗଲି। ଦେଖିଲି ସତରେ ପାଞ୍ଚ, ସାତ ଜଣ ସ୍ତ୍ରୀ ଲୋକଙ୍କ ଗହଣରେ ଭାଉଜ ଅନର୍ଗଳ ଭାଷଣ ଦେଉଛନ୍ତି। ମୋ'ତେ ଦେଖି ଦେବାରୁ ଭାଷଣ ବାଜି ଛାଡି ଧାଇଁ ଆସି କହିଲେ...

-ଏ ମା, ବନି...! କେମିତି ଭାଉଜ ନ ମନେ ପଡିଗଲା..? ଆଖିକୁ ବିଶ୍ୱାସ ହେଉନି। କେମିତି ଆସିଲ ଆଗେ କୁହ।

-ଆସିକା ଗୋଟିଏ ଭୋଜିରେ ଯୋଗ ଦେବାକୁ ଆସିଥିଲି। ଖାଇବା କାମ ସରିଲା,ଯେତେବେଳେ ତୁମେ ମନେ ପଡିଗଲ। ଚାଲି ଆସିଲି। ଆସିଲା ବେଳକୁ ଦାଣ୍ଡ ଘରେ ଅଜଣା ସ୍ତ୍ରୀ ଲୋକଟିକୁ ଦେଖି କିଛି ବୁଝି ପାରିଲି ନାହିଁ। ଦିବାକୁ ଏମିତି କେତେ ବର୍ଷ ହେଇଗଲା ଯେ ବାହା କରିଦେଲ..?

- ଦିବାକୁ ଛବିଶ୍ ହେଲାଣି। ଚବିଶ ପୁରୁ ପୁରୁ କାହିଁକି କୁଆଡେ ଚାହିଁବ ବୋଲି ଭାବିଲି, ବାହା କରିଦେଲି। ତା'ର ଏଇ ଝିଅଟା ବି ହେଲାଣି।

ଗୋରା ସୁନ୍ଦର ଝିଅଟିଏ, ଅଗଣାରେ କିଛି ପଡୋଶୀ ପିଲାଙ୍କ ସହ ଖେଳନା ସାମାନରେ ରନ୍ଧା କାମ ଚଲାଇଛି।

ଗଛ ଛାଇରେ ବସିଲୁ। ଗାଁ ବାଡିର ଧୀର ପବନ ଆମର ଦେହ ଛୁଇଁ ଗଲା ବେଳେ ବହୁତ୍ ବଢିଆ ଲାଗୁଥିଲା। ଗପ ଆରମ୍ଭ ହେଲା। ଭାଉଜ କହିଲେ...

-ଆମ ଦିବାଟା, ସକାଳୁ ରାତି ପର୍ଯ୍ୟନ୍ତ ଖଟୁଛି। ଆସିବ ରାତି ଆଠଟାକୁ। ମୁଁ ଘର କାମ କରୁଛି। ତା'ର ସ୍ତ୍ରୀ ଖାଲି ମୋବାଇଲ ଧରି ଦିନ ସାରା ରାମ୍ପୁଛି। ପାଟି ଖୋଲିବି, ପୁଅଟା ହାତରୁ ଖସିଯିବ। ଗୋଡ ହାତ ତ ଚାଲୁଛି ବୋଲି ରନ୍ଧା ବଢା, ପୁନିଅ, ପରବ କରିଦେଉଛି। ତା' ପରେ ଯାହା ହେବ ହେଉ। ଖାଇ ବସିଥିଲା ବେଳେ ବି ବାମ ହାତରେ ମୋବାଇଲ୍ ଧରି ରାମ୍ପୁଛି। ଗାଁ ର କେତେ ବୁଢୀ ଏଇ ମୋବାଇଲ୍‌କୁ ବିରୋଧ କରି ପୁଅ ହାତରୁ ପାହାର ଖାଇ ସାରିଲେଣି। ମୁଁ ଡରରେ ତା'କୁ କିଛି କହୁନି। ସେ ତା'ର ଅଫିସ୍ କାମ କଲା ଭଳିଆ ଦାଣ୍ଡ ଘରେ ବସିଥାଉଛି। ମୁଁ ରନ୍ଧା ବଢା କାମ ସରିଲେ ଟିକିଏ ଆଜିର ବେଳ, କାଲ ଖବର ନେବାକୁ ବାଡିପଟେ ଯାଇ ବସୁଛି।

କଥାଟା ବୁଝିଗଲି, ଭାଉଜଙ୍କର ଏକମାତ୍ର ବୋହୂକୁ ମୋବାଇଲ୍ ନିଶା ଘାରିଛି। ଭାଉଜଙ୍କୁ ଆଗର ପରି ଘର ଜଞ୍ଜାଳ ସହିତ ବୋହୂ ସେବାରେ ବ୍ୟସ୍ତ ରହିବାକୁ ପଡୁଛି।ଆଗରୁ ଶୁଣିଥିଲି, ତାଙ୍କର ଦିବା ମ୍ୟାଟ୍ରିକ୍ ଫେଲ୍ ହେଇ କଛି ଇଲେକ୍ଟ୍ରୋନିକ୍ କାମ ଶିଖୁଥିଲା। କୋଉଠି କାମ କରି ଭଲ ଦୁଇ ପଇସା ରୋଜଗାର କରିବାରୁ ପୁଅ ପାଇଁ ବି ମ୍ୟାଟ୍ରିକ୍ ଫେଲ୍ ବୋହୂ ଟିଏ ନେଇ ଆସିଛନ୍ତି। ବୋହୂ ଟା ଟିକିଏ ରୋଷେଇ କାମରେ ସାହାଯ୍ୟ କଲେ ଭାଉଜ ଖୁସି ହୁଅନ୍ତେ। ଗାଁ ଗଣ୍ଡାର ବୋହୂ ମାନଙ୍କ ପରି ତାଙ୍କ ବୋହୂ ବି ନେଟ୍ ନିଶାଗ୍ରସ୍ତ।

କାହାର ଘର କଥାରେ ମୁଣ୍ଡ ପୁରାଇବା ଭଲକଥା ନୁହେଁ। ବାଡିରେ ଥିବା ଗଛ ପତ୍ର ବିଷୟ ରେ ଆଲୋଚନା କଲି। ଏତିକି ବେଳକୁ ଭାଉଜ ଙ୍କର ନାତୁଣୀ ଆସି ତାଙ୍କୁ ଆଉ ଚାଉଳ ମାଗିଲା। ଭାଉଜ କହିଲେ...

-ଥରେ ଦେଲି ପରା ଚାଉଳ..? ଆଉ ଚାଉଳ କ'ଣ ହବ..?

ନାତୁଣୀ ପଡୋଶୀ ଘରର ଦୁଇଜଣ ପିଲା କୁ ଦେଖାଇ କହିଲା...

-ସେ ଚାଉଳର ଭାତ ଏଇ କୁଣିଆ ଖାଇ ଦେଲେ। ଆମ ପାଇଁ ଆଉ ଥରେ ରୋଷେଇ କଲେ ଆମେ ଖାଇବୁ।

ପଡୋଶୀ ଘରର ଦୁଇଜଣ କୁଣିଆ ପିଲା ଆସି ପାଖରେ ଛିଡା ହୋଇ କଥାବାର୍ତ୍ତାର ଆନନ୍ଦ ନେଉଥିଲେ। ଭାଉଜ ତାଙ୍କର ନାତୁଣୀ କୁ କହିଲେ..

- ଆଉ ରନ୍ଧା ନାହିଁ ।ଏବେ ଯା...ତୋ' ମମି ଦାଣ୍ଡ ଘରେବସି ମୋବାଇଲ୍ ରାମ୍ପୁଛି , ତୁ ବି ଯା... ରାମ୍ପିବୁ। ଶାଶୁ ଘରକୁ ଗଲେ, ରାନ୍ଧିବୁ, ଶାଶୁକୁ ଖୋଇବୁ ଆଉ ତୁ ବି ଖାଇବୁ । ଏବେ ମା' ରାନ୍ଧୁନି, ଝିଅ ରାନ୍ଧି ପକୋଉଛି, କୁଣିଆ,ଶାହି ପଡିଶା ସମସ୍ତଙ୍କୁ ମିଛି, ମିଛି ଖୋଇ ଚାଲିଛି।

ଝିଅଟା ବୁଝିଲା, ଜେଜେମା ଚାଉଳ ଦେବାକୁ ମନା କଲେ। ସେ ତଳେ ଗଡିଯାଇ କାନ୍ଦିଲା। ଝିଅର କାନ୍ଦ ତା'ର ମା' ର କାନରେ ପଡିଲା। ସେ ମୋବାଇଲ୍ ଛାଡି ଅଗଣାକୁ ଆସି ଝିଅକୁ ବୁଝାଇବାରେ ଲାଗିଲେ। ଝିଅ କହିଲା...

-ସିଏ ଚାଉଳ ଦୋଉନି। ଭାତ କେମିତି ରାନ୍ଧିବି...? ସବୁ ଭାତ କୁଣିଆ ଖାଇଦେଲେ।

ଭାଉଜ ତାଙ୍କର ବୋହୂକୁ କହିଲେ...

- ତାକୁ ଟିକିଏ ମୋବାଇଲ୍ ଶିଖା। ଏବେ ଠୁ ଏଠି ରାନ୍ଧି ରାନ୍ଧି ବୋର୍ ହେଲେ ଆଉ ଶାଶୁ ଘରେ ରାନ୍ଧିବନି। ଅପବାଦ ତୁ ଶୁଣିବୁ। ତୁ ବି ତୋ'ର ଝିଅ ଭଳିଆ ପିଲାବେଳେ ଯାହା ରାନ୍ଧିବା କଥା ସବୁ ରାନ୍ଧିଦେଇଥିଲୁ କିଲୋ?

ଏବେ ରନ୍ଧା ଶାଳ ମାଡୁନୁ..? ଏ ଟୋକି ତୋ'ର ପରି ବୋଧହୁଏ ହେଇଛି। ଏବେ ଯାହା ରାନ୍ଧିବା କଥା ରାନ୍ଧିଦବ, ପରେ କହିବ, 'ଆଉ ରାନ୍ଧିବାକୁ ଇଛା ହେଉନି'। ବେଳ ଥାଉଣୁ କିଛି କର।

ଶାଶୁଙ୍କ କଥା ଶୁଣି ବୋହୂ ଅଳ୍ପ ହସିଲା ଆଉ ରାନ୍ଧୁଣୀ ଝିଅକୁ ଟେକି, ଟେକି ମୋବାଇଲ୍ ଥିବା ସ୍ଥାନ କୁ ମାନେ ଦାଣ୍ଡ ଘରକୁ ନେଇଗଲା।ସେ ଝିଅ ଦାଣ୍ଡ ଘରୁ ପୁଣି ଜେଜେମା ପାଖକୁ ଆସି ସେମିତି ଚାଉଳ ପାଇଁ ଅଳି କଲା। ଭାଉଜ କହିଲେ....

-ତୁମେ ଟିକିଏ ବସ, ମୁଁ ଏ ଟୋକିକୁ ଚାଉଳ ଦେଇ ଆସୁଛି। ଏବେ ଯାହା ରାନ୍ଧିବା କଥା ରାନ୍ଧିଦେଉ। ଶାଶୁ ଘରକୁ ଗଲେ, ଶାଶୁକୁ ରନ୍ଧେଇବ। ତା' ମା' ରନ୍ଧେଇଲା ଭଳିଆ।

*ବାପୁଜୀ ନଗର, ଲାଞ୍ଜିପଲ୍ଲୀ ବ୍ରହ୍ମପୁର*
*ଦୂରଭାଷ : ୯୮୬୧୩୯୦୨୪୧*

# କବିତାର କଥା

(ଭାଗ-୬୯)



ଉମାକାନ୍ତ ରାଉତ



## ପୋକଖିଆ ଚେତନା ଓ ବିକଳାଙ୍ଗର ଭାଷା

ପ୍ରେମ କହିଲେ କେତେକ କବି ନିମ୍ନଲିଖିତ ପଂକ୍ତିକୁ ବୁଝିଥା'ନ୍ତି ବୋଲି ମୋର ମନେହୁଏ। (ମୋର ଧାରଣା ଠିକ୍ ଅବା ଭୁଲ୍ ହେଇପାରେ। ହେଲେ, ଅନେକ କବିତାରୁ ଦେହ ବ୍ୟତିରକେ ହୃଦୟକୁ ଛୁଇଁଲା ଭଳି, ପିଞ୍ଜରାକୁ ଦୋହଲେଇ ଦେଲାଭଳି , ମନକୁ ଚହଲେଇ ଦେଲାଭଳି କିଛି ଖୋରାକ୍ ମୁଁ ପାଏନା। ଖୋଜି ଖୋଜି ନିରାଶ ହୁଏ। ସେଇଥିପାଇଁ)

ମୋତେ ଲାଗେ ସେସବୁ ସେସବୁ ଯେମିତି........

ବିଜ୍ଞାନ ପାର୍କରେ ପ୍ରେମ ଗବେଷଣା
ହୁଗୁଳା ଗଣ୍ଠି କେଞ୍ଚୁଡ଼ି ଯୋଡ଼ିଙ୍କ
ଉନ୍ମତ୍ତ ଡାଏନସୋର
ଏକାମ୍ର ହାଟରେ ଚୋଖା କାରବାର
ଚିହ୍ନା ପଡ଼େ ନାହିଁ ନାରୀ କିଏ ନର
କଞ୍ଚା ଶରୀରର ଜିଆଡ଼ିଆ ଅଭିସାର
ଏମିତି ଚାଲିଛି କଞ୍ଚା ମାଂସର ତାଜା କାରବାର
ବିକଳ କବିଙ୍କ ମଉଜ ସଜ ଖବର ।

ଏଇଠି ଆଉ କିଛି ପଂକ୍ତିକୁ ଧ୍ୟାନ ଦିଆଯାଉ ........

"ନଇଁବି ନାହିଁ ମୁଁ କାଉଁରିଆ କାଠି ଭାଙ୍ଗି ପଡ଼ିବି ପଛେ
ଭାଙ୍ଗିବା ପାଇଁ ଭଲପାଇବାକୁ ଟାଙ୍ଗି ଦେଇଛି ଗଛେ
ଫୁଲ ଫର୍ଦ୍ଦର ପତ୍ରେ ପଢିଛି ପଉଷ ପବନ ପିଇ
କୁଆ କୋଇଲିର କେନ୍ଦୁ କାନନେ କୁଆଁରୀର ନାଆଁ ଘି'
ଗହିରୀ ଗାଆଁର ଗଳିମୁଣ୍ଡରେ ଗଢିଛି ଗୋଟିଏ ଘର
ନିଜର କରିଛି ସ୍ୱପ୍ନକୁ ସେଠି ନିଜକୁ କରିଛି ପର
ଭାଙ୍ଗନା ଏଇ ସ୍ୱପ୍ନକୁ ମୋର ଶୁଣ ତା' ସମ୍ବୋଧନ
ଭାଙ୍ଗିବା ପାଇଁ ଦେଇଛି ତୁମକୁ ଏଇ ଦୁର୍ଲ୍ଲଭ ମନ
କଞ୍ଚା ଦୂବର କଥା ମୁଁ କହିଛି ଗାଇଛି ଘାସର ଗୀତ
ପ୍ରଳୟାନ୍ତର ପ୍ରଥମ ପାତର ପ୍ରିୟ ମୁଁ ପ୍ରତିକ୍ଷୀତ
ଭାଷାତୀତ ଏଇ ଭାବନାକୁ ମୋର ଭାଙ୍ଗନି ବାରମ୍ବାର
ଭାଙ୍ଗିବା ପାଇଁ ସମର୍ପି ଦେଉଛି ଅମିତ ଅହଂକାର।"

ଭାଙ୍ଗିବା ପାଇଁ ଭଲ ପାଇବାକୁ ଗଛରେ ଟାଙ୍ଗି ଦେଇଥିବା କବିର ତ୍ୟାଗ – ତିତିକ୍ଷାକୁ ଲକ୍ଷ୍ୟ କରନ୍ତୁ ସଭାଜନେ। ଭଲ ପାଇବାର ମାତ୍ରାକୁ ଏଠି ଅନୁଭବିବାର କଥା। ଗହିରୀ ଗାଆଁର ଗଳିମୁଣ୍ଡର କୁଡ଼ିଆଟିରେ ନିଜକୁ ପର କରି ସ୍ୱପ୍ନକୁ ନିଜର କରିଥିବା, କଞ୍ଚା ଦୂବର କଥା କହି ପାରୁଥିବା, ଘାସର ଗୀତ ଗାଇ ପାରୁଥିବା ଓ ଅମିତ ଅହଂକାରକୁ ସମର୍ପଣ କରିଦେଉଥିବା କବି କଦାପି ଆତ୍ମନେପଦୀ ହୋଇ ନପାରନ୍ତି। ଗୋଟିଏ ଦୀପରୁ ଅସଂଖ୍ୟ ଦୀପ ଆଲୋକିତ ହୋଇପାରୁଥିଲାଭଳି, ଏଭଳି ପ୍ରେମିକଟିଏ ଭଲପାଇବାକୁ ଯେତେଥର ଗଛରେ ଟାଙ୍ଗି ଦେଲେ ବି ପ୍ରେମ ତାଙ୍କୁ ଛାଡ଼ି ପାରେ କି? ପ୍ରେମର ଅନ୍ୟ ନାମ ତ ଅହଂକାର ବିସର୍ଜନ! ହେଲେ ଆଜିର କବି ଏତେ ଅହଂକାରୀ କାହିଁକି?

ଅହଂକାରୀଟିଏ ନିଜକୁ ପ୍ରେମିକ ବୋଲି ଦାବି କରିବା, ଅନ୍ୟ ଅର୍ଥରେ ପ୍ରେମ କବିତା ଲେଖି ପାରିବା କେତେଦୂର ସମିଚୀନ? ଶ୍ମଶାନ ବୈରାଗ୍ୟ ଭଳି ସାମୟିକ ଲୋକ ଦେଖାଣିଆ ପ୍ରେମିକଟିଏର ମୋହରରେ ଭୂଷିତ ହେବାପାଇଁ ଏତେ ଫାଜିଲାମି କାହିଁକି? ସିଏ କ'ଣ ବୁଝିପାରୁନାହିଁ ସଚ୍ଚା ପ୍ରେମିକଟିଏର ଚିରନ୍ତନ ପ୍ରତୀକ୍ଷାର ଦୈର୍ଘ୍ୟ ଅନନ୍ତକାଳ ଅବଧି ଯାଏଁ ବୋଲି? (କେହି ତାକୁ ଅପେକ୍ଷା ରଖୁ କି ନ ରଖୁ ସେଥିରେ ତାର ଯାଏ ଆସ ନଥାଏ)। ଶବ୍ଦବ୍ରହ୍ମ କହିବା, ଅଥଚ ତାଙ୍କ ଉପରେ ଏତେ ଅନ୍ୟାଚାର, ଅତ୍ୟାଚାର କାହିଁକି?

ପ୍ରେମକବିତା ଲେଖୁଥିବା ଓ ଲେଖୁଛି ବୋଲି ଦାବି କରୁଥିବା ଆଜିର କବି ନିଜ ବିବେକକୁ ପଚାରୁ – ସିଏ ସତରେ ପ୍ରେମିକ/ପ୍ରେମିକାଟିଏ ହୋଇପାରିଛି ତ? ଯାବତୀୟ ବିଭ୍ରାନ୍ତିର ବିଖଣ୍ଡନ ମଧ୍ୟରୁ ତାର ପ୍ରେମ ଓ ତଦ୍ଜନିତ ପ୍ରେମ କବିତା ତାକୁ ଏକ ଊର୍ଦ୍ଧ୍ୱ ସ୍ତରକୁ ନେଇଯାଇପାରୁଛି ତ? ନାତିଶୀତୋଷ୍ଣ ଶିହରଣର ଅସୀମତାରେ ଜଡିଯାଇଥିବା ନିରପରାଧ ପକ୍ଷୀର ଭୂମିକାରେ ରଖି ତାକୁ ଏକ ଉଚ୍ଚତର ସୋପାନରେ ଅବସ୍ଥାପିତ କରାଇପାରୁଛି ତ? ପ୍ରେମ ତା'ର ପାଇଁ ତଥା ସାରା ସଂସାର ପାଇଁ ରକ୍ଷାର କବଚ ସାଜୁଛି ନା ଘାତକ? କବିର ଏଇ ଅସଲ ଭୂମାକାଟିକୁ କବି ନିଜେହିଁ ବୁଝିବା ଦରକାର।

ତା'ନହେଲେ ପୋକଖିଆ ଚେତନା ଓ ବିକଳାଙ୍ଗର ଭାଷା ନେଇ କୋଟି କୋଟି କବିତା ଲେଖିଲେ ବି ସେ ଜଣେ ଲେଖାଳି ହୋଇପାରିବ ସିନା, କବି ପଦବାଚ୍ୟ ହୋଇପାରିବ ନାହିଁ। ଜଣେ ଗୋଟିଏ ମାତ୍ର ଲେଖି କିମ୍ବା ଆଦୌ ନ ଲେଖି ବି ପ୍ରେମିକ କବି ହୋଇପାରିବ।

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ୧୬୦୦ ହେକ୍ଟରରେ ବାସମତୀ ଧାନ ଚାଷ ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ପରିଚାଳିତ ଦେଶୀ ବିହନ ବ୍ୟାଙ୍କରେ ରହିଛି ପ୍ରାୟ ୮୦ ପ୍ରକାର ବାସମତୀ ଏବଂ ବାସ୍ନା ଧାନ ବିହନ। ଖୋର୍ଦ୍ଧା, କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ମୟୂରଭଞ୍ଜ ସମେତ ବିଭିନ୍ନ ସ୍ଥାନରୁ ସଂଗୃହୀତ ହୋଇ ସଂରକ୍ଷିତ ରଖାଯାଇଛି। ମାତ୍ର ଆଜି ପର୍ଯ୍ୟନ୍ତ ଏହାର ଉପଯୋଗ କରାଯାଇ ବାସମତୀ ଧାନ ଚାଷ କରାଯାଉନଥିଲା। ଚଳିତ ବର୍ଷ ୧୬ଶହ ହେକ୍ଟର ଜମିରେ ବାସମତୀ ଏବଂ ବାସ୍ନା ଧାନ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି କୃଷି ବିଭାଗ। ୧ ହଜାର ହେକ୍ଟରରେ ବାସ୍ନା ଚାଉଳ ଧାନ, ୪ ଶହ ହେକ୍ଟରରେ ବିହନ ଏବଂ ୨୦୦ ହେକ୍ଟରରେ ଲମ୍ବା ଚାଉଳଯୁକ୍ତ ବାସମତୀ ଧାନ ଚାଷ କରାଯିବ। ଖୁବ ଶୀଘ୍ର ଏଥିପାଇଁ



ମଞ୍ଜୁରି ମିଳିବ ବୋଲି ଆଶା କରାଯାଉଛି। ଅନ୍ତର୍ଜାତୀୟସ୍ତରରେ ୬୫ ପ୍ରତିଶତ ବାସମତୀ ଚାଉଳର ଚାହିଦା ପୂରଣ କରେ ଭାରତ। ଜମ୍ମୁ-କାଶ୍ମୀର, ହିମାଚଳପ୍ରଦେଶ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶର କିଛି ସ୍ଥାନରେ ଏହା ଉତ୍ପାଦିତ ହୁଏ। କିନ୍ତୁ ଓଡ଼ିଶାରେ ଉତ୍ପାଦନ ପାଖାପାଖି ଶୂନ୍ୟ ଭଳି। ବରଗଡ଼, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, ମାଲକାନଗିରି, ନୟାଗଡ଼ ସମେତ କିଛି ସ୍ଥାନରେ ଚାଷୀ କିମ୍ବା ସାମାଜିକ ସଙ୍ଗଠନଗୁଡ଼ିକ ନିଜ ଉଦ୍ୟମରେ ଛୋଟ ବାସମତୀ ଧାନ ଚାଷ କରୁଛନ୍ତି। ସେମାନେ ମୁଖ୍ୟତଃ ମୂଳାମଞ୍ଜି, ବିଷ୍ଣୁଭୋଗ, ତୁଳସୀବାସ, କଳାଜିରା, ବୁଦ୍ଧଭୋଗ, ଗୋବିନ୍ଦଭୋଗ, ବାସକମଲ, ଦୁବରାଜ, କୁସୁମକେରି, ବାସ୍ନାଭୋଗ, ଗୋବିନ୍ଦଭୋଗ ପ୍ରଭୃତିର ବିହନ ବ୍ୟବହାର କରୁଛନ୍ତି। ଅରୁଆ ବାସ୍ନା ଚାଉଳ ଗାଁ-ଗାଁରେ ଚାଷୀ କଲେ ମଧ୍ୟ ତାହା କେବଳ ନିଜ ଘର ଖାଇବା ପାଇଁ ହୁଏ, ବାହାରେ ବିକ୍ରି କରନ୍ତି ନାହିଁ। କିନ୍ତୁ ଲମ୍ବା ବାସମତୀ ଚାଉଳ ପ୍ରାୟତଃ ହୁଏ ନାହିଁ। ଏହାକୁ ନେଇ ଚାଷୀ ସୁଦାମ ସାହୁ କହନ୍ତି, ବାସମତୀ ଚାଉଳ ଏତେ ଲମ୍ବା ଯେ ଏହାର ଉତ୍ପାଦନ ପାଇଁ ମିଲ ନାହିଁ। ସରକାରଙ୍କ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ଏମଏସପି ଘୋଷଣା କରାଯାଏ ନାହିଁ। ତେଣୁ ଏହାକୁ ନେଇ ଚାଷୀ ଆଗ୍ରହୀ ହୁଏ ନାହିଁ। ବାସମତୀ ଚାଉଳ ଚାଷ ପାଇଁ ପ୍ରୋସେସିଂ ୟୁନିଟ କରାନଗଲେ ଏହି ଚାଷକୁ ସଫଳତା ମିଳିବ ନାହିଁ। ବରଗଡ଼ ଜିଲ୍ଲାର ଲହଣ୍ଡା ଏବଂ ଚକୁଳିରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବାସମତୀ ଚାଉଳ ପାଇଁ ଚାଷ ପରୀକ୍ଷାମୂଳକ ଭାବରେ କରାଯାଉଛି। କୃଷି ବୈଜ୍ଞାନିକ କହିଛନ୍ତି, ରାଜ୍ୟରେ ଯଦି ୮୦ ପ୍ରକାର ଦେଶୀ ବାସମତୀ ବିହନ ରହିଛି ତେବେ ଏଠାରେ ନିଶ୍ଚିତ ଭାବରେ ଏହି ଚାଉଳ ପାଇଁ ଚାଷର ଭିତ୍ତିଭୂମି ରହିଛି। ଉଭୟ ଚାଷୀ ଏବଂ ସରକାର ଏଥିପ୍ରତି ଆଗ୍ରହ ଦେଖାଇବାକୁ ସେ ପରାମର୍ଶ ଦେଇଛନ୍ତି।

# ‘ବର୍ଣ୍ଣବୋଧ ଏକ ବିଜ୍ଞାନ’

**ଭୁବନେଶ୍ୱର :** ମୈତ୍ରେୟୀ ଲେଖିକା ସଙ୍ଗଠନର ମାସିକ ଆଭାସୀ ଆସର ଏପ୍ରିଲ ୧୦ ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ମୈତ୍ରେୟୀ ସ୍ୱପ୍ନା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୈତ୍ରେୟୀ ନିବେଦିତା ନନ୍ଦ ଉତ୍କଳ ବନ୍ଦନା ବନ୍ଦେ ଉତ୍କଳ ଜନନୀ ଗାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭାଷା ବିଶାରଦ ତଥା ଭେଷଜ ବିଶେଷଜ୍ଞ ଡାକ୍ତର ଦେବାଶିଷ ଜ୍ୟୋଷ୍ଟୀ ଆସରର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରି କହିଲେ, ବର୍ଣ୍ଣବୋଧ ଏକ ବିଜ୍ଞାନ। ବଡମାନଙ୍କ ପାଇଁ ବର୍ଣ୍ଣବୋଧଟିଏ ଲେଖାଯିବା ନିହାତି ଆବଶ୍ୟକ ଯାହା ଆମକୁ ନିର୍ଭୁଲ ଉଚ୍ଚାରଣ ଶିଖେଇବା ସହିତ ଅକ୍ଷରକୁ ନେଇ ଉଠୁଥିବା ଅନେକ ଦ୍ୱନ୍ଦ୍ୱର ସହଜ ସମାଧାନ କରିବାରେ ସହାୟକ ହେବ। ସଭାପତି ସ୍ୱପ୍ନା ବେହେରା ଭାଷା ଉପରେ ଆଲୋକପାତ କରି କହିଲେ, ଭାଷା ଏକ ଉତ୍ସବ ଯାହାର ଭାବପ୍ରୀତିରେ ଓ ସ୍ନେହଶ୍ରଦ୍ଧାରେ ଆମେ ସମସ୍ତେ ସଂଯୋଜିତ ହୋଇ ରହିଛେ। ‘ମୋ ବର୍ଣ୍ଣବୋଧ’ ବିଷୟବସ୍ତୁ ଉପରେ ଆଧାରିତ ସ୍ୱରଚିତ ଗଳ୍ପ ଓ କବିତା ପାଠ କରିଥିଲେ ମୈତ୍ରେୟୀ ସୁଷମା ପରିଡ଼ା, ସୁଜାତା ମହାପାତ୍ର, ମାଧବୀ ପଟେଲ, ସସ୍ମିତା ମହାନ୍ତି, ମହାଶ୍ୱେତା ପାଣିଗ୍ରାହୀ, ସୁସ୍ମିତା ପଟେଲ ଏବଂ ପଦ୍ମାଳୟା ମିଶ୍ର। ପଠିତ ଗଳ୍ପ ଓ କବିତାଗୁଡ଼ିକୁ ସମୀକ୍ଷା କରିଥିଲେ ବରିଷ୍ଠ କବି ସଙ୍ଘମିତ୍ରା ରାଏଗୁରୁ। ଏଥରର ସୃଜନୀରେ ପ୍ରଖ୍ୟାତ ଗାଳ୍ପିକା ବିସ୍ମିତା ରାଣୀ ସାହୁଙ୍କର ଗଳ୍ପ ସଂକଳନ ଉଇଁ ଆସୁଥିବା ଜହ୍ନର ସମୀକ୍ଷା କରିଥିଲେ ସୁଲେଖିକା ଯାଜ୍ଞସେନୀ ହୋତା ଓ ସୁସାହିତ୍ୟିକା ଅନିତା ପାଣି। କାର୍ଯ୍ୟକ୍ରମ ଶେଷ ଭାଗରେ ସଂଗଠନର ସମ୍ପାଦିକା ସୁନାମଧନ୍ୟା ଲେଖିକା ମୈତ୍ରେୟୀ ଲକ୍ଷ୍ମୀ ଚାନ୍ଦ ସଂଗଠନ ସମ୍ବନ୍ଧିତ ନିଜର ଅଭିମତ ରଖିଥିଲେ। ମୈତ୍ରେୟୀ ମିତା ପଟ୍ଟନାୟକଙ୍କର ସୁଲଳିତ ଉପସ୍ଥାପନା ତଥା ମୈତ୍ରେୟୀ ବିଶ୍ୱ ଭାରତୀ ଦାସଙ୍କ ଚମତ୍କାର ସଂଯୋଜନା କାର୍ଯ୍ୟକ୍ରମଟିକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିଥିଲା। ଶେଷରେ ମୈତ୍ରେୟୀ ପ୍ରଭାତୀ ମଞ୍ଜରୀ ବେହେରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ରଘୁନାଥପୁର ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

**ଜଗତ୍‌ସିଂହପୁର :** ଜିଲ୍ଲାପାଳ ପାରୁଲ ପଟ୍ଟୱାରୀଙ୍କ ଅଧ୍ୟକ୍ଷତାରେ ରଘୁନାଥପୁର ବ୍ଲକରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨ବର୍ଷ ପରେ ଏହି ଜନଶୁଣାଣି ଶିବିର ହୋଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାନଯାଇଥିଲା କି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବି ନିମନ୍ତ୍ରଣ କରାଯାଇନଥିଲା। ଏପରିକି ଗଣମାଧ୍ୟମ ପ୍ରତିନିଧିମାନଙ୍କ ବସିବା ନିମନ୍ତେ ଆବଶ୍ୟକ ଚେୟାର ମଧ୍ୟ ବ୍ୟବସ୍ଥା କରାଯାଇନଥିଲା। ଏହି ଜନଶୁଣାଣି ଶିବିରଟି ଏକ ପ୍ରକାର ପ୍ରହସନରେ ପରିଣତ ହୋଇଥିଲା ପରି ଲାଗୁଥିଲା। ଗାଁ ଗାଁରେ ଜନସାଧାରଣ ରାସ୍ତାଘାଟ ମୁଗ ଖଜା, ଧାନଖଜା, ଗୋରୁଗାଈ ମାନ ବାନ୍ଧିବା, କୋଠାଘର ପାଇଁ ରାସ୍ତାଘାଟ ଗୋଡି, ସିମେଣ୍ଟ, ରଡ ଓ ବାଲି ଗଦା କରି ଏକପ୍ରକାର ଜବରଦଖଲ କରିଥିବା ବେଳେ ତହସିଲ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜୁଛନ୍ତି। ଏଥିପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯାଉଥିବା ବେଳେ ଆବେଦନକାରିଙ୍କ ଦରଖାସ୍ତ ଗୁଡିକ ଡଷ୍ଟବିନକୁ ଫୋପାଡି ଦେବା ପରି




ମନେ ହେଉଛି। ରାସ୍ତା ଯାକ ମୁଗଖଜା ହେଉଥିବାକୁ ନେଇ ତହସିଲଦାର ରୂପାଲିକା ଦାଶଙ୍କୁ ଗଣମାଧ୍ୟମ ପ୍ରତିନିଧି ପଚାରିବାରେ ସେ ସମ୍ପର୍କରେ ସଠିକ ତଥ୍ୟ ଦେଇପାରିନଥିଲେ, ତେବେ ଜନଶୁଣାଣି କାର୍ଯ୍ୟ କାହିଁକି ହେଉଛି ପଚାରିବାରେ ଜିଲ୍ଲାପାଳ ପଟ୍ଟୱାରୀ ହସ୍ତକ୍ଷେପ କରି ଜନସାଧାରଣଙ୍କ ଦରଖାସ୍ତ ଉପରେ ଗୁରୁତ୍ୱ ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ବିଧବାଭତା, ବାର୍ଦ୍ଧକ୍ୟ ଭତା ନିମନ୍ତେ ଅନଲାଇନ ମାଧ୍ୟମରେ ବର୍ଷବର୍ଷ ଧରି ଆବେଦନ କରୁଥିବା ବେଳେ ଆବେଦନ କାରି ଭତା ପାଇବାକୁ ସକ୍ଷମ ହୋଇପାରୁନଥିଲେ। ଏହି ଶିବିରରେ ସମୁଦାୟ ୯୫ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନକାର୍ଡ ଓ ପାଇଖାନା ନିମନ୍ତେ ଆବେଦନ କରୁଥିଲେ ବି ତାଙ୍କ ଅଭିଯୋଗ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହାବି ଜଣାଇ ଦିଆଯିବାର ବ୍ୟବସ୍ଥା କରାଯାଉନାହିଁ। ଫଳରେ ଗୋଟିଏ ଆବେଦନକୁ ନେଇ ଆବେଦନକାରିଙ୍କୁ ବାରଦୁଆର ହେବାକୁ ପଡୁଛି। ସବୁଠାରୁ ଦୁଃଖଦାୟକ ଘଟଣା ହେଉଛି ଯେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଚିଠି ଗୁଡିକର ତଦନ୍ତ କରାଯାଉଥିବାରୁ ଜିଲ୍ଲାପାଳଙ୍କୁ ସେଥି ନିମନ୍ତେ ଜଣାଇଦିଆଯାଉ ନାହିଁ। ରାଜ୍ୟ ମୁଖ୍ୟସୂଚନା କମିଶନରଙ୍କ ନିର୍ଦ୍ଦେଶ ମୁତାବକ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଚିଠି ଗୁଡିକର ୱେବସାଇଟରେ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ ବି ଜଗତସିଂହପୁର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ଜନଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଖିଳେଶ୍ୱର ସିଂହ, ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ, ତହସିଲଦାର ରୂପାଲିକା ଦାଶ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା କୃଷି ଅଧିକାରୀ ରାଜକିଶୋର ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବୀରକିଶୋର ପରିଡା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସୁକାନ୍ତ କୁମାର ଦଳେଇ ଓ ସିଡିପିଓ ଜ୍ୟୋସ୍ନାରାଣୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅନ୍ୟ ସମସ୍ତ ସରକାରୀ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କର ସୁରକ୍ଷା ଉପରେ ପ୍ରଶିକ୍ଷଣ



**ନବରଙ୍ଗପୁର:** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଥିବା ମହିଳା କର୍ମଚାରୀଙ୍କର ସୁରକ୍ଷା ଉପରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଡଃ ମିଶ୍ର କହିଥିଲେ ଜିଲ୍ଲା ପ୍ରଶାସନରେ ମହିଳା ମାନଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦାନ କରାଯାଉଛି। ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମହିଳା ଯଦି ଅନୁଭବ କରନ୍ତି କି ସେ ଯୌନ ନିର୍ଯ୍ୟାତନାର ଶିକାର ହେଉଛନ୍ତି, ତେବେ ସେ ନିର୍ଭୟରେ ଏହା ବିରୋଧରେ ପ୍ରତିବାଦ କରିବା ଦରକାର। ଜିଲ୍ଲାର ସମସ୍ତ କର୍ମଚାରୀ ଆଇନ କୁ ଭଲ ଭାବରେ ବୁଝି କର୍ମ କ୍ଷେତ୍ରରେ ସଜାଗ ରହିବା ସହିତ ମହିଳାମାନେ ସାହସର ସହିତ ଏହାର ଉପରେ କୁ ପ୍ରତିବାଦ କରିବା ଦରକାରବୋଲି ଆହ୍ୱାନ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ପ୍ରଶିକ୍ଷଣ ଶିବିର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ମହିଳା ମାନଙ୍କ ଉପରେ ଯୌନ ନିର୍ଯ୍ୟାତନାର ନିବାରଣ, ନିଷେଧ ଓ ନିରାକରଣ ଆଇନ-୨୦୧୩ ଅନୁଯାୟୀ ସ୍ଥାନୀୟ ଅଭିଯୋଗ କମିଟି ଓ ଜିଲ୍ଲା ସ୍ତରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇ ଥିବାର ସୂଚନା ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିର ରେ ଉପସ୍ଥିତ ଥିବା କର୍ମଚାରୀ ମାନଙ୍କୁ କର୍ମକ୍ଷେତ୍ରରେ ମହିଳା ମାନଙ୍କ ଉପରେ ଯୌନ ନିର୍ଯ୍ୟାତନାର ନିବାରଣ ,ନିଷେଧ ଓ ନିରାକରଣ ଆଇନ-୨୦୧୩ ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ , ଯୌନ ନିର୍ଯ୍ୟାତନା କାହାକୁ କୁହାଯାଏ , ନିଯୁକ୍ତିଦାତାଙ୍କ ଦାୟିତ୍ୱ ସମୂହ , ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଜିଲ୍ଲା ସ୍ତରରେ ସ୍ଥାନୀୟ ଅଭିଯୋଗ କମିଟି ର ଗଠନ , ଦାୟିତ୍ୱ ,କ୍ଷମତା , ଅଭିଯୋଗ କରିବାର ପ୍ରକ୍ରିୟା , ତଦନ୍ତ ସମୟର ଅବଧି ଉପରେ ବିଶଦ ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଥିଲା । ସାଧନ ବ୍ୟକ୍ତି ଭାବରେ ଜିଲ୍ଲା ସ୍ତରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ର ଅଧକ୍ଷା ମନୋରମା ମାଝି , ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଓକିଲ ମୀନାକ୍ଷୀ ପାଢୀ ଯୋଗ ଦେଇଥଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ ,ପ୍ରକଳ୍ପ ପ୍ରଶାସକ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଭିମନ୍ୟୁ ମାଝି, ଜିଲ୍ଲା ଯୋଗାଣ ଅଧିକାରୀ ସଞ୍ଜିବ କୁମାର ସାହୁ , ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃମତି ରଞ୍ଜାନ ସାମନ୍ତରାୟ, ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ ଓ ଜିଲ୍ଲାର ସମସ୍ତ ତହସିଲ , ବ୍ଲକ ଏବଂ ସିଡିପିଓ କାର୍ଯ୍ୟ ।ଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ର ସଦସ୍ୟ ପ୍ରମୁଖ କର୍ମକ୍ଷେତ୍ର ରେ ମହିଳା କର୍ମଚାରୀ ଙ୍କର ସୁରକ୍ଷା ଉପରେ ନିଜନିଜର ମତ ରଖିଥିଲେ । ଶେଷରେ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବେପାରୀ ମାଲେମାଲ ...

ମେଟ୍ରିକ୍ ଟନ୍‌ର ଲାଉ, ୨୧ଲକ୍ଷ ୨୭ ହଜାର ମେଟ୍ରିକ୍ ଟନ୍‌ର ବାଇଗଣ, ୪୯୬୩ ମେଟ୍ରିକ୍ ଟନ୍‌ର ଗାଜର, ୧୦ ହଜାର ୬୧୧ ମେଟ୍ରିକ୍ ଟନ୍‌ର କୁନ୍ଦୁରୀ, ୫୪ ହଜାର ୫୭୬ ମେଟ୍ରିକ୍ ଟନ୍‌ର କାକୁଡି, ୬ଲକ୍ଷ ୬୨ ହଜାର ମେଟ୍ରିକ୍ ଟନ୍‌ର ଭେଣ୍ଡି ଉତ୍ପାଦିତ ହୁଏ। ବର୍ଷ ତମାମ ରାଜ୍ୟରେ ଟମାଟୋ ଉତ୍ପାଦନ ହେଉଥିଲା ବେଳେ ପ୍ରାପ୍ୟ ନମିଳିବା ଭୟ ହେତୁ ଚାଷୀମାନେ ଧାନକୁ ଗୁରୁତ୍ୱ ଦେଉଛନ୍ତି। ଯେହେତୁ ପ୍ରାକୃତିକ ଦୁର୍ବିପାକରେ ପନିପରିବା ବିଶେଷ କ୍ଷତିଗ୍ରସ୍ତ ହୋଇଥାଏ ଏବଂ ଏହାର କ୍ଷତିପୂରଣ ଚାଷୀଙ୍କୁ ମିଳେନାହିଁ ସେଥିପାଇଁ ଓଡ଼ିଶାର ଚାଷୀମାନେ ପରିବା ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟରେ ଦେଶୀ ପରିବା ଯେତିକି ଉତ୍ପନ୍ନ ହୁଏ ଏହାର ରକ୍ଷଣାବେକ୍ଷଣ ଅଭାବ ହେତୁ ନାମକୁ ମାତ୍ର ଦରରେ ଚାଷୀମାନେ ଏହାକୁ ବିକ୍ରି କରିଥାନ୍ତି। ବିଭିନ୍ନ ସମୟରେ ଦେଖାଯାଇଛି ଓଡ଼ିଶାର ଚାଷୀମାନେ ପରିବାରର ଉଚିତ ମୂଲ୍ୟ ପାଉନଥିବାରୁ ଏହାକୁ ରାସ୍ତାରେ ମଧ୍ୟ ଫିଙ୍ଗିଦିଅନ୍ତି। ଶୀତ ଋତୁରେ ବାହାର ରାଜ୍ୟର ବ୍ୟବସାୟୀମାନେ ଓଡ଼ିଶାର ଚାଷୀମାନଙ୍କ ଠାରୁ ସ୍ୱଳ୍ପ ମୂଲ୍ୟରେ ପରିବା କିଣି ପରେ ଏହାକୁ ଚଢ଼ା ଦରରେ ବିକ୍ରି କରିଥାନ୍ତି। ଏଥିରେ ବ୍ୟବସାୟୀ ଲାଭାନ୍ୱିତ ହେଉଥିଲା ବେଳେ ଚାଷୀ କ୍ଷତିଗ୍ରସ୍ତ ହେଉଛି। ଶୀତଳ ଭଣ୍ଡାର ଅଭାବ ଓ ପନିପରିବା ଉତ୍ପାଦନ ପାଇଁ କୃଷି ବିଭାଗର ପ୍ରୋତ୍ସାହନ ନଥିବାରୁ ରାଜ୍ୟରେ ପରିବା ଉତ୍ପାଦନ କମ ରହୁଥିବା ଜଣାପଡିଛି। ତେଣୁ ଓଡ଼ିଶାର ଚାଷୀ ଯେତେବେଳେ ପରିବା ଚାଷ କରିବାକୁ ପ୍ରୋତ୍ସାହନ ପାଉନାହିଁ ସେତେବେଳେ ବାହାର ରାଜ୍ୟର ବ୍ୟବସାୟୀଙ୍କ ଆଧିପତ୍ୟ ବଢୁଛି। ଏତଗଲା ପରିବା ବଜାରର କାହାଣୀ। ଅନ୍ୟପକ୍ଷରେ ଖାଇବା ତେଲ ଠାରୁ ଆରମ୍ଭ କରି ପ୍ରତ୍ୟେକ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ହେତୁ ଖାଉଟି ହନ୍ତସନ୍ତ ହେଉଛନ୍ତି। ଲେମ୍ବୁ, ଟମାଟୋ ପରେ ଏବେ ଚିକେନ୍ କିଲୋ ୩୦୦ ଟପିଲାଣି। ପରିବା ଦରକୁ ନେଇ ଗରିବ, ମଧ୍ୟବିତ୍ତ ମୁଣ୍ଡରେ ହାତ ଦେଲେଣି।

### ଦାନା ବାନ୍ଧିବ ...

ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର ସ୍ଥାନାନ୍ତର ନିଷ୍ପତ୍ତିକୁ ନେଇ ଛାନିଆ ହୋଇପଡ଼ିଛନ୍ତି ମାଟିମଣ୍ଡପ ସାହି, ଶୂନ୍ୟଗୋଷାଣୀ ଗଳି ଓ କାଳିକାଦେବୀ ସାହି ବାସିନ୍ଦା। ବହୁ ସେବାୟତ ମଧ୍ୟ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟ ସରକାରଙ୍କ ଅଦୂରଦର୍ଶିତାର ପରିଣାମ ସେମାନେ କାହିଁକି ଭୋଗିବେ ବୋଲି ପ୍ରଶ୍ନ କରିଛନ୍ତି। ଜୀବନ ଗଲେ ବି ଆଉ ଭିଟାମାଟି ଛାଡ଼ିବୁ ନାହିଁ ବୋଲି ଲୋକେ କହିଛନ୍ତି। ଶୂନ୍ୟଗୋଷାଣୀ ଗଳିର ବାସିନ୍ଦା ନାରାୟଣ ମହାପାତ୍ର କହିଛନ୍ତି, ଏଠି ବ୍ରହ୍ମା ବିଳିବିଳେଇଲେ ବେଦ। ତାଙ୍କର ସେ କେଉଁଠି କେମିତି କରିବେ କରନ୍ତୁ। ଜୀବନ ଦେବୁ ପଛେ ଆଉ ଇଞ୍ଚେ ଜମି ଦେବୁ ନାହିଁ। ଯେତିକି ନେଇଛ ସେତିକିରେ କର। ସେହିଭଳି ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି ଯେ ପୂର୍ବର ୭୫ ମିଟରର ଅଧିଗ୍ରହଣକୁ ସ୍ୱାଗତ କରାଯାଇଥିଲା। ଏବେ ତା’ଠୁ ଅଧିକ ଜମି ଅଧିଗ୍ରହଣ କଲେ ତୀବ୍ର ବିରୋଧ କରାଯିବ। ୨୦୦ ମିଟର ଭିତରେ ମୁଖ୍ୟ ମୁଖ୍ୟ ସେବାୟତମାନେ ରହୁଛନ୍ତି। ଯେତିକି ଜାଗା ଅଧିଗ୍ରହଣ କରିଛନ୍ତି ସେତିକିରେ ସବୁ କାର୍ଯ୍ୟ କରାଯାଉ। ଆଉ ଯଦି ନେବେ ତା’ହେଲେ ନିଶ୍ଚିତ ଆନ୍ଦୋଳନର ଦାନା ବାନ୍ଧିବ। ଅନ୍ୟପକ୍ଷରେ ଏହି ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି ଆରମ୍ଭରୁ ପ୍ରକଳ୍ପକୁ ବିରୋଧ କରି ଆସୁଥିବା ସାମାଜିକ କର୍ମୀ ଓ ଆଇନଜୀବୀ। ସେମାନଙ୍କ କହିବା କଥା- ତା’ହେଲେ ନିଷିଦ୍ଧାଞ୍ଚଳରେ କେମିତି ନିର୍ମାଣ ହେଉଥିଲା ରିସେପସନ୍ ସେଣ୍ଟର? କିଏ ଏ ଡିପିଆର ଓ ଡିଜାଇନ୍‌କୁ ଅନୁମତି ଦେଇଥିଲା? ୨ ଶହ ମିଟର ରେଗୁଲେଟେଡ୍ ଏରିଆ ଭିତରେ ରିସେପସନ୍ ସେଣ୍ଟର ନିର୍ମାଣ ପାଇଁ ପୁଣି ଚାଲିବ ଖନନ। ଏଥିପାଇଁ ପୁଣି ଜମିଅଧିଗ୍ରହଣ ସାଙ୍ଗକୁ ଏଏସ୍‌ଆଇ ଓ ଏନଏମ୍‌ଏର ଅନୁମତି ବି ଦରକାର। ସାମାଜିକ କର୍ମୀ ଦିଲ୍ଲୀପ ବରାଳ କହିଛନ୍ତି, ନିଷିଦ୍ଧାଞ୍ଚଳ ବିଷୟରେ ରାଜ୍ୟ ସରକାରଙ୍କର ଜ୍ଞାନ ଥିଲା ତ? ତା’ହେଲେ କାହିଁକ ଐତିହ କରିଡ଼ର କରିବାକୁ ନିଷ୍ପତ୍ତି ନେଇଥିଲେ? ସେହିଭଳି ଗତ ୧୦ ତାରିଖରେ ଏକ ଟ୍ୱିଟ୍ କରି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରଶ୍ନ କରିଥିଲେ ଯେ ଯଦି ୧୦୦ ମିଟର ପରିଧିରେ ଚାଲିଥିବା ନିର୍ମାଣ ବେଆଇନ୍ ଘୋଷିତ ହୁଏ, ତା’ହେଲେ ଓଡ଼ିଆ ଲୋକଙ୍କ ଶହ ଶହ କୋଟି ଟଙ୍କା ନଷ୍ଟ ପାଇଁ କିଏ ଦାୟୀ ରହିବେ?

### ସମାଧାନ ନହେବା ...

ଆପାର୍ଟମେଣ୍ଟର ଫ୍ଲାଟ୍ ବିକ୍ରିବେଳେ ଆପାର୍ଟମେଣ୍ଟର ସର୍ବସାଧାରଣ ଜାଗା ଫ୍ଲାଟ୍ ଓନର୍ସ ଆସୋସିଏସନ୍ ନାମରେ କରାଯାଇଥାଏ। କିନ୍ତୁ ଓଡ଼ିଶାରେ ଆପାର୍ଟମେଣ୍ଟର ସର୍ବସାଧାରଣ ଜାଗା ଆପାର୍ଟମେଣ୍ଟ ନିର୍ମାତା ନିଜ ମାଲିକାନାରେ ରଖୁଛନ୍ତି। ନିୟମ ଉଲ୍ଲଂଘନ କରାଯାଉଥିଲେ ମଧ୍ୟ ଫ୍ଲାଟ୍‌ର କିନ୍ତୁ ପଞ୍ଜିକରଣ କରାଯାଉଛି ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏଥିରେ ରେରା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ରଖାଯାଇଥିଲା। ଏଥିରେ ରେରା ପକ୍ଷରୁ କୁହାଯାଇଥିଲା ଯେ, ଓଡ଼ିଶାରେ ଏହି ଆଇନ ଲାଗୁହେବା ସତ୍ତ୍ୱେ ପ୍ରତ୍ୟେକ ଆପାର୍ଟମେଣ୍ଟର ଆସୋସିଏସନ୍ ଗଢାଯାଇ ତାହାକୁ ପଞ୍ଜିକରଣ କରି ଦିଆଯାଉଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆପାର୍ଟମେଣ୍ଟ ଓନରସିପ୍ ଆଇନ ଅନୁସାରେ ବିଭିନ୍ନ ଫ୍ଲାଟ୍‌ର ପଞ୍ଜିକରଣ କରାଯାଉଛି ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା। ଗୋଟିଏ ଘଟଣାକୁ ନେଇ ପୃଥକ ଆଇନ ଗ୍ରହଣୀୟ ହୋଇନଥିବାରୁ ହାଇକୋର୍ଟ ବର୍ତ୍ତମାନ ପାଇଁ ଫ୍ଲାଟ୍ କିଣାବିକା ଉପରେ ରୋକ୍ ଲଗାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଆଡ଼ଭୋକେଟ୍ ଜେନେରାଲ ଅଶୋକ ପରିଜା, ରେରା ପକ୍ଷରୁ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ, ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

### ମୋଦି ସରକାରରେ ...

ଇନଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଏଣ୍ଡ ରିସର୍ଚ୍ଚ ସ୍ଥାପନ ହୋଇଛି। ରାଜ୍ୟ ସରକାର ନୀତିଗତ ଭାବେ ଏହି ମେଡ଼ିକାଲର ପରିଚାଳନା ଦାୟିତ୍ୱ ନେବା ପାଇଁ ନିଷ୍ପତି ନେଇଛନ୍ତି। ଏହି ମେଡ଼ିକାଲ କଲେଜ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବା ତଥା ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ପାଇଁ ବ୍ୟବସ୍ଥା କରିବା ନିମନ୍ତେ ଏମସିଏଲ ସ୍ୱୀକୃତି ଦେଇଛି। ସୁନ୍ଦରଗଡ଼ ଠାରେ ଏନଟିପିସି ଦ୍ୱାରା ମେଡ଼ିକାଲ କଲେଜ ନିର୍ମାଣ ହୋଇଥିବା ବେଳେ ରାଉରକେଲା ଠାରେ ସେଲ୍ ଦ୍ୱାରା ସୁପର ସ୍ପେଶାଲିଟି ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ଏହାବ୍ୟତିତ ଭାରତ ସରକାରଙ୍କ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ କୋଭିଡ୍ ସମୟରେ ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। କେବଳ ଏମସିଏଲ କୋଭିଡ ସମୟରେ ଭୁବନେଶ୍ୱର, ତାଳଚେର, ସମ୍ବଲପୁର, ବସୁନ୍ଧରା, ସୁନ୍ଦରଗଡ଼ ଅଞ୍ଚଳରେ ପାଖାପାଖି ୫୦୦ କୋଟି ଟଙ୍କା ଖର୍ଚ୍ଚ କରି ନାଗରିକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇବାର ଦାୟିତ୍ୱ ନେଇଥିଲା, ଯାହା ପ୍ରଶଂସନୀୟ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

### ଆସନ ୩ ...

ରାଜ୍ୟସଭା ପ୍ରତିଶ୍ରୁତି ପାଇଥିବା ବରିଷ୍ଠ ନେତା ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବେ ଆଶାବାଦୀ ଅଛନ୍ତି। ଏହାବାଦ୍ ଜୟପୁରର ପୂର୍ବତନ ବିଧାୟକ ରବିନାରାୟଣ ନନ୍ଦ ବି ରାଜ୍ୟସଭା ଆଶାୟୀ ଥିବା କୁହାଯାଉଛି। ଭୁବନେଶ୍ୱର ଲୋକସଭା ଆସନରୁ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀଙ୍କ ସାଂସଦ ହେବା ମୋହ ଏବେ ବି ଅତୁଟ ରହିଛି। ୨୦୧୯ରେ ଲୋକସଭା ଟିକଟରୁ ବଞ୍ଚିତ ହେବା ଦିନଠାରୁ ହିଁ ସେ ରାଜ୍ୟସଭା ଟିକଟ ଅପେକ୍ଷାରେ ଅଛନ୍ତି। ଏପରିକି କି ତାଙ୍କୁ ଦଳ ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ତେଣୁ କୁହାଯାଉଛି ଏଥରକ ଜଣେ ପ୍ରସନ୍ନଙ୍କ କାର୍ଯ୍ୟକାଳ ସରିଲା ଓ ଆଉ ଜଣେ ପ୍ରସନ୍ନ ରାଜ୍ୟସଭାକୁ ଯାଇପାରନ୍ତି। ଅନ୍ୟତମ ଆଶାୟୀ ଭାବେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜଙ୍କ ନାମ ଚର୍ଚ୍ଚାରେ ରହିଛି। ଯୁବ ଚେହେରା ଭାବେ ବିଜେଡିର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଥିବା ମାନସଙ୍କୁ ରାଜ୍ୟସଭା ପଠାଇ ପାରନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅବସରପ୍ରାପ୍ତ ଆଇପିଏସ ତଥା ମୁମ୍ବାଇର ପୂର୍ବତନ ପୁଲିସ କମିଶନର ଅରୂପ ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଏବେ ପୁଣି ବିଜେଡି ରାଜନୀତିରେ ଚଳଚଞ୍ଚଳ ହୋଇଥିବାରୁ ସେ ମଧ୍ୟ ଆଶାୟୀ ତାଲିକାରେ ଥିବା ଶୁଣିବାକୁ ମିଳୁଛି। ଏହାବାଦ୍ ଜଣେ ମହିଳାଙ୍କୁ ରାଜ୍ୟସଭା ପଠାଇବା ସମ୍ଭାବନା ବି ରହିଛି। ଗତ ଲୋକସଭା ନିର୍ବାଚନରେ ମହିଳା କାର୍ଡ ଖେଳି ନବୀନ ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲେ। ଲଗାତାର ମହିଳା ସଂରକ୍ଷଣ ଦାବି ଉଠାଉଥିବା ନବୀନ ରାଜ୍ୟସଭାକୁ ଜଣେ ମହିଳା ନେତ୍ରୀ କିମ୍ବା ପ୍ରତିଷ୍ଠିତ ମହିଳା, ମହିଳା ସମାଜସେବୀଙ୍କୁ ପଠାଇ ସଭିଙ୍କ ନଜର ଟାଣିପାରନ୍ତି। ଗତ ଲୋକସଭା ନିର୍ବାଚନରେ ପ୍ରମିଳା ବିଶୋଇଙ୍କୁ ପ୍ରାର୍ଥୀ କରି ନବୀନ ସଭିଙ୍କୁ ଚକିତ କରିବା ସହ ଜାତୀୟ ଗଣମାଧ୍ୟମର ନଜର ଟାଣିଥିଲେ। ସବୁବେଳେ ବିରୋଧୀଙ୍କୁ ଚକ୍କା ଦେବାରେ ମାହିର ନବୀନ ଏସବୁ ଚର୍ଚ୍ଚା ବାଦ୍ କିଛି ସରପ୍ରାଇଜ୍ କାର୍ଡ ଖେଳିପାରନ୍ତି। ଏହି ତାଲିକାରେ ‘ମୋ ସ୍କୁଲ’ ଅଧ୍ୟକ୍ଷ ସୁସ୍ମିତା ବାଗଚୀଙ୍କ ନାଁ ସର୍ବାଗ୍ରେ ରହିଛି। ଆଦୌ ଚର୍ଚ୍ଚାରେ ନଥିବା ମୁହଁକୁ ବି ରାଜ୍ୟସଭା ପଠାଇବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଏବେ କେନ୍ଦ୍ରୀୟ ବିଜେପିର ଆଭିମୁଖ୍ୟ ଓଡ଼ିଶା ପ୍ରତି ନରମ ଥିଲେ ବି ରାଷ୍ଟ୍ରପତି ନିର୍ବାଚନ ପରେ ବିଜେପି ଓଡ଼ିଶା ଉପରେ ଫୋକସ୍ କରିବ ବୋଲି ଅନୁମାନ କରାଯାଉଛି। ତେଣୁ କେନ୍ଦ୍ରରେ ବିଜେପିକୁ କଡ଼ା ଜବାବ ଦେବା ସହ ରାଜ୍ୟର ପ୍ରସଙ୍ଗ ଓ ଦଳର ଆଭିମୁଖ୍ୟକୁ ରାଜ୍ୟସଭାରେ ଠିକଣା ଢଙ୍ଗରେ ଉପସ୍ଥାପନ କରିବା ଭଳି ନେତା ସନ୍ଧାନରେ ଅଛନ୍ତି ନବୀନ। ରାଜ୍ୟସଭା ସାଂସଦ ସୁବାସ ସିଂ କଟକ ମେୟର ନିର୍ବାଚିତ ହେବା ପରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ଗତ ୨୦୨୦ ଏପ୍ରିଲ ୩ରୁ ଆରମ୍ଭ ହୋଇଥିଲା। ତାଙ୍କ ରାଜ୍ୟସଭା ପଦର କାର୍ଯ୍ୟକାଳ ସରିଥାନ୍ତା ୨୦୨୬ ଏପ୍ରିଲ ୨ରେ। ସୁବାସଙ୍କ ସ୍ଥାନରେ ଆଉ ଜଣେ ବାକି ୪ ବର୍ଷ ପାଇଁ ରାଜ୍ୟସଭା ଯିବେ। ଏହି ଖାଲି ଆସନ ପାଇଁ ନିର୍ବାଚନ କମିଶନ ଆଜି ଘୋଷଣା କରିନାହାନ୍ତି। ପରେ ଏ ନେଇ ନିର୍ବାଚନ ହେବ।

### ‘ହୁଞ୍ଜା ଘାଟି’କୁ ...

ସ୍ୱାସ୍ଥ୍ୟମନ୍ତ୍ରୀ ହାଜି ଗୁଲବର ସାବ୍ ମଧ୍ୟ ଲୋକମାନଙ୍କ ସହ ମିଶି ପାକିସ୍ତାନ ଓ ଚୀନ୍ ମଧ୍ୟରେ ହୋଇଥିବା ଏହି ରାଜିନାମାକୁ ବିରୋଧ କରିଛନ୍ତି । ଏହି କାରଣରୁ ଗତମାସରେ ସେମାନଙ୍କୁ ପାକିସ୍ତାନୀ ସେନା ମାଡ଼ ମାରିଥିଲେ। ପାକିସ୍ତାନର ଶାହବାଜ ସରିଫଙ୍କ ନେତୃତ୍ୱାଧୀନ ନୂଆ ସରକାର ସିପିଇସି ପ୍ରକଳ୍ପକୁ ବାତିଲ କରିବା ଲାଗି ଯୋଜନା କରିଥିଲେ ମଧ୍ୟ ଚୀନ୍ର ଋଣଯନ୍ତାରୁ ପାକିସ୍ତାନ ମୁକୁଳି ପାରିବ ନାହିଁ । ପ୍ରାୟ ୬ ହଜାର ୨୦୦ କୋଟି ଡଲାର ମୂଲ୍ୟର ସିପିଇସି ହେଉଛି ଚୀନ୍ ରାଷ୍ଟ୍ରପତି ସି. ଜିନପିଙ୍ଗ୍‌ଙ୍କ ବହୁ ଆକାଂକ୍ଷୀ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆରଆଇ) ପ୍ରକଳ୍ପର ଅଂଶବିଶେଷ । ବେଜିଂ ସହ ପ୍ରତ୍ୟକ୍ଷ ବାଣିଜ୍ୟ କାରବାର କରିବା ଲାଗି ସମ୍ପୃକ୍ତ ଅଞ୍ଚଳରେ ସଡକପଥ, ରେଳପଥ ଓ ଜଳପଥ ନିର୍ମାଣ କରିବା ହେଉଛି ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ । ଇମ୍ରାନ ଖାନ୍‌ଙ୍କ ନେତୃତ୍ୱାଧୀନ ପୂର୍ବ ସରକାର ଓ ତାଙ୍କ ଦଳ ପିଟିଆଇ ଏହି ପ୍ରକଳ୍ପକୁ ପୂର୍ଣ୍ଣ ସମର୍ଥନ କରିଥିଲା । ତଥାପି ରାଜନୈତିକ ସମର୍ଥନ ଅଭାବରୁ ସିପିଇସି ପ୍ରାଧିକରଣ ଗଠନ ହେବାକୁ ୨ ବର୍ଷ ଲାଗିଯାଇଥିଲା । ମାତ୍ର ପରେ ଏହାର ଅଧ୍ୟକ୍ଷ ପଦରୁ ଅସିମ ସଲିମ ବାଜଓ୍ୱା ଇସ୍ତଫା ଦେଇଥିଲେ । କିନ୍ତୁ ଶାହବାଜ ଇତିମଧ୍ୟରେ ଏହି ପ୍ରାଧିକରଣକୁ ଭାଙ୍ଗି ଦେଇଛନ୍ତି ।

# ଗ୍ରହରାଜ ଶନିଦେବଙ୍କ ଜଳାଭିଷେକ

**ଜଗତ୍‌ସିଂହପୁର :** ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ଗ୍ରହରାଜ ଶନିଦେବଙ୍କ ଜଳାଭିଷେକ ଖୁବ୍ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଯାଇଛି। ପ୍ରତି ପୀଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ରାତ୍ରି ୩ଟାରୁ ପହଞ୍ଚି ନଈ ବା ପୋଖରୀମାନଙ୍କରୁ ଢ଼ାଳରେ ପାଣି ଉଠାଇ ଜଳାଭିଷେକ କରିଥିଲେ। ଏହି ଜଳାଭିଷେକ କାର୍ଯ୍ୟକ୍ରମରେ ପୋଲିସ୍ ମାନଙ୍କ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯିବାର ବ୍ୟବସ୍ଥା କରାଯାଇଥିଲା। ଦୀର୍ଘ ୨ବର୍ଷ ଧରି କରୋନା ମହାମାରୀରେ ଜଳାଭିଷେକ କାର୍ଯ୍ୟକ୍ରମରେ ସରକାର ରୋକ ଲଗାଇଥିବାରୁ ବହୁ ଶ୍ରଦ୍ଧାଳୁ ସେମାନଙ୍କ ମାନସିକ ପୂରଣ କରିବା ଦିଗରେ ସକ୍ଷମ ହୋଇପାରିନଥିଲେ। ଚଳିତ ବର୍ଷ ମହାମାରୀ କରୋନାର ବିପଦ ନଥିବାରୁ ବହୁ ସ୍ଥାନମାନଙ୍କରେ ଜନଗହଳି ଲାଗି ରହିଥିଲା। ଏପରିକି ଶ୍ରଦ୍ଧାଳୁମାନେ



ଜଳାଭିଷେକ କରିସାରିବା ପରେ ଦୀପ ଲଗାଇ ଭୋଗରାଗ କରିଥିଲେ। ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଗଜାଗୋସାଇଁଙ୍କ ପୀଠ ସ୍ଥଳିନିକଟରେ ଥିବା ଗ୍ରହରାଜ ଶନିଦେବଙ୍କ ନିକଟରେ ଜଳାଭିଷେକ କାର୍ଯ୍ୟକ୍ରମ ଖୁବ୍ ଶାନ୍ତିଶୃଙ୍ଖଳାର ସହିତ କରାଯାଇଥିଲା ଓ ଶ୍ରଦ୍ଧାଳୁଙ୍କୁ ଖେଚୁଡ଼ି ବଣ୍ଟନ କରାଯାଇଥିଲା। ସେହିପରି ତଅଁରା ଗ୍ରାମର ତାରିଣୀ ଠାକୁରାଣୀଙ୍କ ନିକଟରେ ଗ୍ରହରାଜ ଶନିଦେବଙ୍କ ନିକଟରେ ଭକ୍ତମାନେ ଜଳାଭିଷେକ କରିଥିଲେ।

# ଭଉଁରିଆ, ପୁଇଁଚାନ୍ଦିଆ ସେତୁର ସ୍ଥିତି ସମୀକ୍ଷା

**ଅସ୍ତରଙ୍ଗ :** ବିପଦ ସଂକୁଳ ଭଉଁରିଆ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସ୍ଥିତିକୁ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାର କାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସତ୍ୟଜିତି ଦଳାଇ ପ୍ରମୁଖ ପରିଦର୍ଶନ କରିଥିଲେ। ଭଉଁରିଆ ସେତୁର ନିର୍ମାଣ ପ୍ରାୟ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ ହେବ। ସେତୁଟି ବର୍ତ୍ତମାନ ବିପଦ ସଂକୁଳ ଥିବାରୁ ନୂତନ ସେତୁ ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିଲା। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ନବୀନ ପଟ୍ଟନାୟକଙ୍କ ନିକଟରେ ନୂତନ ସେତୁ ନିର୍ମାଣ ପାଇଁ ଦାବି କରିଆସୁଥିଲେ। ବିଳମ୍ବ ଯୋଗୁଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବର୍ତ୍ତମାନର ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ଓ କ୍ରୀଡା ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି ଅର୍ଥ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସେତୁ ନିର୍ମାଣ ପାଇଁ ୪ କୋଟି ଟଙ୍କା ମଞ୍ଜୁର କରିଥିବା ଜଣା ପଡ଼ିଛି।ଖୁବ ଶୀଘ୍ର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ସତ୍ୟଜିତି ଦଳାଇ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ।



ଏତଦବ୍ୟତୀତ ପୁଇଁଚାନ୍ଦିଆ ଝାଡ଼ାଲିଙ୍ଗ ସେତୁର ନିର୍ମାଣ କାର୍ଯ୍ୟକୁ ଦେଖିବା ସହିତ ଶୀଘ୍ର ସାରିବା ପାଇଁ ଅଧିକାରୀ ଓ ଠିକାଦାରଙ୍କୁ ପରାମର୍ଶ ଦେଇଥିଲେ। ଅସ୍ତରଙ୍ଗ ଗଙ୍ଗପୁର ଓ ମଲାମାଛ ଉଦୟପୁର ରାସ୍ତା ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଥିଲେ। ପରିଦର୍ଶନ ସାରି ତାଳଦା ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବା ସମ୍ପର୍କରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିମୟ ଦଳାଇ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ ଡି ଓ ଉମା ଶଙ୍କର ଜୟ ସିଂ, କନିଷ୍ଠ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ତାଡ ପ୍ରମୁଖ ଉପସ୍ଥିତ ଥିଲେ।

# ମାତା ଈଶ୍ୱରମ୍ମା



ଅନୀତା ପଟ୍ଟନାୟକ



ଭଗବାନ ସତ୍ୟ ସାଇ ବାବାଙ୍କର ମାତା ୧୯୭୨ ମସିହା ମଇ ମାସ ୬ ତାରିଖ ଦିନ ଦେହତ୍ୟାଗ କରିଥିଲେ। ସତ୍ୟସାଇ ସଙ୍ଗଠନର ସଦସ୍ୟମାନେ ସେହି ଦିନଟିକୁ ଈଶ୍ୱରାମ୍ମା ଦିବସ ଭାବେ ପାଳନ କରିଥାନ୍ତି। ମଇ ମାସ ୧୯୭୭ ଠାରୁ ଏହା ବାଳବିକାଶ ଦିବସ ଭାବେ ପାଳନ କରାଯାଉଛି। ଈଶ୍ୱରାମ୍ମାଙ୍କ ପିତା ମିଶ୍ରପଣ୍ଡ ବଂଶର ଦାୟାଦ ଥିଲେ। କର୍ଣ୍ଣୁଲ ଜିଲ୍ଲାର କୋଲିମିକୁଣ୍ଟାଲ ତାଲୁକରେ ସେ ଏକ ଶିବ ମନ୍ଦିର ନିର୍ମାଣ କରୁଥିବା ସମୟରେ ଏକ କନ୍ୟା ସନ୍ତାନ ଲାଭ କରିଥିଲେ ଓ ତାର ନାମ ରଖିଥିଲେ ନାମଗିରି। ପରବର୍ତ୍ତୀ ସମୟରେ ଡକାୟତ ମାନଙ୍କ ଭୟରୁ ନିସ୍ତାର ପାଇବା ପାଇଁ ଓ ଭଗବାନ ସତ୍ୟସାଇଙ୍କର ଜେଜେ ବାପା କୋଣ୍ଡମାରାଜୁଙ୍କ ଅନୁରୋଧ କ୍ରମେ ସେ ନିଜର ଗ୍ରାମ ପରିବର୍ତ୍ତନ କରି କର୍ଣ୍ଣାଟନାଗପଲ୍ଲୀରେ ବସବାସ କରିଥିଲେ। ବିଧିର ବିଧାନ ଅନୁଯାୟୀ କୋଣ୍ଡମାରାଜୁଙ୍କ ପୁତ୍ର ପେଦ୍ଦାଭ୍ୱାଙ୍କ ମା ରାଜୁଙ୍କୁ ନାମଗିରି ବିବାହ କରିଥିଲେ କିନ୍ତୁ ଶାଶୁଘରେ ତାଙ୍କର ନାମ ପରିବର୍ତ୍ତନ କରାଯାଇ ଈଶ୍ୱରାମ୍ମା ରଖାଯାଇଥିଲା। ନଭେମ୍ବର ମାସ ୨୩ ତାରିଖ ୧୯୨୪ ମସିହାରେ ଭଗବାନ ସତ୍ୟସାଇ ବାବା ଈଶ୍ୱରାମ୍ମାଙ୍କର ଅଷ୍ଟମ ଗର୍ଭର ସନ୍ତାନ ଭାବେ ଜନ୍ମ ଗ୍ରହଣ କରିଥିଲେ। ସେ ଦିନଟି ଥିଲା କାର୍ତ୍ତିକ ସୋମବାର ଓ ହିନ୍ଦୁମାନେ ଏହାକୁ ଶିବଙ୍କର ପ୍ରିୟଦିନ ବୋଲି ଭାବନ୍ତି। ଭଗବାନ ସତ୍ୟସାଇ ବାବା କୁହନ୍ତି ମୋର ମାତାଙ୍କୁ ମୁଁ ବାଛିଥିଲି। ମୋର ଜନ୍ମ ପ୍ରସବ ନୁହେଁ ବରଂ ପ୍ରବେଶ। ଈଶ୍ୱରାମ୍ମା ମଧ କହିଛନ୍ତି ଦିନେ କୂଅରୁ ପାଣି କାଢୁଥିବା ସମୟରେ ଏକ ଉଜ୍ଜ୍ୱଳ ଆଲୋକ ତାଙ୍କ ଗର୍ଭରେ ପ୍ରବେଶ କରିଥିଲା ଓ ସେ ଅନ୍ତଃସତ୍ତ୍ୱା ହୋଇଥିଲେ ଓ ବାବାଙ୍କୁ ଜନ୍ମ ଦେଇଥିଲେ। ସେ ଭଗବାନ ସତ୍ୟସାଇ ବାବାଙ୍କ ଲୋକମାନଙ୍କ ପାଇଁ ଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ତିନୋଟି ପ୍ରାର୍ଥନା କରିଥିଲେ। ଈଶ୍ୱରାମ୍ମାଙ୍କର ଏହି ମହତ ତିନଟି ଇଛାକୁ ଭଗବାନ ସତ୍ୟସାଇ ପୂରଣ କରିଥିଲେ।

ଈଶ୍ୱରାମ୍ମା ଜଣେ ସରଳ, ନିଷ୍କପଟ, ଗାଉଁଲି ସ୍ତ୍ରୀ ଲୋକ ଥିଲେ। ସେ ମୃତ୍ୟୁ ପୂର୍ବରୁ ଶ୍ରୀରାମ ଚନ୍ଦ୍ରଙ୍କର ରୂପ ଦର୍ଶନ ଭଗବାନ ସତ୍ୟସାଇ ବାବାଙ୍କର ଅଶେଷ କୃପାରୁ ଲାଭ କରିପାରିଥିଲେ। ସତ୍ୟସାଇ ସେବା ସଙ୍ଗଠନ ଦ୍ୱାରା ଆୟୋଜିତ ଗ୍ରୀଷ୍ମଶିକ୍ଷା ଶିବିରରେ ଅନ୍ୟାନ ମହିଳା ମାନଙ୍କ ସହିତ ନିଜକୁ ମିଶାଇ ଭକ୍ତମାନଙ୍କର ସେବା କରୁଥିଲେ। ସେ ଭଗବାନଙ୍କର ମା' ଭାବେ ଅଲଗା ପରିଚୟ ଦେବାକୁ ଚାହୁଁ ନଥିଲେ ମଧ ଭଗବାନଙ୍କର ମାତା ହିସାବରେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ। ଗ୍ରୀଷ୍ମ ଶିକ୍ଷା ଶିବିରରେ ଭାରତୀୟ ଶିକ୍ଷା ଓ ସଂସ୍କୃତି ଉପରେ ଆଲୋକପାତ କରାଯାଇଥାଏ। ଭାରତର ବିଭିନ୍ନ ପ୍ରାନ୍ତରରୁ ବଛା ବଛା ପ୍ରଶିକ୍ଷକ ଓ ଶିକ୍ଷାର୍ଥୀ ଏଥିରେ ଯୋଗ ଦେଇଥାନ୍ତି। ଗ୍ରୀଷ୍ମ ଶିକ୍ଷା ଶିବିର ଗୁଡ଼ିକରେ କଠୋର ଶୃଙ୍ଖଳା ପାଳନ କରାଯାଇଥାଏ। ଏହିପରି ଏକ ଗ୍ରୀଷ୍ମ ଶିବିରକୁ ପରିଚାଳନା କରିବାର ଦାୟିତ୍ୱ ଡକ୍ଟର ବିନାୟକ କୃଷ୍ଣ ଗୋକକଙ୍କୁ ଦେଇଥିଲେ। ଗୋକକ୍ ଦେଖିଲେ ଗୋଟିଏ ପିଲା ଶୀଘ୍ର ଶୀଘ୍ର ଖାଇ ଦେଇ ଖାଇବା ମଝିରୁ ଅନ୍ୟ କାହାର ଅନୁମତି ନ ନେଇ ବାହାରକୁ ଚାଲିଯାଉଛି। ବିନାୟକଙ୍କ ମତରେ ଏହାଥିଲା ଏକ ବିଶୃଙ୍ଖଳିତ ଆଚରଣ। ତେଣୁ ସେ ପିଲାଟିକୁ ଡାକି କହିଥିଲେ 'ତୁମେ ଆଉ ଗ୍ରୀଷ୍ମ ଶିବିରରେ ଯୋଗ ଦେବାର ଆବଶ୍ୟକତା ନାହିଁ, ଖାଇବା ସମୟରେ ତୁମର ଆଚରଣ ଖୁବ ବିଶୃଙ୍ଖଳ ଓ ତୁମେ ତୁମ ଘରକୁ ଯାଇପାର।' ଏପରି ଦୃଢ଼ ଶୃଙ୍ଖଳା ବିଷୟରେ ପିଲାଟିର ଜ୍ଞାନ ନଥିଲା ସେ କାନ୍ଦୁ କାନ୍ଦୁ ଦେଖିଲା ମାତା ଈଶ୍ୱରାମ୍ମା ବସିଛନ୍ତି ଓ ତାଙ୍କ ନିକଟରେ ନିଜର ଦୁଃଖ ଜଣାଇଲା। ମାତା ଈଶ୍ୱରାମ୍ମା ଜଣେ ସାଧାରଣ ମହିଳା ପ୍ରତୀୟମାନ ହେଉଥିଲେ ମଧ ସେ ଥିଲେ ଅର୍ଣ୍ଣପୂର୍ଣ୍ଣା, ଭବାନୀ ଦୁର୍ଗା, ଜଗଦମ୍ବୀ, ଲଳିତା ମିନାକ୍ଷୀ ଓ ସରସ୍ୱତୀ। ପିଲା ପାଇଁ କଣ ସର୍ବୋତ୍ତମ ସେ ତାଙ୍କର ଜ୍ଞାନ ଦ୍ୱାରା ବୁଝିପାରୁଥିଲେ ଓ ସେ ଦିନ ତାଙ୍କର କାମନାକୁ ନିଜର ମଧୁର ବାଣୀ ଓ କର୍ମ ଦ୍ୱାରା ସମାଧାନ କରିଥିଲେ। ତାଙ୍କର ଭଗବାନଙ୍କ ଉପରେ ଅସୀମ ବିଶ୍ୱାସ ଦୃଢ଼ତା ଓ ଆସ୍ଥା ଥାଏ। ସେ ପିଲାଟିକୁ କହିଲେ ମୁଁ ଗୋକକ୍‌କୁ କହି ତତେ କ୍ଷମା ଦେବା ପାଇଁ କହିବି ଓ ଚେଷ୍ଟା କରିବି। କାରଣ ପ୍ରକୃତରେ ସେ ଜଣେ ମା' ଥିଲେ ଓ ତାଙ୍କର ହୃଦୟ ପ୍ରେମମୟ ଥିଲା। ଗୋକକ କକ୍ଷରୁ ବାହାରି ଯେତେବେଳେ ମାତା ଈଶ୍ୱରାମ୍ମାଙ୍କୁ ଦେଖିଲେ ସେତେବେଳେ ସେ ତାଙ୍କୁ ପ୍ରଣାମ କଲେ ଓ ମାତା ତାଙ୍କୁ ପ୍ରତି ନମସ୍କାର ଜଣାଇଲେ। ଗୋକକ କହିଲେ ମା ମୋ ନିକଟରେ କ'ଣ କିଛି କାମ ଅଛି। ଈଶ୍ୱରାମ୍ମା କହିଲେ ହଁ। କହିଲେ ତୁମେ ମତେ ନମସ୍କାର କରିବାରୁ ମୁଁ ତୁମକୁ ତାର ପ୍ରତିନମସ୍କାର ଜଣାଇଲି। କିନ୍ତୁ ତୁମେ ଯେତେବେଳେ ଅନ୍ୟ ମାନଙ୍କୁ ଦଣ୍ଡ ଦେଲ ତୁମେ ମଧ ଦଣ୍ଡ ପାଇବା ପାଇଁ ପ୍ରସ୍ତୁତ ରହିବା ଦରକାର। ସେ ଗୋକକଙ୍କୁ ଅତ୍ୟନ୍ତ ମଧୁର ଓ ବିନୟ ସ୍ୱରରେ କହିଲେ ଏ ପିଲାଟିର କ୍ଷମା ମାର୍ଜନା କରି ଓ ପୁନଶ୍ଚ ଗ୍ରୀଷ୍ମ ଶିକ୍ଷା ଶିବିରରେ ଯୋଗ ଦେବାର ଅନୁମତି ଦିଅ। ଗୋକକ୍ କହିଲେ ଏହା ଅନ୍ୟମାନଙ୍କ ପାଇଁ ବିଶୃଙ୍ଖଳା ଆଚରଣକୁ ପ୍ରୋତ୍ସାହିତ କରିବ ହେଲେ ମା'ଙ୍କ ପ୍ରେମମୟ କଥାକୁ ସେ କାଟି ପାରି ନଥିଲେ। ତେଣୁ ସେ ପିଲାଟିକୁ ପୁନଶ୍ଚ ଶ୍ରେଣୀରେ ଯୋଗ ଦେବା ପାଇଁ ଅନୁମତି ଦେଲେ।





ମାତା ଈଶ୍ୱରାମ୍ମା ଆମ ମଧ୍ୟରେ ନାହାଁନ୍ତି ସତ ହେଲେ ତାଙ୍କ ପରି ମା'ର ହୃଦୟ ଅନନ୍ୟ। ସେ ଭଗବାନଙ୍କ ନିକଟରେ ଲୀନ ହୋଇ ଯାଇଛନ୍ତି କିନ୍ତୁ ସେ ଏକ ସ୍ନେହମୟୀ ମା'ଭାବେ ପ୍ରତ୍ୟେକ ଭକ୍ତଙ୍କ ମନରେ ଛାପ ଛାଡ଼ି ଯାଇଛନ୍ତି। ଭଗବାନଙ୍କୁ ଜନ୍ମ ଦେଇ ସେ ସାଇଭକ୍ତଙ୍କ ନିକଟରେ ଦୁର୍ଲ୍ଲଭ ହୋଇଯାଇଛନ୍ତି ତେଣୁ ସେ ସଦା ସ୍ମରଣୀୟ ହୋଇ ରହିବେ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ*
*ଦୂରଭାଷ : ୯୬୯୨୯୮୦୦୭୬*

# ମାନସିକ ସ୍ୱାସ୍ଥ୍ୟ ପାଇଁ ଯୋଗ



ବିଜୟ କୁମାର ପୃଷ୍ଟି

ଗୋଟିଏ ସମ୍ପୂର୍ଣ୍ଣ ମନୁଷ୍ୟ କହିଲେ ବୁଝାଯାଏ ତାର ଶରୀର ଓ ମନ। ଏହି ଶରୀର ଓ ମନ ଉପରେ ଆମ ଜୀବନର ସଫଳତା, ସୁସ୍ଥତା ଏବଂ ପକ୍ୱତା ନିର୍ଭର କରେ। ପ୍ରକୃତରେ ଦେଖିବାକୁ ଗଲେ ମାନସିକ ସୁସ୍ଥତା ପାଇଁ ଶରୀରର ବିଭିନ୍ନ ଜୀବସ୍ଥା ଯଥା ପରିପାକକ୍ରିୟା, ଶ୍ୱାସକ୍ରିୟା, ମଳମୂତ୍ର



ତ୍ୟାଗକ୍ରିୟା, ରକ୍ତ ସଂଚାଳନ କ୍ରିୟା, ସ୍ନାୟୁତନ୍ତ୍ର କ୍ରିୟ ଏବଂ ଏହାର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଯଥା ହୃତପିଣ୍ଡ, ମସ୍ତିଷ୍କ, ଯକୃତ, କିଡ଼ନୀ, ଫୁସଫୁସ ଇତ୍ୟାଦିର ସୁସ୍ଥତା ଏକାନ୍ତ ଆବଶ୍ୟକ। ଏଭଳି ଏକ ବିଚିତ୍ର ଶରୀରର ମନର ବିଭିନ୍ନ ଅବସ୍ଥାକୁ ନେଇ ଆମକୁ ଶାନ୍ତି ଓ ସଙ୍ଗତି ମିଳିଥାଏ। ମନର ଦୁନିଆ ବହୁ ବିଚିତ୍ର ଓ ରହସ୍ୟମୟ। ଶାରୀରିକ ରୋଗ ପାଇଁ ନିଦାନ ଅଛି କିନ୍ତୁ ମନରୋଗ ଜାଣିବା କଷ୍ଟକର। ମନ ରୋଗର ଅସାଧାରଣ ତିନୋଟି ସ୍ତରରେ ଦେଖାଦିଏ। ମନର ବିଚାର କ୍ଷମତା ରୁଗଣ ହୋଇଯାଏ ଓ ବିଚାର ଧାରା ଓଲଟ ପାଲଟ ହୋଇଯାଏ। ଭାବନାତ୍ମକ ସ୍ତରରେ ସନ୍ତୁଳନ ବିଗଡ଼ିଯାଏ ଏବଂ ବ୍ୟବହାର ବିସଙ୍ଗତି ଦେଖାଦିଏ। ଆମେରିକାନ ସାଇକ୍ରିଏଟିକ ଆସୋସିଏସନ ଦ୍ୱାରା ପ୍ରକାଶ କରାଯାଇଥିବା ମାନଦଣ୍ଡକୁ ମନରୋଗ ନିରୂପଣ ପାଇଁ ସବୁଠାରୁ ବେଶି ମାନ୍ୟତା ଦିଆଯାଇଛି।

ମନୁଷ୍ୟ ଶାରୀରିକ ସୁସ୍ଥତା ଏବଂ ମାନସିକ ସୁସ୍ଥତା ପାଇଁ ଆମର ବହୁ ପୂର୍ବରୁ ସାଧୁସନ୍ଥମାନେ ବିଭିନ୍ନ ଧର୍ମ ଏବଂ ଯୋଗ ନାମରେ କେତେକ ପ୍ରୟୋଗାତ୍ମକ ନୂତନ କୌଶଳ ଉଦ୍‌ଭାବନ କରିଛନ୍ତି। ସେହି ଯୋଗ ହିଁ ମନୁଷ୍ୟର ମାନସିକ ସନ୍ତୁଳନ କରିପାରିବ। କିନ୍ତୁ ସେହି ଯୋଗ କୌଶଳ ଦୀର୍ଘଦିନ ଧରି ଲୁପ୍ତପ୍ରାୟ ହୋଇଥିଲା ଯାହାକି ଗୌତମ ବୁଦ୍ଧଙ୍କ ଦ୍ୱାରା ପୁର୍ନଜୀବନ ଲାଭ କଲା। ସେହି ଯୋଗ କୌଶଳ ଏବଂ ପ୍ରବଚନ ଦ୍ୱାରା ବହୁଲୋକ ବନ୍ଧନରୁ ମୁକ୍ତି ପାଇଲେ। ସେ ଧର୍ମ ନାମରେ ଏହାକୁ ପ୍ରଚାର କଲେ, ଯାହାର ଆଠଟି ବିଭାଗ ରହିଛି ଯାହାକୁ ଆର୍ଯ୍ୟ ଅଷ୍ଟାଙ୍ଗିକାମାର୍ଗ ବୋଲି କୁହାଯାଏ। ଏହା ମନକୁ ସଂଯତ ଏବଂ ପବିତ୍ର ରିବାରେ ସାହାଯ୍ୟ କଲା। ଐତିହାସିକ ମାନଙ୍କ ମତରେ ପୁନର୍ବାର ମହର୍ଷି ପତଞ୍ଜଳୀ 'ଅଷ୍ଟାଙ୍ଗଯୋଗ' ବା 'ରାଜଯୋଗ' ନାମରେ ପ୍ରବର୍ତ୍ତନ କଲେ। ଯାହାଦ୍ୱାରା ସେହି ସମାନ ସୁଫଳ ମିଳିଲା। କିନ୍ତୁ ଯେଉଁମାନେ ଏହି କଷ୍ଟ ମାର୍ଗକୁ ଅନୁସରଣ କରି ପାରିଲେ ନାହିଁ ସେମାନଙ୍କ ପାଇଁ ନାଥ ସଂପ୍ରଦାୟର ଯୋଗିନୀମାନେ ଏହାକୁ ହଠଯୋଗ ନାମ ଦେଲେ। ଏହି ହଠଯୋଗ ଅଭ୍ୟାସ ଦ୍ୱାରା ମନୁଷ୍ୟ ଏକ ସୁସ୍ଥ, ସରଳ ଏବଂ ନମନୀୟ ଶରୀର ପ୍ରାପ୍ତ ହୋଇଥାଏ। ଯାହାଫଳରେ ଉଚ୍ଚତର ଧ୍ୟାନାଭ୍ୟାସ ଯଥା ଧାରଣା, ଧ୍ୟାନ, ସମାଧି କିମ୍ବା ରାଜଯୋଗ କରିବା ପାଇଁ ଶରୀର ଉପଯୁକ୍ତ ହୋଇଥାଏ।

ବର୍ତ୍ତମାନର ବିଷାକ୍ତ ପରିବେଶ ମଧ୍ୟରେ ମନୁଷ୍ୟ ଶରୀର ତଥା ମାନସିକ ଅବସ୍ଥାକୁ ସନ୍ତୁଳିତ କରିବା ପାଇଁ ପ୍ରତ୍ୟହ ଯୋଗାଭ୍ୟାସ ଏକାନ୍ତ ଜରୁରୀ। ଏହା ହିଁ ଯୋଗର ମୂଳ ଲକ୍ଷ୍ୟ। ବର୍ତ୍ତମାନ ସମାଜରେ ଯେତେ ରୋଗୀ ଅଛନ୍ତି ସେଥି ମଧ୍ୟରୁ ମାନସିକ ରୋଗୀ (ସାଇକୋସୋମାଟିକ ଡିଜଜ୍) ସଂଖ୍ୟା ଅଧିକ। ଯେତେ ଆଧୁନିକ ଔଷଧ ସେବନ କଲେ ମଧ ତାର ସୁଫଳ ବଦଳରେ ବରଂ ଅଧିକ କୁଫଳ ମିଳିଥାଏ। ମାନସିକ ରୋଗର ଅମୋଘ ଔଷଧି ହେଲା ପ୍ରତ୍ୟହ ଯୋଗାଭ୍ୟାସ। ଏଥି ସହିତ ଏକ ପ୍ରାକୃତିକ ଜୀବନ ଯାପନ ଓ ସନ୍ତୁଳିତ ଆହାରର ଆବଶ୍ୟକତା ଯଥେଷ୍ଟ ରହିଛି।

ପ୍ରଥମତଃ ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟାତ୍ୟାଗ କରି ତିନି ଗ୍ଲାସ ପାଣି ପିଇବା ପରେ ମଳମୂତ୍ର ତ୍ୟାଗ କରି ଯୋଗାସନ, ପ୍ରାଣାୟାମର ଅଭ୍ୟାସ କରିବା ଉଚିତ। ସ୍ଥିରଂ ସୁଖଂ ଆସନଂ ଅର୍ଥାତ୍ ଆସନ କଲେ ମନ ସ୍ଥିର ରହେ, ଶରୀର ସୁଖଲାଭ କରେ ଫଳରେ ମାନସିକ ସ୍ଥିରତା ଆସେ। ପ୍ରାଣାୟାମ ଅଭ୍ୟାସ ଦ୍ୱାରା ନିଶ୍ୱାସ ପ୍ରଶ୍ୱାସକୁ ନିୟନ୍ତ୍ରଣ କରାଯାଇ ପାରେ। ମନୁଷ୍ୟ ଯେତେ କମ ନିଶ୍ୱାସ ପ୍ରଶ୍ୱାସ ନେବ ସେତେ ଦୀର୍ଘ ଜୀବୀ ହୋଇପାରିବ। ଗୋଟିଏ କଇଁଛ ପ୍ରାୟ ୨୦୦ ବର୍ଷ ବଞ୍ଚିଥାଏ କାରଣ ପ୍ରତି ମିନିଟରେ ସେ ମାତ୍ର ୬ଥର ନିଶ୍ୱାସ ପ୍ରଶ୍ୱାସ ନେଇଥାଏ। କିନ୍ତୁ ମନୁଷ୍ୟ ପ୍ରତି ମିନିଟରେ ୧୮ରୁ ୨୨ ଥର ପର୍ଯ୍ୟନ୍ତ ନିଶ୍ୱାସ ପ୍ରଶ୍ୱାସ ନେଉଥିବାରୁ ୬୦ରୁ ୮୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ। ପ୍ରାଣାୟାମ ଅଭ୍ୟାସ ଫଳରେ ଶଣୀରରେ ପ୍ରାଣ ଶକ୍ତି ସଂଚରିତ ହୋଇ ଜୀବନକୁ ଧାରଣ କରେ। ଜୀବନ ଅର୍ଥ ଜୀବ - ପ୍ରାଣଧାରଣେ ଏବଂ ମୃତ୍ୟୁ ହେଉଛି ମୃଣ୍ଡ - ପ୍ରାଣତ୍ୟାଗେ ତେଣୁ ଶରୀରର ଯେଉଁ ପ୍ରାଣ ଓ ଅପାନ ବାୟୁ ଦୁହେଁ ଶରୀରକୁ ମୃତ୍ୟୁ ମୁଖରୁ ରକ୍ଷା କରନ୍ତି। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି ପ୍ରାଣାପାନୌ ମୃତ୍ୟୋର୍ମା ପାତ ସ୍ୱାହା। ଏହି ପ୍ରାଣାୟାମ ଅଭ୍ୟାସ ଦ୍ୱାରା ମନ ଭିତରେ ଥିବା ଅସତ୍ ଅବିଦ୍ୟା ଦୂର ହୋଇଥାଏ ଏବଂ ଏକାଗ୍ରତା ବଢ଼ିବାକୁ ଲାଗେ। ଫଳରେ ମନୁଷ୍ୟ ସାଧନାର ଉପରସ୍ତରକୁ ଧ୍ୟାନ ଓ ସମାଧି ସ୍ତରକୁ ନିଜକୁ ପ୍ରସ୍ତୁତ କରିପାରେ।



ଯୋଗାସନ ଦ୍ୱାରା ଆମେ ସ୍ଥୁଳ ଶରୀରର ବିକୃତିକୁ ଦୂର କରୁ କିନ୍ତୁ ପ୍ରାଣାୟାମ ଦ୍ୱାରା ସୂକ୍ଷ୍ମ ଶରୀରର ଉନ୍ନତି ଘଟିଥାଏ। ଯେଉଁମାନେ ଗଭୀର ଶ୍ୱାସ ନେବାରେ ଅଭ୍ୟସ୍ତ ନୁହଁନ୍ତି ସେମାନଙ୍କର ଫୁସଫୁସରେ ପ୍ରାୟ ଏକ ଚତୁର୍ଥାଂଶ ଭାଗ କାର୍ଯ୍ୟ ସକ୍ଷମ ହୋଇଥାଏ। ଅବଶିଷ୍ଟ ତିନି ଚତୁର୍ଥାଂଶ ଭାଗ ଏକ ପ୍ରକାର ନିଷ୍କ୍ରିୟ ହୋଇଥାଏ। ଫଳରେ ବହୁ ହୃଦରୋଗର ଶିକାରୀ ହୋଇଥାଏ। ଏହି କାରଣରୁ ଶରୀର ନିଷ୍କ୍ରିୟ ହୋଇ ବୀଜାତୀୟ ପଦାର୍ଥ ଜମି ରହି ଯକ୍ଷ୍ମା, କାଶ, ବ୍ରୋଙ୍କାଇଟସ ଭଳି ଭୟଙ୍କର ରୋଗ ମନୁଷ୍ୟକୁ ଆକ୍ରାନ୍ତ କରେ। ତେଣୁ ମନୁଷ୍ୟ ମାନସିକ ଭାରସାମ୍ୟ ହରାଇପଡ଼େ। ତେଣୁ ମନୁଷ୍ୟ ଶରୀରର ସୁସ୍ଥତା ସହିତ ମନର ସୁସ୍ଥତା ଅତ୍ୟନ୍ତ ଜରୁରୀ ଯାହାକି କେବଳ ଦୈନିକ ଯୋଗାଭ୍ୟାସ ଦ୍ୱାରା ସମ୍ଭବ ହୋଇଥାଏ। ଆଜି ହିଁ ଯୋଗାଭ୍ୟାସ କରନ୍ତୁ ଏବଂ ଏକ ସୁସ୍ଥ ଓ ସୁସ୍ଥ ମନର ଅଧିକାରୀ ହୁଅନ୍ତୁ।

ସମ୍ପାଦକ, ନିରାମୟ, କଟକ
ଦୂରଭାଷ : ୯୮୬୧୪୬୪୯୩୨



# ପର୍ଯ୍ୟଟନ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟ ସଚିବ



**ଭୁବନେଶ୍ୱର :** ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଭିତରକନିକା, ନୃସିଂହନାଥ ଓ ହରିଶଙ୍କର ପର୍ଯ୍ୟଟନ ପ୍ରକଳ୍ପଗୁଡିକର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ସବୁ ସ୍ଥାନରେ ପର୍ଯ୍ୟଟନ ସହାୟକ ଭିତିଭୂମି ପୂର୍ତ୍ତ ବିଭାଗ ମାଧ୍ୟମରେ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ପ୍ରକଳ୍ପ ସମ୍ବନ୍ଧିତ ବୈଷୟିକ, ଆର୍ଥିକ ଓ ନିରନ୍ତର ପରିଚାଳନା ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷା କରି ଏଥିପାଇଁ ତୁରନ୍ତ ଟେଣ୍ଡର ପ୍ରକ୍ରିୟା ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ଭିତରକନିକାରେ ସୃଷ୍ଟି କରାଯାଉଥିବା ପର୍ଯ୍ୟଟନ ସଂପତିର ରକ୍ଷଣାବେକ୍ଷଣ ଏବଂ ନିରନ୍ତର ପରିଚାଳନା ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଶ୍ରୀ ମହାପାତ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ସମସ୍ତ ଷ୍ଟେକ୍-ହୋଲଡ୍ରମାନଙ୍କୁ ସାମିଲକରି ସ୍ଥାନୀୟ କମିଟି ଗଠନ କରାହେବ। ଏହି କାର୍ଯ୍ୟରେ ଯଥା ସମ୍ଭବ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ସାମିଲ କରିବାକୁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଆଧୁନିକ ପର୍ଯ୍ୟଟନ ଭିତିଭୂମି ମାଧ୍ୟମରେ ସଂପୃକ୍ତ ଅଂଚଳରେ ନୂତନ ଜିବୀକା ନିର୍ବାହ ଓ ରୋଜଗାର ପନ୍ଥା ସୃଷ୍ଟି ହେବ। ଭିତରକନିକାର ଡାଙ୍ଗମାଳ, ଗୁପ୍ତି, ଖୋଲା ଏବଂ ଚାନ୍ଦବାଲି ଜୋନରେ ପର୍ଯ୍ୟଟନ ସୁବିଧା ସୃଷ୍ଟି କରାଯିବ। ପ୍ରାଥମିକ ଭିତିଭୂମି ଭାବେ ଆଗମନ ଓ ଆତିଥ୍ୟ କେନ୍ଦ୍ର, ରହଣୀ-କଟେଜ୍, ବନ୍ୟଜନ୍ତୁ ନିରୀକ୍ଷଣ ସୁବିଧା, ବାଖ୍ୟାନ କେନ୍ଦ୍ର, ଶୌଚାଳୟ ଗାଡ଼ି ପାର୍କିଂ ସ୍ଥାନ ଓ ଜେଟି ଆଦି ସ୍ଥାପନ କରାଯିବ। ତିନିଟି ପର୍ଯ୍ୟାୟରେ ବିଭିନ୍ନ ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟ କରାଯିବ। ପ୍ରଥମ ପର୍ଯ୍ୟାୟ ପ୍ରାଥମିକ ଭିତିଭୂମି ପାଇଁ ପ୍ରାୟ ୪୬.୨୩ କୋଟି ଟଙ୍କା ବିନିଯୋଗ କରାଯିବ। ଗୁପ୍ତି, ଖୋଳା ଏବଂ କସ୍ତୁରୀକଣ ଠାରେ ପର୍ଯ୍ୟଟନ ପ୍ରକଳ୍ପପାଇଁ ଜମି ଅଧିଗ୍ରହଣ ଓ ବିକାଶ କରିବାକୁ ମୁଖ୍ୟ ଶାସନ ସଚିବ ଇଡକୋଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାପଡ଼ାର ଜିଲ୍ଲାପାଳ ଏବଂ ରାଜନଗର ବନଖଣ୍ଡ ଅଧିକାରୀ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ କ୍ଷେତ୍ରସ୍ତରୀୟ ତଥ୍ୟ ସହ ଉପଯୁକ୍ତ ଭିତିଭୂମି ସଂପର୍କିତ ପରାମର୍ଶ ଦେଇଥିଲେ। ସେହିପରି ଚନ୍ଦ୍ରଭାଗାଠାରେ ବୋଟିଂ ଏବଂ ବେଳାଭୂମି ପର୍ଯ୍ୟଟନ ଭିତିଭୂମି ନିମନ୍ତେ ପ୍ରାୟ ୪୨ କୋଟି ଟଙ୍କା ବିନିଯୋଗ ହେବ। ବରଗଡ଼ ଜିଲ୍ଲାର ନୃସିଂହନାଥ ଏବଂ ବଲାଙ୍ଗିର ଜିଲ୍ଲାର ହରିଶଙ୍କର ପୀଠରେ ପର୍ଯ୍ୟଟନ ଭିତିଭୂମି ନିମନ୍ତେ ୪୬ କୋଟି ଟଙ୍କା ବିନିଯୋଗ କରାହେବ।

# ୨୭ରେ କେରଳ ଛୁଇଁବ ମୌସୁମୀ



**ନୂଆଦିଲ୍ଲୀ :** ଚାଷୀଙ୍କ ପାଇଁ ଖୁସି ଖବର। ପୂର୍ବବର୍ଷ ଗୁଡ଼ିକ ତୁଳନାରେ ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର କେରଳ ଛୁଇଁବ। ପ୍ରଚଣ୍ଡ ରୌଦ୍ରତାପରୁ ମିଳିବ ଆଶ୍ୱସ୍ତି। ଚଳିତବର୍ଷ ମେ' ୨୭ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବା ନେଇ ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ। ବର୍ତ୍ତମାନର ସ୍ଥିତିକୁ ଦେଖି ପାଣିପାଗ ବିଭାଗ ଏହି ଆକଳନ କରିଛି। ଯାହାକି ପୂର୍ବରୁ କରାଯାଇଥିବା ଆକଳନର ୪ ଦିନ ଆଗରୁ ମୌସୁମୀ କେରଳ ଛୁଇଁବ ବୋଲି କୁହାଯାଇଛି। ୨୦୧୭ରେ ମେ' ୩୦ରେ କେରଳ ଛୁଇଁଥିଲା ମୌସୁମୀ, ଯାହାକି ପାଣିପାଗ ବିଭାଗର ଆକଳନ ଥିଲା। ସେହିପରି ୨୦୨୧ରେ ମେ' ୩୧ରେ ମୌସୁମୀ ବାୟୁ କେରଳ ଛୁଇଁବ ବୋଲି ଆକଳନ କରାଯାଇଥିବା ବେଳେ ତାହା ଜୁନ ୩ରେ କେରଳ ଛୁଇଁଥିଲା। ସାଧାରଣତଃ ମୌସୁମୀ ବାୟୁ କେରଳ ଛୁଇଁବା ପରେ ପରେ ଧିରେ ଧିରେ ଅନ୍ୟ ଅଞ୍ଚଳକୁ ସଂପ୍ରସାରିତ ହୋଇଥାଏ। ଯଦି ଆଇଏମ୍‌ଡି ଆକଳନ ସଠିକ ହୁଏ ତେବେ ଓଡିଶାରେ ମୌସୁମୀ ବାୟୁ ଜୁନ ୪ରୁ ୧୦ ମଧ୍ୟରେ ଅନୁଭୂତ ହେବା ଆଶା କରାଯାଉଛି। ଅନ୍ୟପଟେ ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ୍ କହିଛି ଯେ, ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଠିକ ସମୟରେ ଆସିବ। ପ୍ରଥମ ଭାଗରେ ଭଲ ବର୍ଷା ହେବ। କିନ୍ତୁ ୨ୟ ଭାଗରେ ବର୍ଷାରେ ଅସ୍ଥିରତା ଦେଖାଯିବ ବୋଲି ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ କହିଛି। ସ୍କାଏମେଟର ରିପୋର୍ଟ ଅନୁସାରେ ଏଥର ମୌସୁମୀ ଉପରେ ଉଭୟ ଲା-ନିନା ଓ ଇଣ୍ଡିଆନ ଓସେନ ଡାଇପୋଲର ପ୍ରଭାବ ରହିବ। ଏହା ଯୋଗୁଁ ମୌସୁମୀ ଋତୁର ପ୍ରଥମ ଦୁଇ ମାସ-ଅର୍ଥାତ ଜୁନ ଓ ଜୁଲାଇରେ ଭଲ ବର୍ଷା ହେବ। ଏପରିକି ଏହି ଦୁଇ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। କିନ୍ତୁ ୨ୟ ଭାଗରେ ବୃଷ୍ଟିପାତରେ ଅସ୍ଥିରତା ଦେଖାଦେଇପାରେ ଓ ତାହା ସ୍ୱାଭାବିକଠାରୁ କମ ବର୍ଷା ହୋଇପାରେ। ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରରେ ବାୟୁମଣ୍ଡଳୀୟ ପରିସ୍ଥିତିରେ ପରିବର୍ତ୍ତନ ଯୋଗୁଁ ଏହା ହେବ। ସୂଚନାଯୋଗ୍ୟ ଯେ, ଭାରତରେ ଜୁନଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମୌସୁମୀର ପ୍ରଭାବ ରହିଥାଏ। ଏହି ୪ ମାସ ହିଁ ଦେଶରେ ଭଲ ବର୍ଷା ହୋଇଥାଏ। ଗତକାଲି ଭାରତୀୟ ପାଣିପାଗ ବିଭାଗ କହିଥିଲା ଯେ, ଆସନ୍ତା ରବିବାର ଅର୍ଥାତ୍ ମେ ୧୫ ତାରିଖରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚିବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଏହାର ପ୍ରଭାବରେ ଏହି ଦ୍ୱୀପପୁଞ୍ଜରେ ପ୍ରବଳ ବର୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ମୌସୁମୀ ଛୁଇଁବାର ପରବର୍ତ୍ତୀ ୫ ଦିନ ଆଣ୍ଡାମାନ ଓ ନିକୋବରରେ ପ୍ରବଳ ବର୍ଷା ଲାଗି ରହିବ। ଆସନ୍ତା ୨୭ ତାରିଖ ବେଳକୁ ମୌସୁମୀ କେରଳ ଛୁଇଁବ।

# ଜାତୀୟ ସ୍ତରରେ ଓଡ଼ିଶା ତୃତୀୟ; ବନକର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର:** ଭୁବନେଶ୍ୱର ବନଖଣ୍ଡ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ବନକର୍ମଚାରୀଙ୍କୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କରୋନା ସମୟରେ ବନକର୍ମଚାରୀଙ୍କ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ନବୀନ କହିଛନ୍ତି ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ୩୩.୫୦% ଜଙ୍ଗଲ ବୃଦ୍ଧି ଘଟିଛି। ଜାତୀୟ ସ୍ତରରେ ଆମ ରାଜ୍ୟ ଓଡ଼ିଶା ତୃତୀୟ ସ୍ଥାନ ହାସଲ କରିଛି। ଏହି କ୍ଷେତ୍ରରେ ବିଶ୍ୱରେ ଆମକୁ ନୂଆ ପରିଚୟ ମିଳିଛି। ଓଡ଼ିଶା ଜଙ୍ଗଲ ସମ୍ପଦ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ପାଲଟିଛି। ତାହା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହୁରି କହିଛନ୍ତି କି ଏହି ଜଙ୍ଗଲ ଯୋଜନା ଯୋଗୁ ୨୦ ଲକ୍ଷ ଲୋକ ଉପକୃତ ହୋଇଛନ୍ତି। ଏହି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଯୋଡିବା ପାଇଁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ୫ଟି ଅଧିନରେ ବୃକ୍ଷରୋପଣ କାର୍ଯ୍ୟ କରିବାକୁ କହିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ବନ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ତାଙ୍କ ଏହି କାର୍ଯ୍ୟ ଯୋଗୁ ସଫଳତା ମିଳିଥିବା କହିଛନ୍ତି। ବନ କର୍ମଚାରୀଙ୍କ ସଚେତନତା ଯୋଗୁ ଏପରି ସମ୍ଭବ ହୋଇପାରିଛି। ପୂର୍ବ ପରି ଜଙ୍ଗଲରେ ନିଆଁ ଲାଗିବା ୫୦ ପ୍ରତିଶତ କମିଛି। ଜଙ୍ଗଲର ସୁରକ୍ଷା ସହ ଜୀବଜନ୍ତୁଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ହାତୀଙ୍କ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରିବାକୁ ଗଜସାଥୀ ନିୟୋଜିତ କରାଯାଇଛି। କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଧ୍ୟ ତାଙ୍କର ବିବୃତି ରଖିଛନ୍ତି। ସେ କହିଛନ୍ତି ଏହି ଦିଗରେ ସାଧାରଣ ଲୋକଙ୍କ ସାହାଯତା ମଧ୍ୟ ଆବଶ୍ୟକ ରହିଛି। ୨୦୨୧-୨୨ରେ ୭୦ ହଜାର ୨୧୬ ପର୍ଯ୍ୟଟକ ଆସିଛନ୍ତି।

# ଜିଲ୍ଲାପରିଷଦ ପ୍ରଥମ ସାଧାରଣ ବୈଠକ



**ଜଗତ୍‌ସିଂହପୁର:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଷଷ୍ଠତମ ଜଗତ୍‌ସିଂହପୁର ଜିଲ୍ଲାପରିଷଦର ପ୍ରଥମ ସାଧାରଣ ବୈଠକ ଜିଲ୍ଲାପରିଷଦର ସଭାପତି ମନୋଜ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲାପରିଷଦର ସଭାପତି, ସମସ୍ତ ଅତିଥି ଓ ନବନିର୍ବାଚିତ ସମସ୍ତ ଜିଲ୍ଲାପରିଷଦ ସଭ୍ୟସଭ୍ୟାଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ଜଣାଇବା ସହିତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟଯେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ଆଗରୁ କେବେ ହୋଇନଥିବା ବେଳେ ଏହି କାର୍ଯ୍ୟକ୍ରମ କାହା ନିର୍ଦ୍ଦେଶ ବଳରେ ବା ଇଙ୍ଗିତରେ ଏଠାରେ କରାଗଲା ତାହା ନେଇ ବହୁ ବୁଦ୍ଧିଜୀବୀ ଓ ରାଜନୈତିକ ସମୀକ୍ଷକଙ୍କ ମହଲରେ ଆଲୋଚନା ହେଉଛି। କାରଣ ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟରେ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଅଭ୍ୟର୍ଥନା ପ୍ରକୋଷ୍ଠଟି ଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ହେବାକୁ ନେଇ ସଭ୍ୟ/ସଭ୍ୟାଙ୍କ ମନରେ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଏହି ବୈଠକରେ ଓଡ଼ିଶାର ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗ ଦେଇ କହିଥିଲେ ଯେ, ଜିଲ୍ଲାପରିଷଦର ସଭ୍ୟସଭ୍ୟାମାନେ ସାଧାରଣ ଲୋକଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ନେଇ ନିର୍ବାଚିତ ହୋଇଛନ୍ତି। ତେଣୁ ସେମାନେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଗକୁ ବଢ଼ିଲେ ସାଂସଦ ଓ ବିଧାୟକମାନେ ଆପଣମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ, ସହଯୋଗର ହାତ ବଢ଼ାଇବେ। ସରକାରଙ୍କ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ସବୁପ୍ରକାର ଚେଷ୍ଟା କରିବେ ଯାହା ଆମ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ଏହି ବୈଠକରେ ଜଗତ୍‌ସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ ଯୋଗଦେଇ କହିଥିଲେ ଯେ ଆମେ ସମସ୍ତେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇ ଆସିଛେ, ସେହି ଲୋକମାନଙ୍କର କାର୍ଯ୍ୟ ଓ ସେବା କରିବା ପାଇଁ ସମସ୍ତେ ସଂକଳ୍ପ ବଦ୍ଧ ହେବା ଉଚିତ। ଜଗତ୍‌ସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ବୈଠକରେ ଯୋଗଦେଇ କହିଥିଲେ ଯେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ଏହା ହେଉଛି ଏକ ମାପକାଠି। ନିର୍ବାଚିତ ପ୍ରତିନିଧିମାନେ ନିର୍ବାଚିତ ହୋଇ ଆସିଲାପରେ ଲୋକମାନଙ୍କର ସେବା କରିବା ପାଇଁ ଜାଗ୍ରତ ରହିବା ଉଚିତ୍। ଜଗତ୍‌ସିଂହପୁର ଜିଲ୍ଲା ଏକ ସଚେତନତାର ଜିଲ୍ଲା ତେଣୁ ନିର୍ବାହୀ ଅଧିକାରୀମାନେ ଜନପ୍ରତିନିଧିମାନଙ୍କ କଥାକୁ ଗୁରୁତ୍ୱ ଦେଇ ସକରାତ୍ମକ ମାର୍ଗରେ କାର୍ଯ୍ୟ କରିପାରିଲେ ଜିଲ୍ଲାର ବିକାଶ ହୋଇପାରିବ। ଏହି ବୈଠକରେ ଜିଲ୍ଲାପାଳ ପାରୁଲ ପଟୱାରୀ ଯୋଗଦେଇ କହିଥିଲେ ଯେ ପ୍ରତ୍ୟେକ ଜିଲ୍ଲାପରିଷଦ ସଭ୍ୟସଭ୍ୟାମାନେ ନିଜ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିକାଶମୂଳକ ଯୋଜନା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଜନସାଧାରଣ ଉପକୃତ ହୋଇପାରିବେ। ଏହି ବୈଠକ ପୂର୍ବରୁ ଜିଲ୍ଲାପରିଷଦର ସ୍ୱତନ୍ତ୍ର ବୈଠକର ବିବରଣୀକୁ ଦୃଢ଼ିକରଣ କରାଯାଇଥିବା ବେଳେ ଜିଲ୍ଲା ପରିଷଦର ଷ୍ଟାଣ୍ଡି କମିଟି ଗଠନ ନିମନ୍ତେ ପ୍ରସ୍ତାବ ବି ଗୃହୀତ ହୋଇଥିଲା। ବୈଠକ ସମୟରେ ଗ୍ରାମ୍ୟ ପରିମଳ ଓ ପାନୀୟ ଜଳଯୋଗାଣ ଉପରେ ଆଲୋଚନା କରାଯାଇ ପାନୀୟ ଜଳଯୋଗାଣ ପ୍ରକଳ୍ପ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ସହିତ ଆବଶ୍ୟକ ସ୍ଥାନରେ ନଳକୂପ ମରାମତି କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଅଗ୍ରଗତି, ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା, ଜଳସେଚନ ପ୍ରକଳ୍ପ ଇତ୍ୟାଦି କାର୍ଯ୍ୟ ସମ୍ପର୍କରେ ବି ଆଲୋଚନା ହୋଇଥିଲା। ଜିଲ୍ଲାପରିଷଦ ଉପସଭାପତି ସୁଜାତା ମହାନ୍ତି ବୈଠକରେ ଯୋଗଦେଇ ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି କହିଥିଲେ। କେତେକ ସଭ୍ୟ ଗ୍ରାମ୍ୟ ଜଳ ଯୋଗାଣ ଅବସ୍ଥାର ସୁଧାର ପାଇଁ ଦାବି ରଖିଥିବା ବେଳେ ଆଉ କେତେକ ମନରେଗା ଯୋଜନାରେ ଚାଲୁଥିବା ଅବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ସବୁଠାରୁ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଥିଲା ଯେ, ପାରାଦୀପ ବିଧାୟକ ଓ ତିର୍ତ୍ତୋଲ ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା ନା କ'ଣ ପାଇଁ ସେମାନେ ଅନୁପସ୍ଥିତ ଥିଲେ ତାହା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏପରିକି ସେମାନଙ୍କ ସମର୍ଥିତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ବୈଠକରେ ସମସ୍ତ ଜିଲ୍ଲାପରିଷଦ ସଭ୍ୟସଭ୍ୟା, ପ୍ରତିପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା, ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ଓ ବିଡିଓମାନେ ଉପସ୍ଥିତ ରହିଥିଲେ। ଶେଷରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଲୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାକୁ ଆଗେଇ ନେଇଥିଲେ।

# ଅଧାରୁ ପାଠ ଛାଡିଛନ୍ତି ୧.୪ଲକ୍ଷ ପିଲା

**ଭୁବନେଶ୍ୱର :** ପ୍ରଥମେ ମାଟ୍ରିକ୍ ଫର୍ମ ପୂରଣ କରି ପରୀକ୍ଷା ନ ଦେବା ଓ ଏବେ ୧ ଲକ୍ଷ ୪ ହଜାର ୨୭୨ ପିଲା ରାଜ୍ୟରେ ଅଧାରୁ ପାଠ ଛାଡ଼ିବା ଭଳି ଉଦ୍‌ବେଗଜନକ ତଥ୍ୟ ପଦାକୁ ଆସିଛି। ଏଥିରେ ୧୬-୧୮ ବର୍ଷୀୟ ପିଲା ଅଧିକ ଅଛନ୍ତି। ଏତେ ସଂଖ୍ୟକ ପିଲା ଅଧାରୁ ପାଠପଢ଼ା ଛାଡ଼ିବାରୁ ରାଜ୍ୟ ସରକାର ଶିକ୍ଷାର ପ୍ରଚାର ପ୍ରସାର ବାବଦରେ ନେଇଥିବା ପଦକ୍ଷେପ ଫେଲ୍ ମାରିଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ରାଜ୍ୟ ସରକାର ପିଲାଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବାକୁ ସ୍କୁଲଗୁଡ଼ିକୁ ଚକାଚକ୍ କରୁଛନ୍ତି । ଶିକ୍ଷାରେ ଯୋଜନା ପରେ ଯୋଜନା ହୋଇ ଚାଲିଛି। ତଥାପି ଏତେ ସଂଖ୍ୟକ ଛାତ୍ରଛାତ୍ରୀ କାହିଁକି ପାଠ ଛାଡ଼ିଛନ୍ତି ତାହା ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୨୧ରେ ହୋଇଥିବା ଘରୋଇ ସର୍ଭେ (ହାଉସ୍ ହୋଲ୍ଡ ସର୍ଭେ)ରେ ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କ ତଥ୍ୟ ମିଳିଛି। ୬ରୁ ୧୮ ବର୍ଷ ବୟସର ୧ ଲକ୍ଷ ୪ ହଜାର ୨୭୨ ପିଲା ଆଉ ପାଠ ପଢୁନାହାନ୍ତି ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ୬ରୁ ୧୦ ବର୍ଷ ବୟସର ପିଲା ଅଛନ୍ତି ୩ ହଜାର ୨୪ ଜଣ । ସେହିପରି ୧୧ରୁ ୧୩ ବର୍ଷ ବୟସରେ ଅଛନ୍ତି ୯୯୧୫ ଜଣ ପିଲା। ୧୪-୧୫ ବର୍ଷର ୨୫ ହଜାର ୪୨୯ ଜଣ ପିଲା ଅଧାରୁ ପାଠ ଛାଡ଼ିଥିବାବେଳେ ୧୬-୧୮ ବର୍ଷ ବୟସର ସର୍ବାଧିକ ୬୫ ହଜାର ୯୦୪ ଜଣ ଛାତ୍ରଛାତ୍ରୀ ଆଉ ପାଠ ପଢୁନାହାନ୍ତି କଳାହାଣ୍ଡିରୁ ୧୩,୯୮୧ ଓ କୋରାପୁଟରୁ ୧୩,୩୧୯ ଛାତ୍ରଛାତ୍ରୀ ସ୍କୁଲ ଯାଉନାହାନ୍ତି। ସେହିପରି ଅନୁଗୁଳରେ ୩୮୯୭, ବାଲେଶ୍ୱରରେ ୨୩୮୯, ବରଗଡ଼ରେ ୪୧୦୯, ଭଦ୍ରକରେ ୨୭୫୬, ବଲାଙ୍ଗୀରରେ ୩୧୨୩, ବୌଦ୍ଧରେ ୧୦୩୦, କଟକରେ ୧୧୪୦, ଦେବଗଡ଼ରେ ୧୫୪୪, ଢେଙ୍କାନାଳରେ ୩୭୦୬, ଗଜପତି ୧୨୨୫, ଗଞ୍ଜାମ ୩୫୯୧, ଜଗତସିଂହପୁର ୧୫୧୨, ଯାଜପୁର ୭୧୫, ଝାରସୁଗୁଡ଼ା ୭୧୯, କନ୍ଧମାଳ ୨୫୨୫, କେନ୍ଦ୍ରାପଡ଼ା ୨୦୦, କେନ୍ଦୁଝର ୫୧୬୯, ଖୋର୍ଦ୍ଧା ୨୬୩୨, ମାଲକାନଗିରି ୭୧୨୮, ମୟୂରଭଞ୍ଜ ୧୦୬୮, ନବରଙ୍ଗପୁର ୪୬୬୪, ନୟାଗଡ଼ ୧୬୦୦, ନୂଆପଡ଼ା ୩୭୨୧, ପୁରୀ ୮୪୧, ରାୟଗଡ଼ା ୬୩୮୯, ସମ୍ବଲପୁର ୩୪୦, ସୋନପୁର ୨୬୮୭ ଓ ସୁନ୍ଦରଗଡ଼ ଜିଲ୍ଲାରେ ୬୫୫୧ ଜଣ ଛାତ୍ରଛାତ୍ରୀ ଆଉ ପାଠ ପଢୁନାହାନ୍ତି। ଝିଅଙ୍କ ଅପେକ୍ଷା ପୁଅଙ୍କ ସଂଖ୍ୟା ଅଧିକ ରହିଛି। ଅଧାରୁ ପାଠ ଛାଡ଼ିଥିବା ଏସବୁ ପିଲାମାନେ କିଭଳି ପାଠ ପଢ଼ିବେ ସେନେଇ ଚିନ୍ତା ପ୍ରକଟ କରିଛନ୍ତି ଶିକ୍ଷାବିତ୍।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

## ରାଜୀବ କୁମାର ମୁଖ୍ୟ ନିର୍ବାଚନ କମିଶନର



**ନୂଆଦିଲ୍ଲୀ :** ରାଜୀବ କୁମାର ହେବେ ଦେଶର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର। ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ ମୁଖ୍ୟ ନିର୍ବାଚନ କମିଶନର ଥିବା ସୁଶୀଲ ଚନ୍ଦ୍ରା ମେ' ୧୪ରେ ଅବସର ଗ୍ରହଣ କରିବା ପରେ ମେ' ୧୫ରେ ରାଜୀବ କୁମାର ଦାୟିତ୍ୱ ଗ୍ରହଣ କରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଅଛି। ଉକ୍ତ ବିଜ୍ଞପ୍ତିକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଆଇନ ମନ୍ତ୍ରୀ କିରେନ୍ ରିଜିଜୁ ରାଜୀବ କୁମାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୩୬ ବର୍ଷର ଚାକିରି ଜୀବନରେ ରାଜୀବ କୁମାରଙ୍କର ବ୍ୟାପକ ପ୍ରଶାସନିକ ଅଭିଜ୍ଞତା ରହିଛି।

PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

## ଆବୁ ହଲିଫାର ଦୁମ୍ ହଲ୍‌ରେ ପ୍ରବାସୀ ଭାରତୀୟ ପରିଷଦ ସଂଗୀତ ସମାରୋହ

# ବିଶ୍ୱରଞ୍ଜନଙ୍କୁ କୁଏତରେ ସମ୍ବର୍ଦ୍ଧନା



**କୁଏତ :** ପ୍ରବାସୀ ଭାରତୀୟ ପରିଷଦ ପକ୍ଷରୁ ସଂଗୀତ ସମାରୋହ କାର୍ଯ୍ୟକ୍ରମ କୁଏତର ଆବୁ ହଲିଫାର ଦୁମ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। କୁଏତର ଏରିଆ ସଭାପତି ବିଶ୍ୱ ରଞ୍ଜନ ସାହୁଙ୍କୁ ବିପିପିର ସଭାପତି ବିନୋୟ ସେବାଷ୍ଟିଆନ ପ୍ରଶଂସା କରି ଥିଲେ। ଶ୍ରୀଯୁକ୍ତ ସାହୁ କୁଏତରେ ବିଭିନ୍ନ ସାମାଜିକ ଓ ଜନକଲ୍ୟାଣ କାର୍ଯ୍ୟକଳାପରେ ପ୍ରତକ୍ଷ୍ୟ ଭାବରେ ଜଡିତ ନିସ୍ୱାର୍ଥପର ଜନସେବାରେ ନିଜକୁ ନିୟୋଜକ କରି କୁଏତରେ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ମାନବିକତା ପରିଚୟ ସୃଷ୍ଟି କରିଛନ୍ତି। ଗୁଜରାଟରୁ ଦୁଇ ଜଣ ଶ୍ରମିକ ଏଜେଣ୍ଟ ଦ୍ୱାରା ଠକାମୀ ଶିକାର ହୋଇଥିଲେ ସେ ଦୁଇ ଜଣଙ୍କୁ ଭାରତୀୟ ଦୂତବାସର ସାହାଯ୍ୟରେ ନିଜର ରାଜ୍ୟକୁ ପଠାଇବାରେ ଶ୍ରୀଯୁକ୍ତ ସାହୁ ସହଯୋଗ କରିଥିଲେ। ପ୍ରବାସୀ ଭାରତୀୟର ବିଭିନ୍ନ ବର୍ଗର ଗାୟକମାନେ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ମାଷ୍ଟର ରୋହିତ ଶ୍ୟାମଙ୍କ ସମେତ ୨୦ ଜଣ ଗାୟକ ବଲିଉଡ ସଂଗୀତ ଗାଥାର ଭିନ୍ନ ଭିନ୍ନ ଗୀତ ଗାଇଥିଲେ। ଅନ୍ୟ ଗାୟକମାନଙ୍କ ମଧ୍ୟରେ ବିନୋଦ ପାଣ୍ଡିର, ବିନୋୟ ସେବାଷ୍ଟିଆନ, ଅକ୍ଷୟ ପଟେଲ, ଅସ୍ୱାତୀ ଶ୍ରୀନାଥ, ଉପସାନା ସିହ୍ନା, ମିତାଲି ଜାନା, ସନ୍ତୋଷ ରାଣା, ଯୋଗେଶ ପାଣ୍ଡ୍ୟା, ହେମାଗିନି ପାଣ୍ଡ୍ୟା, କ୍ଲିଫୋର୍ଡ ମିରାଣ୍ଡା, ସଙ୍ଗୀତାବେନ ବ୍ୟାସ, ସାଗର ବିସୱା, ମୃଣାଲ ସରମା, ତିର୍ଥ ପାଣ୍ଡ୍ୟା, ବିମଳ ବର୍ମନ, ମୁକେଶ ସେଠୀ ଏବଂ ସଞ୍ଜୟ ରାମି ଭାଗ ନେଇଥିଲେ. ଗାୟକମାନେ ଦେଶଭକ୍ତି ଗୀତ ଓ କବିତା ପାଠ କରିଥିଲେ। ଦେଶଭକ୍ତି ଭାବନାରେ ଆନନ୍ଦରେ ଉତ୍ସାହିତ ହୋଇ ଚମତ୍କାର ନୃତ୍ୟକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମାୟା ଧନେଶଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିପିପିର ସଭାପତି ବିନୋଇ ସେବାଷ୍ଟିଆନ୍ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିପିପିର ସାଧାରଣ ସମ୍ପାଦକ ସୁଧୀର ଭି ମେନନ୍ ସମେତ ସମସ୍ତ କେନ୍ଦ୍ରୀୟ କାର୍ଯ୍ୟକମିଟିର ସଭ୍ୟ ଯୋଗଦାନ କରିଥିଲେ। କର୍ଣ୍ଣାଟକ ୱିଙ୍ଗର ସ୍ୱେଚ୍ଛାସେବୀମାନେ ଅତିଥିମାନଙ୍କୁ ଉତ୍ସାହର ସହିତ ସେବା କରିଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**